R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୮୫
ତିଥି : ପ୍ରତିପଦ
୧୦ ଏପ୍ରିଲ ୨୦୨୪, ବୁଧବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 185
10 April 2024, Wednesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ବିପର୍ଯ୍ୟୟ ପରିଚାଳନାକୁ ପ୍ରଶଂସା କଲେ ସୋମ୍ନି ସାର୍ପ

ଭୁବନେଶ୍ୱର, ୯।୪ (ସବ୍ୟ) : ରାଜ୍ୟ ସରକାରଙ୍କର ବିପର୍ଯ୍ୟୟ ପରିଚାଳନା, ଖାଦ୍ୟ ସୁରକ୍ଷା, ୫-ଟି ପ୍ରଶାସନ ଓ ଏଚ୍‌ଡିଆଇ ସୂଚାଙ୍କ ଏବଂ ମିଲେଟ୍ ମିଶନକୁ ଜାତିସଂଘର ଆବାସିକ ସଂଯୋଜକ ସୋମ୍‌ଭି ସାର୍ପ ପ୍ରଶଂସା କରିଛନ୍ତି । ଶ୍ରୀ ସାର୍ପ ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରି ଓଡ଼ିଶାର ବିକାଶର ରାସ୍ତା ଏବଂ ଜାତିସଂଘର ବିଭିନ୍ନ ସଂସ୍ଥା ସହ ସହଭାଗିତା ନେଇ ଆଲୋଚନା କରିଛନ୍ତି । ସେ ଉଲ୍ଲେଖ କରିଥିଲେ ଯେ ଜାତିସଂଘର ବିଭିନ୍ନ ସଂସ୍ଥାକୁ ଓଡ଼ିଶା ସରକାର ସହଯୋଗ କରିବାରୁ ଭାଗିଦାରିତାରେ ଅନେକ କାର୍ଯ୍ୟ ସଫଳ ହୋଇଛି ।

ମାନବସମ୍ବଳ ବିକାଶ ସୂଚାଙ୍କରେ ଉନ୍ନତି ଆଣିବାରେ ରାଜ୍ୟ ସରକାରଙ୍କୁ ସେ ପ୍ରଶଂସା କରିଛନ୍ତି । ସେହିଭଳି ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଭୂମିକାକୁ ମଧ୍ୟ ସଠିକ୍ ଦର୍ଶାଇଛନ୍ତି । ଓଡ଼ିଶା ହେଉଛି ଏକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ୧୯୯୯ ମହାବାତ୍ୟାରେ ରାଜ୍ୟ ଧ୍ୱସ୍ତବିଧ୍ୱସ୍ତ ହୋଇଥିଲା । ଏହାପରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିଲେ । ସେ କ୍ଷମତାକୁ ଆସିବା ପରେ ବିପର୍ଯ୍ୟୟ ପରିଚାଳନାକୁ ପ୍ରାଥମିକତା ଦେବାସହ ସମଗ୍ର ରାଜ୍ୟରେ ବିଭିନ୍ନ ଲୋକଙ୍କୁ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟ କରିଛନ୍ତି । ଆଜି ଓଡ଼ିଶା ବିପର୍ଯ୍ୟୟ

ଖାଦ୍ୟ ସୁରକ୍ଷା, ୫-ଟି ପ୍ରଶାସନ, ମିଲେଟ୍ ମିଶନ ଭଲ ପ୍ରଚେଷ୍ଟା

ପରିଚାଳନାରେ ଏକ ଅଗ୍ରଣୀ ରାଜ୍ୟର ସ୍ୱୀକୃତି ପାଇଛି । ୨୦୧୩ରେ ଫାଇଲିନ୍‌ର ସଫଳ ମୁକାବିଲା ପାଇଁ ଜାତିସଂଘରୁ ପୁରସ୍କୃତ ମଧ୍ୟ ହୋଇଛି । ନ୍ୟୁୟର୍କ ଟାଇମ୍ସରେ ଓଡ଼ିଶାର ଫନି ପରିଚାଳନା ପ୍ରଥମ ପୃଷ୍ଠାରେ ସ୍ଥାନିତ ହେବାସହ ଅନ୍ୟ ରାଷ୍ଟ୍ରଗୁଡ଼ିକ ଓଡ଼ିଶାରୁ ଶିଖିବା ପାଇଁ କୁହାଯାଇଛି । ସେହିଭଳି ଖାଦ୍ୟ ସୁରକ୍ଷା ଓ ମିଲେଟ୍ ମିଶନକୁ ସେ ପ୍ରଶଂସା କରିଛନ୍ତି । ୨୦୨୩ରେ ଜାତିସଂଘ ମଧ୍ୟ ମିଲେଟକୁ ଆନ୍ତର୍ଜାତୀୟ ବର୍ଷ ଭାବେ ଘୋଷଣା କରିଛି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ପ୍ରଣୟନରେ ଓଡ଼ିଶା ଏକ ନମ୍ବର ହୋଇଛି । ପୂର୍ବରୁ ଅନାହାର ମୃତ୍ୟୁ ହେଉଥିବା ରାଜ୍ୟ ଏବେ ଏକ ବଳକା ଖାଦ୍ୟ ରାଜ୍ୟ ହୋଇପାରିଛି । (୯ ପୃଷ୍ଠାରେ)

ଏଥର ମୌସୁମୀ ସ୍ୱାଭାବିକ

ନୂଆଦିଲ୍ଲୀ, ୯।୪ : ଏଥର ମୌସୁମୀ ସ୍ୱାଭାବିକ ହେବ ବୋଲି ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ସ୍କାଏମେଟ୍ ଆକଳନ କରିଛି । ଏଥର ମୌସୁମୀରେ ସ୍ୱାଭାବିକ ଭାବେ ଲଙ୍ଗ ପିରିୟଡ୍ ଆଭରେଜ୍

ସ୍କାଏମେଟ୍‌ର ଆକଳନ

(ଏଲ୍‌ପିଏ)ରେ ୧୦୨% ବର୍ଷା ହୋଇପାରେ ବୋଲି ଆକଳନ କରାଯାଇଛି । ସ୍ୱାଭାବିକ ଭାବେ ଜୁନ୍ ୧ରେ ମୌସୁମୀ କେରଳ ଛୁଇଁଥାଏ ଓ ଜୁଲାଇ ୧୫ ସୁଦ୍ଧା ଏହା ଧୀରେଧୀରେ ଅଗ୍ରସର ହୋଇ ସମଗ୍ର ଦେଶକୁ ଛୁଇଁଥାଏ । ଆକଳନ ଅନୁଯାୟୀ ୫% କମ୍ କିମ୍ବା ଅଧିକ ବର୍ଷା ହୋଇପାରେ ।

ଜୁନ୍‌ର ସେପ୍ଟେମ୍ବର ମଧ୍ୟରେ ୮୬୮.୬ ମିମି ବର୍ଷା ହୋଇପାରେ । ସେହିଭଳି ବର୍ଷାର ଏଲ୍‌ପିଏ ୯୬ ରୁ ୧୦୪% ରହିବ ବୋଲି ସ୍କାଏମେଟ୍ ଆକଳନ କରିବା ସହ ଏଥିରେ ୧୦% ଅଧିକ ହେବ ବୋଲି ମଧ୍ୟ ଆଶା କରିଛି । ଆକଳନ ଅନୁଯାୟୀ ଦ୍ୱିତୀୟ ଭାଗରେ ପ୍ରଥମ ଅପେକ୍ଷା ଅଧିକ ଭଲ ସ୍ଥିତି ରହିବ । ଦେଶର ଦକ୍ଷିଣ, ପଶ୍ଚିମ ଏବଂ ଉତ୍ତର-ପଶ୍ଚିମ ଅଞ୍ଚଳରେ ପର୍ଯ୍ୟାପ୍ତ ଏବଂ ଭଲ ବର୍ଷା ଥିବା ଅନୁମାନ କରାଯାଇଛି । ମଧ୍ୟପ୍ରଦେଶ, ମହାରାଷ୍ଟ୍ରରେ ଭଲ ବର୍ଷାର ସମ୍ଭାବନା ରହିଛି । ଜୁଲାଇ ଓ ଅଗଷ୍ଟରେ ବିହାର, ଓଡ଼ିଶା ଓ ପଶ୍ଚିମବଙ୍ଗରେ କମ୍ ବର୍ଷା ନେଇ ଅନୁମାନ ହୋଇଛି । ଉତ୍ତର-ପୂର୍ବ ଭାରତରେ ମୌସୁମୀ ଆରମ୍ଭରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ । (୯ ପୃଷ୍ଠାରେ)

କାମରେ ଆସୁନି 'ସୁଯୋଗ'

ଭୁବନେଶ୍ୱର, ୯।୪ (ସବ୍ୟ) : ସାରା ରାଜ୍ୟରେ 'ସୁଯୋଗ' ପୂରା ଠପ୍ ହୋଇଯାଇଛି । ଓଳିଏ ଚାଲିଲେ ଦିନ ତମାମ ଅଚଳ । କେବଳ ବିଏମ୍‌ସି କି ବିଡିଏରେ ନୁହଁ, ସମସ୍ତ ମହାନଗର ନିଗମରେ ମଧ୍ୟ ଏଭଳି

ବିଏମ୍‌ସି, ବିଡିଏ ପ୍ଲାନିଂ ସେଲ କାର୍ଯ୍ୟ ଠପ୍
ସପ୍ତାହରେ ଘଣ୍ଟାଏ ଖୋଲୁଛି ବାକି ଦିନ ଅଚଳ
ସର୍ଭରକୁ ଦୋଷ ଦେଇ ଖସିଯାଉଛନ୍ତି ପ୍ଲାନିଂ କର୍ତ୍ତୃପକ୍ଷ
ବିଏମସିରେ ୨ହଜାର, ବିଡିଏରେ ୮୦୦ ଫାଇଲ ଗଡୁଛି

ସମସ୍ୟା ଦେଖିବାକୁ ମିଳିଛି । ଫଳରେ ଅସୁବିଧା ଭୋଗୁଛନ୍ତି ସହରବାସୀ । 'ସୁଯୋଗ'କାହା ସ୍ୱାର୍ଥରେ ବୋଲି ଆବେଦନକାରୀ କହିଛନ୍ତି ।

ମହାନଗର ନିଗମାଞ୍ଚଳ ଗୁଡିକ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଆସୁଛି । ଏସବୁ ଅଞ୍ଚଳରେ ଘର ନିର୍ମାଣ କରିବାକୁ ହେଲେ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅନୁମତି ନେବା ଆବଶ୍ୟକ । ଘର ନିର୍ମାଣ କରିବାକୁ ହେଲେ ପ୍ଲାନ ମଞ୍ଜୁର ଲାଗି ପ୍ଲାନିଂ ବିଭାଗ ରହିଛି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ଲାନ ମଞ୍ଜୁରରେ ସ୍ୱଚ୍ଛତା ଆସିବା ଲାଗି ଅନ୍‌ଲାଇନ ବ୍ୟବସ୍ଥା କରାଯାଇଛି । 'ସୁଯୋଗ' ୱେବସାଇଟ ମାଧ୍ୟମରେ ସହରବାସିନ୍ଦା ଘର ଓ ଜାଗାର ପ୍ଲାନ ମଞ୍ଜୁର ପାଇଁ ଆବେଦନ କରୁଛନ୍ତି । ହେଲେ 'ସୁଯୋଗ' ଅଚଳ ହୋଇ ପଡିଛି ।

ସୁଯୋଗ ୱେବସାଇଟକୁ କେହି ଆକ୍ସେସ କରିପାରୁନାହାନ୍ତି । ପ୍ଲାନ ମଞ୍ଜୁର ପାଇଁ ଆବେଦନ କରିଥିବା ଫାଇଲ ଗୁଡିକ ତଦାରଖ ଲାଗି ଆକ୍ସେସ ପାଇଁ ତିନୋଟି ମାଧ୍ୟମ ରହିଛି । ଆରକିଟେକ୍‌ଚର ଆଇଡି ଓ ସିଟିଜେନ ଆଇଡି, ଅଫିସର ଆଇଡି । 'ସୁଯୋଗ'ର ଏହି ଆଇଡି ଘଣ୍ଟାଏ ଖୋଲିଲେ ବାକି ସମୟ ବନ୍ଦ ହୋଇଯାଉଛି । ଏପରିକି ଆସିଷ୍ଟାଣ୍ଟ ଟାଉନ୍ ପ୍ଲାନର (ଏଟିପି)ଙ୍କ (୯ ପୃଷ୍ଠାରେ)

ସମ୍ବଲପୁରରେ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବନ୍ଦ

ସମ୍ବଲପୁର, ୯।୪ (ସବ୍ୟ) : ସମ୍ବଲପୁରରେ ପ୍ରତିବର୍ଷ ବହୁ ଆଡମ୍ବର ସହକାରେ ହନୁମାନ ଜୟନ୍ତୀ ପାଳିତ ହୋଇଥାଏ । ଚଳିତବର୍ଷ ନିର୍ବାଚନ ଆଚରଣ ବିଧି ଲାଗୁ ସହ ବିଗତ ବର୍ଷ ସାଂପ୍ରଦାୟିକତା ହିଂସାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ବନ୍ଦ କରାଯାଇଛି । ଏଥିସହ ପୂର୍ବରୁ ଆୟୋଜିତ ହେଉଥିବା ବାଇକ୍ ରାଲିକୁ ମଧ୍ୟ ପ୍ରଶାସନ ଅନୁମତି ଦେଇନାହିଁ । ତେବେ କେବଳ ମନ୍ଦିର ଓ ପଡା ଗୁଡିକରେ ପାରମ୍ପରିକ ଭାବେ ପୂଜାର୍ଚ୍ଚନା କରିବାକୁ ନିଷ୍ପତି ନିଆଯାଇଛି । ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଡିଆରଡିଏ ସମ୍ମିଳନୀ କକ୍ଷରେ ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ଶାନ୍ତି ଏବଂ ସମନ୍ୱୟ କମିଟି ବୈଠକରେ ଏହି ନିଷ୍ପତି ନିଆଯାଇଛି । ବୈଠକରେ ବିଭିନ୍ନ କମିଟିର କର୍ମକର୍ତ୍ତାଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା । ପର୍ବକୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ନିଜନିଜ ଘରେ ପାଳନ କରିବାକୁ ଅନୁରୋଧ କରାଯାଇଥିଲା । ହନୁମାନ ଜୟନ୍ତୀରେ ଶୋଭାଯାତ୍ରା , ଆଖଡା ସହ ବାଇକ ରାଲି ହେବ ନାହିଁ । ଆଗକୁ ନିର୍ବାଚନ ଓ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବାରୁ ଏହି ନିଷ୍ପତି ନିଆଯାଇଛି । ବୈଠକରେ ବିଭିନ୍ନ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବ ଅନୁଯାୟୀ ପୋଲିସ ନଜର ରଖିବ । ପ୍ରସ୍ତାବ ଅନୁଯାୟୀ କେତେକ ସ୍ଥାନରେ ସିଆରପିଏଫ୍ ଓ ସ୍ଥାନୀୟ ପୋଲିସ ମୁତୟନ ଆଜି ଠାରୁ ଆରମ୍ଭ ହୋଇଯାଇଛି । ଗତବର୍ଷର ଘଟଣା ପରେ ଶାନ୍ତି କମିଟି ନିଷ୍ପତି ଅନୁଯାୟୀ ବର୍ଷକ ପାଇଁ କୌଣସି ବଡ ଶୋଭାଯାତ୍ରା କରାଯିବ ନାହିଁ । ଆଗକୁ ନିର୍ବାଚନ , ମତଦାନକୁ ଅବାଧ ଓ ମୁକ୍ତ କରିବା ପାଇଁ ଚଳିତବର୍ଷ ପର୍ବଗୁଡିକୁ ନିଡାମ୍ବର ଭାବେ କରାଯିବ । ତେବେ ଶ୍ରୀରାମ ନବମୀ , ହନୁମାନ ଜୟନ୍ତୀକୁ ଘର ଓ ପଡାରେ ପାଳନ କରିବାକୁ ବୈଠକରେ ନିଷ୍ପତି ନିଆଯାଇଛି ।

ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ଗତ ୧୨ ଏପ୍ରିଲ, ୨୦୨୩ରେ ଏକ ବିଶାଳ ବାଇକ ଶୋଭାଯାତ୍ରା ହୋଇଥିଲା । ସହରର ଧନୁପାଲି ଥାନା ଅନ୍ତର୍ଗତ ମୋତିଝରନ ନିକଟରେ ଏକ ଭିନ୍ନ ସଂପ୍ରଦାୟର ଲୋକେ ରାଲି ଉପରକୁ ପଥରମାଡ କରିଥିଲେ । ଏଥିସହ ଧାରୁଆ ଅସ୍ତ୍ରରେ ଆକ୍ରମଣ ମଧ୍ୟ କରିଥିଲେ । ଏଥିରେ ବହୁ ପୋଲିସ କର୍ମଚାରୀ ସହ ହନୁମାନ ପ୍ରେମୀ ଆହତ ହୋଇଥିଲେ । (୯ ପୃଷ୍ଠାରେ)

କଳିଙ୍ଗ ଷ୍ଟାଡିୟମର ଭିତ୍ତିଭୂମି ଦେଖି ଅଭିଭୂତ ହେଲେ ସୋମ୍ନି ସାର୍ପ

ଭୁବନେଶ୍ୱର, ୯।୪ (ସବ୍ୟ) : ଜାତିସଂଘର ଆବାସିକ ସଂଯୋଜକ ସୋମ୍ନି ସାର୍ପ କଳିଙ୍ଗ ଷ୍ଟାଡିୟମ୍ ଯାଇ ସେଠାରେ ତାଙ୍କର ଅନୁଭୂତି ସମ୍ପର୍କରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସହ ଆଲୋଚନା କରିଛନ୍ତି । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଯୋଗୁ କ୍ରୀଡା କ୍ଷେତ୍ରରେ ଓଡ଼ିଶା ଭଲ ରୂପାନ୍ତରିତ ହୋଇଛି । ଏହି ବୈଠକରେ ଆବାସିକ କମିଶନର କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଏହା ପୂର୍ବରୁ ସେ କଳିଙ୍ଗ ଷ୍ଟାଡିୟମ ଯାଇ ସେଠାରେ ଥିବା ବିଭିନ୍ନ ସୁବିଧା ଅନୁଧ୍ୟାନ କରିଥିଲେ । ଇନ୍‌ଡୋର ଆଥଲେଟିକ୍ ସେଣ୍ଟର, ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟ ଓ ଆକ୍ୱାଟିକ୍ ସେଣ୍ଟର ପରିଦର୍ଶନ କରିଥିଲେ ।

ଏହି ସୁବିଧା ସୁଯୋଗ ଦେଖି ସେ କହିଥିଲେ ଯେ ବିଶ୍ୱସ୍ତରୀୟ ଭିତ୍ତିଭୂମି କ୍ରୀଡାବିତ୍‌ଙ୍କ ଲାଗି ପ୍ରସ୍ତୁତ କରାଯାଇଛି । ବାସ୍ତବ କ୍ଷେତ୍ରରେ ଏହା ଅତ୍ୟନ୍ତ ଉନ୍ନତମାନର । ପୂର୍ବରୁ ସେ ଏଭଳି କେବେ (୯ ପୃଷ୍ଠାରେ)

୧୨ ଯାଏ କାଳବୈଶାଖୀ : ୧୩ରୁ ପୁଣି ତାତି

ଭୁବନେଶ୍ୱର, ୯।୪ (ସବ୍ୟ) : ଆଗାମୀ ୪ଦିନ ତାତିରୁ ମିଳିବ ଆଶ୍ୱସ୍ତି । କାଳବୈଶାଖୀ ବର୍ଷାର ସମ୍ଭାବନା ଯୋଗୁ ପାରଦ ଉପରମୁହାଁ ହେବନି । ତେବେ ୧୩ ତାରିଖରୁ ରାଜ୍ୟରେ ପୁଣି ତାତି ଫେରିବ । ଆଭ୍ୟନ୍ତର ଓ ପଶ୍ଚିମ ଓଡିଶାର କେତେକ ଅଞ୍ଚଳରେ ତାପମାତ୍ରା ୪୦ଡିଗ୍ରୀ ଛୁଇଁବା ସମ୍ଭାବନା ଅଛି ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର କହିବାନୁଯାୟୀ, ୧୩ ତାରିଖ ପରଠାରୁ ରାଜ୍ୟରେ ପଶ୍ଚିମ ତଥା ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁର ପ୍ରଭାବ ବୃଦ୍ଧି ପାଇବ । ପୁଣି ଦିନ

୧୬ରେ ଭୁବନେଶ୍ୱର ସବୁଠୁ ଉତ୍ତପ୍ତ
ଆଭ୍ୟନ୍ତର, ପଶ୍ଚିମ ଓଡ଼ିଶାରେ ୪୦° ଟପିବ

ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ବଢିପାରେ । ଆଭ୍ୟନ୍ତରୀଣ ଏବଂ ପଶ୍ଚିମ ଓଡ଼ିଶାର ବହୁ ଅଞ୍ଚଳରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ କିମ୍ବା ତା'ଠାରୁ ଊର୍ଦ୍ଧ୍ୱ ବଢିବାର ସମ୍ଭାବନା ରହିଛି ।

ଆସନ୍ତାକାଲି ବୁଧବାରଠାରୁ ୧୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ହୋଇପାରେ । ତେବେ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ପାଇଁ କାଳବୈଶାଖୀ ଲାଗି ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି । ପୁରୀ, ଖୋର୍ଦ୍ଧା, ନୟାଗଡ, ସୋନପୁର, ଭଦ୍ରକ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ରାୟଗଡା ଆଦି ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଘଡଘଡି ସହ ବର୍ଷା ହୋଇପାରେ ।

ସେପଟେ କୃଷି ଓ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି- ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟରେ ଆଂଶିକ (୯ ପୃଷ୍ଠାରେ)

ମହାରାଷ୍ଟ୍ରରେ ଇ.ଣ୍ଡି.ଆ ଆସନ ବୁଝାମଣା ଚୂଡାନ୍ତ

ନୂଆଦିଲ୍ଲୀ, ୯।୪ : ବିରୋଧୀ ମେଣ୍ଟ ଇଣ୍ଡିଆର ଗୋଟିଏ ପରେ ଗୋଟିଏ ରାଜ୍ୟରେ ବୁଝାମଣା ଚୂଡାନ୍ତ ହେବାରେ ଲାଗିଛି । ବିହାର, ଦିଲ୍ଲୀ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଜମ୍ମୁ-କାଶ୍ମୀର ସମେତ ଅଧିକାଂଶ ରାଜ୍ୟରେ ସହଯୋଗୀ ଦଳସହ କଂଗ୍ରେସ ତାର ଆସନ ବୁଝାମଣା ଚୂଡାନ୍ତ କରିଥିବାବେଳେ ଆଜି ମହାରାଷ୍ଟ୍ରରେ ମହାବିକାଶ ଅଘାଡି ମେଣ୍ଟର ଆସନ ବୁଝାମଣା ତୁଟିଛି । ଉତ୍ତରପ୍ରଦେଶ ପରେ ମହାରାଷ୍ଟ୍ରରେ ହେଉଛି ସର୍ବାଧିକ ୪୮ ଲୋକସଭା ଆସନ । ନିର୍ବାଚନ ଆରମ୍ଭ ହେବାର ୧୦ ଦିନ ପୂର୍ବରୁ ଆସନ ବୁଝାମଣା ଚୂଡାନ୍ତ ହୋଇଥିବାରୁ ବିରୋଧୀ ମେଣ୍ଟ ପାଇଁ ଏକ ନୂଆ ଆଶା ସଞ୍ଚାର ହୋଇଛି ।

ପୂର୍ବ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା ଗୋଷ୍ଠୀ ସର୍ବାଧିକ ୨୧ ଲୋକସଭା ଆସନରେ ନିର୍ବାଚନ ଲଢ଼ିବା ଉପରେ ଚୂଡାନ୍ତ ହୋଇଥିବାବେଳେ କଂଗ୍ରେସ ୧୭ ଓ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପି ୧୦ ସ୍ଥାନରେ ନିର୍ବାଚନ ଲଢ଼ିବ । ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହି ଘୋଷଣା କରାଯାଇଛି । ଠାକରେଙ୍କ ମୁମ୍ବାଇର ୬ ଆସନରେ ନିର୍ବାଚନ ଲଢ଼ିବାକୁ ଥିବାବେଳେ କଂଗ୍ରେସ ଉତ୍ତରାଞ୍ଚଳ ଓ ଉତ୍ତର କେନ୍ଦ୍ରରେ ନିର୍ବାଚନ ଲଢ଼ିବ । ସେହିଭଳି ସାଙ୍ଗିଲି ଓ ଭିୱାଣ୍ଡିକୁ ନେଇ ମଧ୍ୟ ଆସନ ବୁଝାମଣା ସରିଛି । କଂଗ୍ରେସ ନେତା ନାନା ପଟେଲ କହିଛନ୍ତି ଯେ ସମସ୍ତ ସମସ୍ୟା ସମାଧାନ ହୋଇଯାଇଛି । ଆମ କର୍ମୀମାନେ ମିଳିତ ଭାବେ ମହାବିକାଶ ଅଘାଡି ପ୍ରାର୍ଥୀଙ୍କ ପାଇଁ କାମ କରିବେ । ଆମେ ଏହି ଏକଛତ୍ରବାଦ ସରକାର ବିରୋଧରେ ଲଢ଼େଇ କରିବାକୁ ନିଷ୍ପତ୍ତି ନେଇଛୁ । ନିଷ୍ଠାର ସହ ସମଗ୍ର ଦେଶରେ ଆମ କର୍ମୀମାନେ କାର୍ଯ୍ୟ କରୁଛନ୍ତି । ଏଥର ଆମେ ବିଜେପିକୁ କାଢ଼ି ଫୋପାଡି ଦେବାପାଇଁ କାର୍ଯ୍ୟ କରିଛୁ । ବର୍ତ୍ତମାନ ସମୟ ଆସିଛି ଆମେ

ଶିବସେନା (ୟୁବିଟି) ୨୧, କଂଗ୍ରେସ ୧୭, ଏନ୍‌ସିପି ୧୦ ଆସନରେ ଲଢ଼ିବ

ଆଗକୁ ବଢ଼ିବୁ ବୋଲି ଶ୍ରୀ ଠାକ୍‌ରେ କହିଛନ୍ତି । ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ନିର୍ବାଚନ ଜିତିବା ଓ ଆମେ ଜିତିବୁ । ଶରଦ ପାୱାର କହିଛନ୍ତି ଯେ ପ୍ରାର୍ଥୀଙ୍କ ନାମ ଖୁବ୍‌ଶୀଘ୍ର ଘୋଷଣା (୯ ପୃଷ୍ଠାରେ)

ଏନ୍‌ଏଚ୍-୫୫କୁ ନେଇ ଧର୍ମେନ୍ଦ୍ରଙ୍କୁ ଘେରିଲେ ପ୍ରଣବ

ଭୁବନେଶ୍ୱର, ୯।୪ (ସବ୍ୟ) : ସମ୍ବଲପୁର-କଟକ ଏନ୍‌ଏଚ୍-୫୫ର ଦୂରାବସ୍ଥା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପ୍ରଣବ ପ୍ରକାଶ ଦାସ ଆକ୍ଷେପ କରିଛନ୍ତି । ସୋସିଆଲ ମିଡିଆରେ ଶ୍ରୀ ଦାସ ଉଲ୍ଲେଖ କରିଛନ୍ତି ଯେ ଏନ୍‌ଏଚ୍-୫୫ର ଦୂରାବସ୍ଥା ଯୋଗୁ ଗତ ୧୦ ବର୍ଷରେ ୨୦୦ରୁ ଅଧିକ ଦୁର୍ଘଟଣାରେ ୪୦୦ରୁ ଅଧିକ ମୂଲ୍ୟବାନ ଜୀବନ ଯାଇଛି । ଏଥିପାଇଁ କିଏ ଦାୟୀ । କାହାର ଅପାରଗତା ଓ ସ୍ଥାଣୁତା ଯୋଗୁ ଏଭଳି ଘଟିଛି । ଆପଣ ୧୦ ବର୍ଷ କେନ୍ଦ୍ରମନ୍ତ୍ରୀ ଥାଇ ମଧ୍ୟ ସାମାନ୍ୟ ରାସ୍ତାକାମ କରିପାରିଲେ ନାହିଁ । ଏହାଠୁ ବଡ ବିଫଳତା କଣ ହୋଇପାରେ । ସମ୍ବଲପୁରବାସୀଙ୍କୁ ଆପଣ କିଭଳି ସାମ୍ନା କରିବେ । ଯାହାଙ୍କ ଜୀବନରେଖାକୁ ଆପଣ ବିପର୍ଯ୍ୟସ୍ତ କରି ରଖିଛନ୍ତି ସେମାନଙ୍କୁ କିଭଳି ଭେଟିବେ । କେନ୍ଦ୍ରମନ୍ତ୍ରୀ ଭାବେ ଆପଣଙ୍କ ୧୦ ବର୍ଷର ବିଫଳତାର ଚିଠା ସମ୍ବଲପୁରବାସୀଙ୍କ ପାଖରେ ଅଛି । ଜନସାଧାରଣ ଆପଣଙ୍କୁ ଉଚିତ୍ ଯବାବ ଦେବେ ବୋଲି ସେ ଉଲ୍ଲେଖ କରିଛନ୍ତି ।

ସୂଚନାଯୋଗ୍ୟ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବାବେଳେ ବିଜେଡି ପ୍ରାର୍ଥୀ ଭାବେ ପ୍ରଣବ ପ୍ରକାଶ ଦାସ ନିର୍ବାଚନ ଲଢୁଛନ୍ତି ।

ବଢୁଛି ସମୁଦ୍ର ପ୍ରଦୂଷଣ

ପ୍ରଦୂଷଣ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ ସମସ୍ୟା ଭାବେ ଉଭା ହୋଇଛି । ଏଥିପାଇଁ ସବୁ ଦେଶ ଚିନ୍ତା ପ୍ରକଟ କରୁଥିବାବେଳେ ଅଷ୍ଟ୍ରେଲିଆର ବୈଜ୍ଞାନିକମାନେ ଦେଇଥିବା ରିପୋର୍ଟ ବର୍ତ୍ତମାନ ଚର୍ଚ୍ଚାକୁ ଖୋରାକ ଯୋଗାଇଛି । ଅଷ୍ଟ୍ରେଲିଆର ନ୍ୟାସନାଲ ସାଇନ୍ସ ଏଜେନ୍ସିର ରିପୋର୍ଟ ଅନୁସାରେ ବର୍ତ୍ତମାନ ସମୁଦ୍ରରେ ପାଖାପାଖି ୧୧ ମିଲିଅନ ଟନ୍ ପ୍ଲାଷ୍ଟିକ ରହିଛି, ଯାହା ଧୀରେଧୀରେ ବଢୁଛି ମଧ୍ୟ । ତେଣୁ ବର୍ତ୍ତମାନ ସମୁଦ୍ରଜୀବଙ୍କର ସ୍ୱାସ୍ଥ୍ୟ ପ୍ରତି ଏହା ବଡ ବିପଦ ସାଜିଛି । ସେହିଭଳି ୨୦୪୦ ସୁଦ୍ଧା ଏହି ପ୍ଲାଷ୍ଟିକର ମାତ୍ରା ଡବଲ୍ ହେବାର ଆକଳନ ଏହି ରିପୋର୍ଟରେ କରାଯାଇଛି । ତେଣୁ ବର୍ତ୍ତମାନ ସାରା ବିଶ୍ୱକୁ ଏନେଇ ସତର୍କ ହେବାର ଆବଶ୍ୟକତା ରହିଛି, ନଚେତ୍ ପରିସ୍ଥିତି ଭୟଙ୍କର ହେବ ବୋଲି ବୈଜ୍ଞାନିକ ମତ ଦେଇଛନ୍ତି । ସମୁଦ୍ର ତଳେ ପଡିରହିଥିବା ଏହି ପ୍ଲାଷ୍ଟିକ ସମୁଦ୍ର ଉପରେ ଭାସୁଥିବା ପ୍ଲାଷ୍ଟିକ୍ ଠାରୁ ପାଖାପାଖି ୧୦ ଗୁଣ ଅଧିକ । ତେଣୁ ବର୍ତ୍ତମାନ ସ୍ଥଳ ଭାଗ ସହିତ ଜଳ ଭାଗ ପ୍ରଦୂଷଣ ଉପରେ ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ଏହି ବୈଜ୍ଞାନିକ ମତ ଦେଇଛନ୍ତି ।

ମସ୍ତିଷ୍କକୁ ଦିଅନ୍ତୁ ଛୁଟି

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ଛୁଟିର ଆବଶ୍ୟକତା ବଢି ଚାଲିଛି । ତେବେ ଏହି ଛୁଟି କେବଳ ଶାରିରୀକ ଆରାମ ଭିତରେ ସୀମିତ ହୋଇ ରହିନାହିଁ , ବର୍ତ୍ତମାନ ଆମର ମସ୍ତିଷ୍କକୁ ମଧ୍ୟ ଛୁଟିର ଦରକାର ପଡୁଛି । ବିଭିନ୍ନ ଡିଜିଟାଲ ନଏଜ୍ ମଧ୍ୟରେ ସମସ୍ତଙ୍କର ଆବଶ୍ୟକତା ପଡୁଛି ବ୍ରେନ୍ ଭାକେସନ୍‌ର । ଆଜିକାଲିର ଅତ୍ୟାଧୁନିକ ଲାଇଫ୍ ଷ୍ଟାଇଲ୍ ସମସ୍ତଙ୍କୁ ଆକର୍ଷିତ କରିଛି । ଆଗକୁ ଯିବା ରେସ୍‌ରେ ସମସ୍ତେ ଆଧୁନିକତାର ଚାକଚକ୍ୟକୁ ଆପଣାଉଛନ୍ତି । ବିଭିନ୍ନ ପ୍ରକାରର ଜ୍ଞାନକୌଶଳକୁ ବ୍ୟବହାର କରି ଆଗକୁ ମାଡି ଚାଲିଛନ୍ତି । ବିଜ୍ଞାନକୁ ବ୍ୟବହାର କରି ନିରନ୍ତର ତଥ୍ୟର ଆଦାନ ପ୍ରଦାନ, ଡିଜିଟାଲ ନଏଜ୍, ସବୁବେଳେ କାର୍ଯ୍ୟଭାର ତଳେ ଚାପି ହୋଇ ଏକ ଅଣନିଃଶ୍ୱାସୀ ଜୀବନ ମଣିଷ ବିତାଉଛି । ଯେଉଁ କାରଣରୁ ବ୍ରେନ୍ ଭ୍ୟାକେସନ୍‌ର ଆବଶ୍ୟକତା ଶହେ ଗୁଣା ବଢିଯାଇଛି । ତେବେ ଏହି ବିନା ବିଶ୍ରାମରେ ଦୌଡ କେବଳ ମାନସିକ ସ୍ତରରେ ଆମକୁ କ୍ଳାନ୍ତ କରୁଛି ତାହା ନୁହେଁ ଏହି କାରଣରୁ ଆମର ଅନେକ ମାନସିକ ସମସ୍ୟା ମଧ୍ୟ ହେଉଥିବାର ଦେଖିବାକୁ ମିଳୁଛି । ଏହି କାରଣରୁ ଅନେକ ମାନସିକ ସମସ୍ୟା ଯେପରି ଆଙ୍ଗଜାଇଟି, ଡିପ୍ରେସନ୍ ଆଦି ଜନ୍ମ ନେଇଥାଏ । ତେବେ ଆଜିକାଲିର ବୈଜ୍ଞାନିକଙ୍କ ଭାଷାରେ ଏହି ସମସ୍ତ ସମସ୍ୟାର ଗୋଟିଏ ଆଣ୍ଟିଡୋଡ୍ ବ୍ରେନ ଭ୍ୟାକେସନ୍ । ବ୍ରେନ୍ ଭ୍ୟାକେସନ୍ ଆମକୁ ଏକ ଓଭରାଲ ହେଲ୍‌ଦି ଲାଇଫ୍‌ଷ୍ଟାଇଲ ଦେବାରେ ବେଶ୍ ସହଯୋଗ କରିଥାଏ ।

ଇତିହାସ

୧୮୪୭: ପୁଲିଜର ପୁରସ୍କାର ପ୍ରଣେତା ଆମେରିକୀ ପତ୍ରକାର ଜୋସେଫ ପୁଲିଜରଙ୍କ ଜନ୍ମ ।
୧୮୭୫: ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜର ପ୍ରତିଷ୍ଠା ।
୧୮୯୪: ଭାରତୀୟ ଉଦ୍ୟୋଗପତି ଘନଶ୍ୟାମଦାସ ବିର୍ଲାଙ୍କ ଜନ୍ମ ।
୧୯୩୦: ପ୍ରଥମ ସିନ୍ଥେଟିକ୍ ରବରର ଉତ୍ପାଦନ ।
୧୯୭୨: ଇରାନରେ ଭୟଙ୍କର ଭୂକମ୍ପରେ ୫ ହଜାର ଲୋକଙ୍କ ମୃତ୍ୟୁ ।
୧୯୭୨: ଜୈବିକ ଅସ୍ତ୍ରର ବିକାଶ, ଉତ୍ପାଦନ ଓ ସଂରକ୍ଷଣ ବିରୋଧ ଲାଗି ୧୫୦ ଦେଶର ସହମତି ।
୧୯୮୨: ଭାରତୀୟ ଉପଗ୍ରହ 'ଇନ୍‌ସେଟ୍-୧ ଏ'ର ସଫଳ ପରୀକ୍ଷଣ ।
୧୯୮୬: ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ଆୟଶା ଟାକିୟାଙ୍କ ଜନ୍ମ ।
୧୯୯୫: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇଙ୍କ ପରଲୋକ ।
୨୦୦୧: ଭାରତ ଓ ଇରାନ ମଧ୍ୟରେ ତେହରାନ ଚୁକ୍ତି ସ୍ୱାକ୍ଷରିତ ।

ସୋସିଆଲ କୋଟ୍ସ

ମୁନ୍ନା ଭାଇ ଏମ୍‌ବିବିଏସ୍‌ର ସରକିଟ୍ ଚରିତ୍ର ମୋ ପାଇଁ ଏକ ରିସ୍କ ଥିଲା । ହେଲେ ମୋର ସୌଭାଗ୍ୟଥିଲା କି ମୋ କୋ ଆକ୍ଟର ଭାବେ ସଞ୍ଜୟ ଦତ୍ତ ଏବଂ ନିର୍ଦ୍ଦେଶକ ଭାବେ ରାଜକୁମାର ହିରାନୀ ଥିଲେ ।

ଅର୍ଶଦ ବର୍ସୀ, ଅଭିନେତା

ମୁଁ ଏବେ ବି ମୋର ବଲିଉଡ୍‌ରେ ଯୋଗ ଦେବା ନିଷ୍ପତ୍ତିକୁ ନେଇ ଗର୍ବ ଅନୁଭବ କରିଥାଏ । ମୋତେ ସେତେବେଳେ ମାତ୍ର ୧୮ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଘର ଛାଡି ମୁମ୍ବାଇ ଆସିବାକୁ ନିଷ୍ପତ୍ତି ନେଇଥିଲି ।

ଦୀପିକା ପାଦୁକୋନ, ଅଭିନେତ୍ରୀ

କୁ ଫିଲ୍ମ ଦେଖି ଖୁବ ଖୁସି ଲାଗିଲା । ଏଥିରେ ଅଭିନୟ କରିଥିବା ସୁପର ଟାଲେଣ୍ଟେଡ୍ ଟ୍ରାୟୋଙ୍କ ଅଭିନୟ ଖୁବ ଭଲ ହୋଇଛି । ମୁଁ ଖୁବ ଏଞ୍ଜୟ କଲି ।

ପ୍ରୀତି ଜିଣ୍ଟା, ଅଭିନେତ୍ରୀ

ଆଜିକାଲି ସମସ୍ତେ ଘରେ ଛୋଟଛୋଟ ଗାର୍ଡେନ୍ କରୁଛନ୍ତି, ଯାହାକୁ ସଜାଇବା ପାଇଁ ବିଭିନ୍ନ ଟ୍ରିକ୍ ଆପଣାଉଛନ୍ତି । ଏଭଳି କିଛି ଛୋଟଛୋଟ ଟ୍ରିକ୍ ରହିଛି ଯାହାକୁ ଫଲୋ କରିବା ଦ୍ୱାରା ଆପଣ ନିଜର ଗାର୍ଡେନ୍‌କୁ ଖୁବ ସୁନ୍ଦର ଭାବେ ଆକର୍ଷଣୀୟ କରି ସଜାଇପାରିବେ ।

♦ ପ୍ରଥମେ ଯେତିକି ଯାଗା ଅଛି ସେତିକି ସ୍ଥାନରେ କିଭଳି ଗାର୍ଡେନକୁ ସଜାଇ ପାରିବେ ସେଥିପାଇଁ ଯତ୍ନବାନ ହୁଅନ୍ତୁ । ସବୁବେଳେ ଛୋଟଛୋଟ ଫୁଲକୁଣ୍ଡକୁ ବ୍ୟବହାର କରନ୍ତୁ । ଏହା ବେଶି ଯାଗା ନେଇ ନଥାଏ ଏବଂ ସୁନ୍ଦର ମଧ୍ୟ ଲାଗିଥାଏ । ସେହିଭଳି କୁଣ୍ଡ ଗୁଡିକ ଯାଗା କମ ନେବାରୁ ଆପଣ ଯେତେ ପାରିବେ ସେତେ ଗଛ ଆରାମରେ ଲଗାଇ ପାରିବେ ।

♦ ସବୁବେଳେ ଗାର୍ଡେନ୍‌ରେ ଭେରାଇଟି ର ଖିବାକୁ ଚେଷ୍ଟା କରନ୍ତୁ । ସବୁବେଳେ ଗାର୍ଡେନରେ ଯେତେ ଗ୍ରୀନେରୀ ରହିବ ଏହା ସେତେ ଆକର୍ଷକ ଲାଗିବ । ବିଭିନ୍ନ ରଙ୍ଗର ଫୁଲ ଗଛକୁ ଏଠାରେ ସ୍ଥାନ ଦିଅନ୍ତୁ, ଯାହା ଫଳରେ ବଗିଚାଟି ଭରପୂର ଲାଗିବ । ସେହିଭଳି ଋତୁ କାଳୀନ ଫୁଲକୁ ବିଶେଷ ଭାବେ ସାମିଲ କରନ୍ତୁ, ଏହା ଦ୍ୱାରା ଆପଣଙ୍କ ବଗିଚା ରଙ୍ଗବେରଙ୍ଗ ଲାଗିବ ।

♦ ବଗିଚାର ଗଛ ସଜାଇବା ପରେ ଏଥିରେ ଛୋଟଛୋଟ ଚେୟାର ରଖି ପାରିବେ, ଏହା ବଗିଚାରେ ଅନେକ କାର୍ଯ୍ୟରେ ସହାୟତାରେ ଆସିବ । ଏଠାରେ ଆପଣ ନିଜର ଖାଲି ସମୟ ବିତାଇ ପାରିବେ । ଏଥିସହିତ କେହି ଘରକୁ ଆସିଲେ ଆପଣ ତାଙ୍କୁ ନିଜ ବଗିଚା ଦେଖାଇବା ସହିତ ସେଠାରେ କିଛି ସମୟ ବସାଇ ପାରିବେ । ସେହିଭଳି କାଠର ଚେୟାର ଫୁଲ ବଗିଚାରେ ପଡିଲେ ଏହା ବେଶି ଆକର୍ଷଣୀୟ ଲାଗିଥାଏ ।

ଶ୍ରୀଲଙ୍କା ପୋଲ୍ ରୁଟି

ସାମଗ୍ରୀ- ୨ କପ ମଇଦା,୩ଟି କଞ୍ଚା ଲଙ୍କା, ଗୋଟିଏ କପ ନଡିଆ କୋରା, ଗୋଟିଏ ପିଆଜ କଟା, ଭୃସଙ୍ଗ ପତ୍ର ।

ପ୍ରଣାଳୀ- ପ୍ରଥମେ ଗୋଟିଏ ପାତ୍ରରେ ନଡିଆ କୋରା, କଞ୍ଚା ଲଙ୍କା କଟା, ପିଆଜ, ଭୃସଙ୍ଗ ପତ୍ର ଓ ଲୁଣ ପକାଇ ଗୋଳାନ୍ତୁ । କିଛି ସମୟ ପରେ ଏଥିରୁ ବାହାରୁଥିବା ଅଧିକ ପାଣି କାଢି ଦିଅନ୍ତୁ । ଏହାପରେ ଏଥିରେ ମଇଦା ମିଶାଇ ଚକଟି ଦିଅନ୍ତୁ । ଏହି ଚକଟାକୁ ୫ରୁ ୧୦ ମିନିଟ୍ ଅଲଗା କରି ରଖି ଦିଅନ୍ତୁ । ଏହାପରେ ହାତରେ ଅଳ୍ପ ତେଲ ମାରି ଗୁଳା ଗୁଡିକୁ ଅଲଗା କରି ନିଅନ୍ତୁ । ଗୋଟିଏ ଗୋଟିଏ ଗୁଳା ନେଇ ଏହାକୁ ହାତରେ ରୁଟି ଭଳି ସ୍ପ୍ରେଡ୍ କରନ୍ତୁ । ଏହାପରେ ତାୱାରେ ଏହି ରୁଟିକୁ ଉଭୟ ପଟେ ସେକି ନିଅନ୍ତୁ । ପସନ୍ଦ ଅନୁଯାୟୀ କିଛି ଘିଅ ଏଥିରେ ଲଗାଇ ପାରିବ । ଏହାକୁ ଚଟଣି ସହିତ ପରଷନ୍ତୁ ।

ବାଛବିଚାର ପାଇଁ ସୁଯୋଗ ହାତଛଡ଼ା

ଅଭିନେତ୍ରୀ ପ୍ରାଚୀ ଦେଶାଇ ନିଜର ଟେଲି ସିରିଏଲ୍ କସମ୍ ପାଇଁ ଘରେଘରେ ପରିଚିତ । ଏଥିରେ ପ୍ରାଚୀଙ୍କ ଅଭିନୟକୁ ଦର୍ଶକ ବେଶ୍ ଭଲ ପାଇବା ଦେଇଥିଲେ । ଏହାପରେ ପ୍ରାଚୀଙ୍କୁ ଫିଲ୍ମ ରକ୍ ଅନ୍‌ରେ ବଲିଉଡ୍ ଡେବ୍ୟୁ କରିଥିବାର ଦେଖିବାକୁ ମିଳିଥିଲା । ଏହାପରେ ଅନେକ ଫିଲ୍ମରେ ତାଙ୍କୁ ଦେଖିବାକୁ ମିଳିଥିଲା, କିନ୍ତୁ ସେ ନିଜର ସିଲେକ୍ଟିଭ୍ ନେଚର ପାଇଁ ଅନେକ ସୁଯୋଗ ହରାଇଛନ୍ତି । ଏଭଳି କିଛି ମନ୍ତବ୍ୟ ନିଜେ ପ୍ରାଚୀ ଏକ ସାକ୍ଷାତକାରରେ ଦେଇଛନ୍ତି । ପ୍ରାଚୀଙ୍କର ଏହି ମନ୍ତବ୍ୟ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ତାଙ୍କ ଉପରେ ଫିଲ୍ମ ଚଏସ୍ ନେଇ କେତେବେଳେ କିଛି ପ୍ରେସର ନଥାଏ, ତେଣୁ ସେ ସିନେମା ସାଇନ୍ କରିବାବେଳେ ଖୁବ ଅଧିକ ବାଛନ୍ତି ବୋଲି ପ୍ରାଚୀ ମତ ଦେଇଛନ୍ତି । ତେବେ ଏଥି ପାଇଁ ତାଙ୍କୁ କିଛି ଭଲ ସୁଯୋଗ ମଧ୍ୟ ହରାଇବାକୁ ପଡିଛି । କିଛି ଫିଲ୍ମ ମେକର ତାଙ୍କର ଏହି ଚୁଜି ଗୁଣ ପାଇଁ ତାଙ୍କୁ ଆପ୍ରୋଚ ମଧ୍ୟ କରନ୍ତି ନାହିଁ । ଯାହାଫଳରେ କିଛି ଭଲ ସ୍କ୍ରିପ୍ଟ ତାଙ୍କ ହାତ ଛଡା ହୋଇଛି । ତେବେ ସୂଚନା ଅନୁସାରେ ଆଗକୁ ପ୍ରାଚୀଙ୍କୁ ଫିଲ୍ମ ସାଇଲେନ୍ସ -୨ ରେ ଦେଖିବାକୁ ମିଳିବ । ଏଥିରେ ସେ ମନୋଜ ବାଜପାୟୀଙ୍କ ସହିତ ନଜର ଆସିବେ । ଫିଲ୍ମକୁ ନେଇ ପ୍ରାଚୀ ବେଶ୍ ଆଶାବାଦୀ ଅଛନ୍ତି, ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିବ ବୋଲି ସେ ମତ ଦେଇଛନ୍ତି ।

ବଢୁଛି ସାହାଯ୍ୟ କରିବାର ଇଚ୍ଛା

ସାଇକେଲ୍ ଫ୍ରେଣ୍ଡଲି ସିଟି ଭାବେ ଆମେରିକା ବେଶ୍ ପରିଚିତ । ଏଠାରେ ସମସ୍ତେ ସାଇକେଲ୍ ଚଳାଇବାକୁ ସମସ୍ତେ ଇଚ୍ଛା ପ୍ରକାଶ କରିଥାଆନ୍ତି । ଆମେରିକାର ଏକ ଭଲ୍ୟୁଣ୍ଟର ଗ୍ରୁପ୍ କିଛି ଲୋକଙ୍କୁ ସାଇକେଲ୍ ବାଣ୍ଟିବା ପାଇଁ ଏକ ଅଭିନବ ଉପାୟ ବାହାର କରିଛନ୍ତି । ଯେଉଁ ଲୋକମାନେ କିଛି ସାମାଜିକ କାର୍ଯ୍ୟରେ ନିଜର ଯୋଗଦାନ ଦେଉଛନ୍ତି ସେମାନଙ୍କ ପାଇଁ ଏହି ସାଇକେଲ୍‌କୁ ଉପହାର ଭାବେ ରଖାଯାଇଛି । ଯେଉଁମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେବେ ସେମାନଙ୍କୁ ପ୍ରଥମେ ତାଙ୍କ ସାମାଜିକ କାର୍ଯ୍ୟର ପ୍ରମାଣ ଦେବାକୁ ହେବ । ସେମାନଙ୍କୁ ୧୦ ଘଣ୍ଟାର ସାମାଜିକ କାର୍ଯ୍ୟର ପ୍ରମାଣ ଦେବାକୁ ପଡିବ । ଏହି ପ୍ରମାଣ ଦେବାପରେ ସେମାନଙ୍କୁ ପୁରା ଦିନ ସାଇକେଲ୍ ଚଳାଇବାକୁ ମିଳିବ । ଏହି କାର୍ଯ୍ୟକ୍ରମ ବିଶେଷ ଭାବେ ଯୁବଗୋଷ୍ଠୀଙ୍କ ପାଇଁ କରାଯାଇଛି । ଯେଉଁମାନେ ସାଇକେଲ କିଣିବାକୁ ଅସମର୍ଥ ହେଲେ ଚଳାଇବାକୁ ଇଚ୍ଛା ରଖୁଛନ୍ତି, ସେମାନଙ୍କୁ ଏହା ବିଶେଷଭାବେ ସହାୟକ ହେଉଛି । ସେହିଭଳି ଏହି କାର୍ଯ୍ୟକ୍ରମକୁ ସେମାନେ ମଧ୍ୟ ଖୁବ ଏଞ୍ଜୟ କରୁଥିବାର ଦେଖିବାକୁ ମିଳୁଛି । ଏହି କାର୍ଯ୍ୟକ୍ରମ ଫଳରେ ପିଲାଙ୍କ ମଧ୍ୟରେ ଲୋକମାନଙ୍କୁ ସାହାଯ୍ୟ କରିବାର ଇଚ୍ଛା ମଧ୍ୟ ବଢୁଛି ।

ଜାତିସଂଘର ଆବାସିକ ସଂଯୋଜକ ସୋନି ସାର୍ପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

କଳିଙ୍ଗ ଷ୍ଟାଡିୟମ ପରିଦର୍ଶନ ପରେ ସୋନି ସାର୍ପ
୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ନିଜ ଅନୁଭୂତି କହୁଛନ୍ତି ।

ଭଦ୍ରକର ବିଜେଡି ନେତାମାନେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରୁଛନ୍ତି

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ନିର୍ବାଚନ

କୌଣସି ଜୀବନହାନିରେ ମତଦାନ ହାର ବଢ଼ାଅ : ସିଇଓ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶାରେ ଏକକାଳୀନ ସାଧାରଣ ନିର୍ବାଚନ ୨୦୨୪ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି । ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ତାରିଖ ଅନୁସାରେ ମେ ୧୩, ୨୦, ୨୫ ଓ ଜୁନ ୧ରେ ଚତୁର୍ଥ, ପଞ୍ଚମ, ଷଷ୍ଠ ଓ ସପ୍ତମ ପର୍ଯ୍ୟାୟରେ ମତଦାନ ହେବ । ଏହି ସମୟରେ ସାଧାରଣତଃ ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଥାଏ । ତେଣୁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ସମ୍ଭାବ୍ୟ କାଳବୈଶାଖୀ ମଧ୍ୟରେ ସଫଳ ନିର୍ବାଚନ ପ୍ରକ୍ରିୟା ପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି ।

ମଙ୍ଗଳବାର ଭୁବନେଶ୍ୱରସ୍ଥ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ମଧ୍ୟରେ ଓଡ଼ିଶାରେ କୌଣସି ଜୀବନହାନିରେ ଉଚ୍ଚ ମତଦାନ ହାରକୁ ବଜାୟ ରଖିବା ସହ ତ୍ରୁଟିଶୂନ୍ୟ ନିର୍ବାଚନ ପ୍ରକ୍ରିୟାର ଆହ୍ୱାନ ବିଷୟରେ ଅବଗତ କରାଇଥିଲେ । ମତଦାନ ଦିବସ ଓ ମତଗଣନା ଦିବସରେ ଯେପରି ଭାବରେ ବିନା କୌଣସି ବାଧାବିଘ୍ନରେ ସମସ୍ତ କାର୍ଯ୍ୟ ସମାପନ ହେବ ସେଥିପାଇଁ ବିଭିନ୍ନ ବିଭାଗର ସମନ୍ୱୟ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଜୋର ଦେଇଥିଲେ ।

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ମତଦାନ କେନ୍ଦ୍ରରେ ବିଶେଷ ବ୍ୟବସ୍ଥା କରାଯିବ । ପ୍ରତିଟି ମତଦାନ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳ, ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ, ଧାଡ଼ି ବାନ୍ଧିବା ପାଇଁ ଛାଇ, ଚୌକି ଓ ପ୍ରତୀକ୍ଷା କକ୍ଷର ବ୍ୟବସ୍ଥା ରହିବ । ଏହିସବୁ ସ୍ଥାନରେ ଅବ୍ୟାହତ ବିଜୁଳି ଓ ପଙ୍ଖା ରହିବ । ସମସ୍ତ



ମତଦାନ କେନ୍ଦ୍ରରେ ଜଣେ ଲେଖାଏଁ ଆଶାକର୍ମୀ ରହିବେ । ସେମାନଙ୍କ ପାଖରେ ଅଂଶୁଘାତ ମୁକାବିଲା ପାଇଁ ଅତ୍ୟାବଶ୍ୟକ ଔଷଧପତ୍ର ରହିବ । ପ୍ରତିଟି ସେକ୍ଟର ଅଫିସରଙ୍କ ସହ ଜଣେ ପାରା-ମେଡିକାଲ କର୍ମୀ ମଧ୍ୟ ରହିବେ । ଯଦି କେହି ଅଂଶୁଘାତର ଶିକାର ହୁଅନ୍ତି ତେବେ ତାଙ୍କୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ପହଞ୍ଚାଯିବ । ଏଥି ପାଇଁ ମତଦାନ ଦିବସଗୁଡ଼ିକରେ ଅଧିକ ସଂଖ୍ୟକ ଆମ୍ବୁଲାନ୍ସ ମହଜୁଦ ରଖାଯିବ । ସୂଚନା-ଶିକ୍ଷା-ପ୍ରଚାର ମାଧ୍ୟମରେ ଅଂଶୁଘାତ ସତର୍କତା ବାର୍ତ୍ତା ଜନସାଧାରଣଙ୍କ ପାଖକୁ ପହଞ୍ଚାଇ ଦିଆଯିବ । ଏହା ସହ ପ୍ରତିଟି ବୁଥ୍‌ରେ ଜଳଛତ୍ର ଖୋଲାଯିବା ସହିତ ଓଆର୍‌ଏସ୍ ଉପଲବ୍ଧ କରାଯିବ । ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସରମାନଙ୍କ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ସମୟରେ ଡାକ୍ତରମାନଙ୍କ ଦ୍ୱାରା ସେମାନଙ୍କୁ ଅଂଶୁଘାତ ସମ୍ବନ୍ଧୀୟ ସଚେତନତା ପ୍ରଶିକ୍ଷଣ ଦିଆଯିବ । ଏହି ସମସ୍ତ ବ୍ୟବସ୍ଥା ମାଧ୍ୟମରେ ମତଦାତାମାନଙ୍କୁ ମତଦାନର ଏକ ସ୍ମରଣୀୟ ଅନୁଭବ ସୃଷ୍ଟି କରିବା ପାଇଁ ନିରନ୍ତର ଉଦ୍ୟମ କରାଯାଉଛି ବୋଲି ଶ୍ରୀ ଧଳ ମତ ଦେଇଥିଲେ ।

ଏହି କ୍ରମରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଥିବା ସମସ୍ତ ଅଧିକାରୀଙ୍କ ପାଇଁ ଉଚିତ ବ୍ୟବସ୍ଥା କରାଯିବା ବିଷୟରେ ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଥିଲେ । ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଭିତରେ ମଧ୍ୟ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ସମସ୍ତ ଅଧିକାରୀ ଓ ସୁରକ୍ଷା କର୍ମଚାରୀମାନେ ନିଜ ନିଜର ଦାୟିତ୍ୱ ସଂପାଦନ କରିବାକୁ ଯାଉଛନ୍ତି । ତେଣୁ ସେମାନଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଶ୍ରୀ ଧଳ କହିଥିଲେ । ସେମାନଙ୍କ ରହିବା ବ୍ୟବସ୍ଥା, ଗମନାଗମନ ସୁବିଧା ଓ ଖାଦ୍ୟ ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ସେମାନେ ଯେପରି ନିର୍ବାଚନ କାର୍ଯ୍ୟ କରିବା ସମୟରେ ଅଂଶୁଘାତର ଶିକାର ନ ହୁଅନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ ବୋଲି ଶ୍ରୀ ଧଳ ମତପ୍ରକାଶ କରିଥିଲେ । ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଥିବା ମହିଳା କର୍ମଚାରୀଙ୍କ ବିଷୟରେ ସ୍ୱତନ୍ତ୍ର ଆଲୋଚନା ହୋଇଥିଲା । ସମସ୍ତ ବୁଥ୍‌ର ସୁରକ୍ଷା ପାଇଁ ସୁଉଚ୍ଚ ପାଚେରିର ବ୍ୟବସ୍ଥା କରାଯାଇଛି । ଯେଉଁଠାରେ ସଖୀ ବୁଥ୍ (ସଂପୂର୍ଣ୍ଣ ରୂପେ ମହିଳା ପରିଚାଳିତ ବୁଥ୍) ରହିବ, ସେଠାରେ ସୁରକ୍ଷା କର୍ମଚାରୀ ମଧ୍ୟ ମହିଳା ରହିବେ । ଓଡ଼ିଶାରେ ନିୟୋଜିତ ନିର୍ବାଚନ କର୍ମଚାରୀଙ୍କ ମଧ୍ୟରେ ପ୍ରାୟ ୩୦ ପ୍ରତିଶତ ମହିଳା କର୍ମଚାରୀ ରହିଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବହୁଳ ପ୍ରଚେଷ୍ଟାରେ ଭୋଟର ତାଲିକାରେ ପ୍ରତି ୧୦୦୦ ପୁରୁଷ ଭୋଟର ପିଛା ମହିଳା ଭୋଟରଙ୍କ ସଂଖ୍ୟା ୯୬୧ରୁ ୯୭୪କୁ ବୃଦ୍ଧି ପାଇଛି । ଏହା ଏକ ଗୌରବର ବିଷୟ ଓ ମହିଳାମାନେ ଯେପରି ପ୍ରାଥମିକତା ଭିତ୍ତିରେ ମତଦାନ କରିବେ, ସେଥି ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଧଳ ପ୍ରକାଶ କରିଥିଲେ ।

ଏହି ସମସ୍ତ ବ୍ୟବସ୍ଥା ଯେପରି ଉପଯୁକ୍ତ ଭାବରେ ତୃଣମୂଳ ସ୍ତରରେ ଲାଗୁହେବ, ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଉପସ୍ଥିତ ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି. ମାଥିଭାଥନନ୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥି ଏସ୍, ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ୍, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାୟକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଶକ୍ତି ବିଭାଗ, ପୂର୍ତ୍ତ ବିଭାଗ, ଓସ୍‌ଡମା ଆଦିର ନିର୍ଦ୍ଦେଶକମାନେ ଉପସ୍ଥିତ ରହିଥିଲେ ।

ସଫଳ ପରିଚାଳନା ନେଇ ଉଚ୍ଚସ୍ତରୀୟ ବୈଠକ
ପ୍ରତିଟି ମତଦାନ କେନ୍ଦ୍ରରେ ପର୍ଯ୍ୟାପ୍ତ ବ୍ୟବସ୍ଥା କର
ସଂପୂର୍ଣ୍ଣ ରୂପେ ମହିଳା ପରିଚାଳିତ ବୁଥ୍ 'ସଖୀ'

ବିଜେଡ଼ିରେ ସାମିଲ ହେଲେ ୨୫ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ

ନୀଳଗିରି,(ସବ୍ୟୁ) : ଭାରତୀୟ ଜନତାପାର୍ଟି ଛାଡ଼ି ବିଜୁ ଜନତା ଦଳରେ ଯୋଗଦେବାପରେ ବିଧାୟକ ସୁକାନ୍ତ ନାୟକଙ୍କ ପ୍ରତି ଦିନକୁ ଦିନ ସମର୍ଥନ ବୃଦ୍ଧି ପାଇବାରେ ଲାଗିଛି । ଶ୍ରୀ ନାୟକଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ ରଖି ଜନସମର୍ଥନ ବଢି ଚାଲିଥିବା ବେଳେ ନିର୍ବଚିତ ପ୍ରତିନିଧିମାନେ ମଧ୍ୟ ପଛରେ ନାହାଁନ୍ତି । ମାର୍ଚ୍ଚ ୩୧ ତାରିଖ ଦିନ ବିଧାୟକ ସୁକାନ୍ତ ନାୟକ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନରେ ବିଜେଡ଼ିରେ ଯୋଗଦେବା ଅବସରରେ ସ୍ୱତପ୍ରୋତ ଭାବେ ୧୧ଜଣ ସରପଞ୍ଚ ଏବଂ ୧୪ଜଣ ସମିତି ସଭ୍ୟ ଶଙ୍ଖ ଭବନରେ ଯାଇ ବିଜେଡ଼ିରେ ସାମିଲ ହୋଇଥିଲେ । ସେହିପରି ସୋମବାର ଦିନ ବାହାନଗା ବ୍ଲକ ପଥରପେଣ୍ଡ ସରପଞ୍ଚଙ୍କ ସହ ୧୮ ନମ୍ବର ଏବଂ ୧୯ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ପୂର୍ବତନ ବ୍ଲକ ଅଧକ୍ଷ ଶରତ ରାଜଙ୍କ ନେତୃତ୍ୱରେ ବିଧାୟକଙ୍କ କାର୍ଯ୍ୟାଳୟରେ ପହଞ୍ଚି ସୁକାନ୍ତ ନାୟକଙ୍କ ଉପରେ ଆସ୍ଥା ରଖି ସମର୍ଥନ ଜଣାଇଥିଲେ । ମଙ୍ଗଳବାର ଦିନ ଔପଦା ବ୍ଲକ ଦକ୍ଷିଣ ନରସିଂହପୁର ବିଜେପି ସମର୍ଥିତ ସରପଞ୍ଚ ଅଶୋକ ଜେନା ନାୟବ ସରପଞ୍ଚ ସୁଚିସ୍ମିତା ଜେନା, ୱାର୍ଡ ସଭ୍ୟସଭ୍ୟାମାନେ ଶ୍ରୀ ନାୟକଙ୍କୁ ତାଙ୍କ ସମର୍ଥନ ଜଣାଇଥିଲେ । ଅନୁରୂପ ଭାବେ ବିଧାୟକ ମଧ୍ୟ ସରପଞ୍ଚଙ୍କ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି ଏବଂ ସହକର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଟିକେଟ ଘୋଷଣା ପୂର୍ବରୁ ଏଭଳି ଜନସମର୍ଥନ ଶ୍ରୀ ନାୟକଙ୍କୁ ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହେବାର ସବୁଜ ସଂକେତ ଦେଇଛି । ବିଜେଡ଼ିରେ ଯୋଗଦେବାର ମାତ୍ର କେତେଦିନ ମଧ୍ୟରେ ନିଜ ନିର୍ବାଚନ ମଣ୍ଡଳୀର ୨୬ଜଣ ସରପଞ୍ଚ ଓ ସମିତି ସଭ୍ୟଙ୍କ ସମର୍ଥନ ତାଙ୍କ ନେତୃତ୍ୱ ସହିତ ଭଲପାଇବାକୁ ଗ୍ରହଣ କରି ସୁକାନ୍ତ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ମିଶ୍ରଣ ଓ ସମ୍ବର୍ଦ୍ଧନା ପର୍ବରେ ଦକ୍ଷିଣ ନରସିଂହପୁର ପଞ୍ଚାୟତ ସରପଞ୍ଚ ଓ ନାଏବ ସରପଞ୍ଚଙ୍କ ସହ ଭୋଳାନାଥ ମହାନ୍ତି,ଶାନ୍ତନୁ ତ୍ରିପାଠୀ ,କମଳାକାନ୍ତ ରାଉତ ,ସନାତନ ସ୍ୱାଇଁ,ବନମାଳୀ ସ୍ୱାଇଁ, ଭାଗବତ ସ୍ୱାଇଁ, ଜଗନ୍ନାଥ ସାମଲ ପ୍ରମୁଖ ବିଜେଡ଼ିରେ ସାମିଲ ହୋଇଥିଲେ । ସେହପରି ଆଦିବାସୀ ନାରୀ ନେତ୍ରୀ ତଥା ବିଜେଡ଼ି ମହିଳା ଉପସଭାପତି ସୁନୀତି ସିଂ ବିଧାୟକ ଶ୍ରୀ ନାୟକଙ୍କୁ ସାକ୍ଷାତ କରି ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ ।

ମିଳିଲା ନିଖୋଜ ଯୁବକଙ୍କ ଗଳିତ ମୃତଦେହ

ବାରଙ୍ଗ/ତେଲେଙ୍ଗାପେଣ୍ଡ ,(ସବ୍ୟୁ) :ରବିବାର ବିଳମ୍ବିତ ରାତିରୁ ପୁରୀ ମୁଖ୍ୟ କେନାଲରୁ ନିଖୋଜ ଯୁବକଙ୍କ ମୃତଦେହ ମଙ୍ଗଳବାର ସକାଳୁ ଉଦ୍ଧାର ହୋଇଛାକଟକ ସଦରଥାନା ଅନ୍ତର୍ଗତ ପ୍ରତାପନଗରୀ ଜୈନ ମନ୍ଦିର ନିକଟ ମୁଖ୍ୟ କେନାଲରୁ ଯୁବକଙ୍କ ଗଳିତ ମୃତଦେହ କୁ ଉଦ୍ଧାର କରିଛି ପୋଲିସ।ମୃତକ ହେଉଛନ୍ତି ନଖରା ବାଗଧରାପୁର ଗ୍ରାମର ଭଗବାନ ସାହୁଙ୍କ ପୁଅ ରାକେଶ ସାହୁ(୨୭)। ପ୍ରକାଶ ଯେ ରାକେଶ ନରାଜ ସ୍ଥିତ ଏକ ପ୍ରତିଷ୍ଠିତ ଦୁଗ୍ଧ ଉତ୍ପାଦନ ସଂସ୍ଥାରେ କାମ କରନ୍ତି। ରବିବାର ରାତିରେ କାମ ସାରି ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାରେ ବ୍ୟାଟେରୀ ସ୍ଫୁଟି ଯୋଗେ ଘରକୁ ଫେରୁଥିଲେ। ଫେରିବାବେଳେ କାନପୁର ନିକଟସ୍ଥ ପୁରୀ ମୁଖ୍ୟ କେନାଲରେ କୌଣସି କାରଣରୁ ଭାରସାମ୍ୟ ହରାଇ କେନାଲ ଭିତରକୁ ଖସି ପଡିଥିଲେ। କେନାଲକୁ ଖସି ପଡିବା ପରେ ରାକେଶ ନିଖୋଜ ହୋଇଯାଇ ଥିଲେଛକିନ୍ତୁ ତାଙ୍କ ସ୍ଫୁଟି ଓ ମୋବାଇଲକୁ ଅଗ୍ନିଶମ ବାହିନୀ ପାଣି ଭିତରୁ ଉଦ୍ଧାର କରିଥିବା ବେଳେ ରାକେଶର ପତା ମିଳିପାରିନଥିଲା।ସୋମବାର ସକାଳୁ ବାରଙ୍ଗ ପୋଲିସର ଉପସ୍ଥିତିରେ ବାରଙ୍ଗ ଅଗ୍ନିଶମ ବାହିନୀର କର୍ମଚାରୀମାନେ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତା ମିଳିନଥିଲା।ପରିବାର ଲୋକଙ୍କ ଅଭିଯୋଗକୁ ଭିତି କରି ପୋଲିସ ୧୭/୨୪କେଶ ନମ୍ବର ରେ ଏକ ନିଖୋଜ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମଙ୍ଗଳବାର ସକାଳ ପ୍ରାୟ ୮ଟା ସମୟରେ ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀ ସ୍ଥିତ ଜୈନ ମନ୍ଦିର ସମ୍ମୁଖ ମୁଖ୍ୟ କେନାଲରୁ ତାଙ୍କର ମୃତଦେହ ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ପଠାଇଛି।

ସମ୍ବଲପୁର ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ନପାରିବା ୨୫ ବର୍ଷ ଶାସନର ରୂପାନ୍ତରଣ କି ?

ଭୁବନେଶ୍ୱର (ସବ୍ୟୁ): ସ୍ୱାଧୀନତାର ୭୬ ବର୍ଷ ପରେ ବି ଗାଁକୁ ଆମ୍ବୁଲାନ୍ସ ପହଞ୍ଚି ପାରୁନି । ନୂଆପିଢିର ପିଲା ଅପପୁଷ୍ଟିର ଶୀକାର ହେଉଛନ୍ତି । ସରକାରୀ ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ଏହା ୨୫ ବର୍ଷ ଶାସନର ରୂପାନ୍ତରଣ କି ବୋଲି ପ୍ରଶ୍ନ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ଗଡ଼ଲୋଇସିଂହ ପଂଚାୟତ ବେଲପାଣି ଗାଁର ଜଣେ ରୋଗୀଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବା ଘଟଣାରେ ପ୍ରତିକ୍ରିୟା ରଖି ଶ୍ରୀ ପ୍ରଧାନ କହିଛନ୍ତି, ସ୍ୱାଧୀନତାର ୭୬ ବର୍ଷ ପରେ ବି ରୋଗୀଙ୍କୁ ଭାରରେ, ଖଟିଆରେ ନେବାର ଦୃଶ୍ୟ ସାମ୍ନାକୁ ଆସିଛି । ଓଡ଼ିଶାରେ ୧୯% ଶିଶୁ ଜନ୍ମ ବେଳେ କମ ଓଜନ ହୋଇଥିବା ବେଳେ ୩୧% ଶିଶୁ ବୟସ ଅନୁସାରେ ଉଚ୍ଚତା କମ, ୧୮% ଶିଶୁ ଉଚ୍ଚତା ଅନୁସାରେ ଓଜନ କମ ଏବଂ ୬୪% ଶିଶୁ ଓ ୬୨% ମହିଳା ରକ୍ତହୀନତାରେ ପୀଡ଼ିତ । ସରକାରୀ ଡାକ୍ତରଖାନା ନାହିଁ, ଡାକ୍ତରଖାନା ଥିଲେ ସେଠାରେ ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଘୋର ଅଭାବ । ଜିଲ୍ଲା ସଦର ମହକୁମା ଠାରୁ ୪୦-୫୦ କିମି ଦୂରରେ ଏହି ଅବସ୍ଥା, ଆଭ୍ୟନ୍ତରୀଣ ଅଞ୍ଚଳରେ ପରିସ୍ଥିତି ଆହୁରି ଶୋଚନୀୟଛ ଏହା କ'ଣ ଦୀର୍ଘ ୨୫ ବର୍ଷ ଶାସନର ରୂପାନ୍ତରଣ?

୬୪% ଶିଶୁ ଓ ୬୨% ମହିଳା ରକ୍ତହୀନତାରେ ପୀଡ଼ିତ

ଅନ୍ୟପକ୍ଷେ ଶାସକ ଦଳର କୁହାଳିଆ ନେତା ମାନେ ଓଡ଼ିଶାକୁ ଏକ ନମ୍ବର କରିବାର ମିଛ ପ୍ରଚାର କରୁଛନ୍ତି । ଏହି ଘଟଣା ରାଜ୍ୟର ସ୍ୱାସ୍ଥ୍ୟବସ୍ଥାର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି । କୁହାଳିଆ ନେତାଙ୍କ ମିଛ ପ୍ରଚାର ଉପରେ ପ୍ରଶ୍ନ ଚିହ୍ନ ଲଗାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ ଆହୁରି କହିଛନ୍ତି, ଦେଶରେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ଜନକଲ୍ୟାଣକାରୀ ସରକାର ଚାଲିଛି । ଅନ୍ୟ ରାଜ୍ୟମାନେ ଏହାକୁ ଗ୍ରହଣ କଲେଣି । ଓଡ଼ିଶାବାସୀ ମଧ୍ୟ ପୁଣି ଥରେ ତୃତୀୟ ଥର ପାଇଁ ନରେନ୍ଦ୍ର ମୋଦିଙ୍କୁ ପ୍ରଧାନମନ୍ତ୍ରୀ କରିବା ସହ ଡବଲ ଇଞ୍ଜିନ ସରକାର ଆଣିବାକୁ ମନସ୍ଥ କଲେଣି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ଏହା ସହ ଶ୍ରୀ ପ୍ରଧାନ ସମ୍ବଲପୁରଠାରେ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କ ସାଙ୍ଗଠନିକ ବୈଠକରେ ଯୋଗଦେଇ ନିର୍ବାଚନ ରଣନୀତି ସମ୍ପର୍କରେ ଆଲୋଚନା କରିଥିଲେ । ଘରକୁ ଘର ବୁଲି ପ୍ରଧାନମନ୍ତ୍ରୀଙ୍କ ଗରିବ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ । ବିକଶିତ ଭାରତ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ କରିବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଥିଲେ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ସ୍ଥିତ ମାନେଶ୍ୱର ଶ୍ରୀରାମ ମନ୍ଦିରରେ ପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ସମ୍ବଲପୁର ଗୋବିନ୍ଦପାଲ ଠାରେ ସାମାଜିକ ସଂଗଠନ ସେବା ଭାରତୀ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରରେ ସାମିଲ ହୋଇଥିଲେ । ରକ୍ତଦାନ ଭଳି ଏକ ପବିତ୍ର କାର୍ଯ୍ୟରେ ସମ୍ବଲପୁର ଯୁବବର୍ଗଙ୍କ ଯୋଗଦାନ ପ୍ରଶଂସନୀୟ ବୋଲି କହିବା ସହ ସଂଗଠନର ଏପରି ପ୍ରୟାସକୁ ପ୍ରଶଂସା କରିଥିଲେ କେନ୍ଦ୍ରମନ୍ତ୍ରୀ । ଏହା ସହ ଥେଲକୋପଡ଼ା ଠାରେ ଚାଲିଥିବା ମା' ବୁଢୀମା'ଙ୍କ ଯାତ୍ରାରେ ସାମିଲ ହୋଇ ଆଶୀର୍ବାଦ ନେଇଛନ୍ତି ।

ବିଇଓଙ୍କ ଦୁଇଦିନିଆ ଦକ୍ଷତା ବିକାଶ କର୍ମଶାଳା

ବିଭିନ୍ନ ଦିଗ ଉପରେ ବୁଝାଇଲେ ଗଣଶିକ୍ଷା ଅଧିକାରୀ

ଭୁବନେଶ୍ୱର(ସବ୍ୟୁ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ 'ରାଜ୍ୟ ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ' କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ଭୁବନେଶ୍ୱର ପାନ୍ଥ ନିବାସଠାରେ ଜିଲ୍ଲା ଶିକ୍ଷାଧିକାରୀ ଏବଂ ଜିଲ୍ଲା ପ୍ରକଳ୍ପ ଅଧିକାରୀମାନଙ୍କର (ସମଗ୍ର ଶିକ୍ଷା) ଦୁଇଦିନିଆ 'ସମୀକ

ଝୁଲିରହିଛି ବଡଚଣାରେ ବିଜେଡି ପ୍ରାର୍ଥୀ ଚୟନ

ପୃଥକ ବୈଠକରେ ଦୁଇ ଗୋଷ୍ଠୀଙ୍କ ଚରମ ନିଷ୍ପତ୍ତି

ଚଣ୍ଡିଖୋଲ, (ସବ୍ୟୁ) ରାଜନୈତିକ ଦୃଷ୍ଟିକୋଣରୁ ଯାଜପୁର ଜିଲ୍ଲାର ସବୁଠାରୁ ସମ୍ବେଦନଶୀଳ ନିର୍ବାଚନମଣ୍ଡଳୀ ବଡଚଣାରେ ବିଜେଡି ପ୍ରାର୍ଥୀ ଚୟନ ପ୍ରକ୍ରିୟା ବିଳମ୍ବିତ ହେଉଥିବା ବେଳେ ଆଶାୟୀଙ୍କ ମଧ୍ୟରେ ଛକାପଞ୍ଜା ରୋଚକ ସ୍ଥିତିରେ ପହଞ୍ଚିଛି । ଏଠାରେ ଲୋକଙ୍କ ମନଜିଣି ୬ଷ୍ଠ ଥର ପାଇଁ ବିଧାୟକ ହୋଇ ସାରିଥିବା ବିଧାୟକ ଅମରପ୍ରସାଦ ଶତପଥୀ ସପ୍ତମ ଥର ପାଇଁ ପ୍ରାର୍ଥୀ ହେବାକୁ ମୁଖ୍ୟ ଦାବିଦାର ଥିଲାବେଳେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା ମଧ୍ୟ ଅନୁରୂପ ଆଶାୟୀ ରହିଛନ୍ତି । ପ୍ରାର୍ଥୀତ୍ୱକୁ ନେଇ ଦୀର୍ଘ ଦିନହେବ ଏହି ଦୁଇ ନେତୃତ୍ୱଙ୍କ ସମର୍ଥକ ମାନେ ସମାନ୍ତରାଳ ଭାବେ ଏକାଧିକ ସଭା ଓ କର୍ମୀ ସମ୍ମିଳନୀ କରି ନିଜ ନିଜର ସ୍ଥିତି ଯାହିର କରି ଆସିବା ସହ ନିଜନିଜ ସପକ୍ଷରେ ଜନମତ ବୃଦ୍ଧି ପାଇଁ ଚେଷ୍ଟା ଯାରି ରଖିଛନ୍ତ । ତେବେ ସୋମବାର ଦିନ ଏହି ଦୁଇଗୋଷ୍ଠୀଙ୍କ ମଧ୍ୟରେ ପ୍ରାର୍ଥୀତ୍ୱ ଦାବିନେଇ ବିବାଦ ଚରମ ସୀମାରେ ପହଞ୍ଚିଥିବା ଜଣାପଡିଛି । ବିଧାୟକ ଶ୍ରୀ ଶତପଥୀଙ୍କୁ ଦଳୀୟ ଟିକେଟ ନମିଳିଲେ ତାଙ୍କ ସମର୍ଥକ ପଞ୍ଚାୟତ ସମିତି ଅଧ୍ୟକ୍ଷ, ଉପାଧ୍ୟକ୍ଷ,ଦୁଇ ଜିଲ୍ଲା ପରିଷଦ ସଭ୍ୟ ଓ ଏକାଧିକ ସରପଞ୍ଚ ଏବଂ ସମିତିସଭ୍ୟ/ସଭ୍ୟାଙ୍କ ସହିତ ବହୁ ଛାମୁଆ ସଙ୍ଗଠକ ଦଳରୁ ସମୂହ ଇସ୍ତୀବା ଦେବା ପାଇଁ ଚରମ ନିଷ୍ପତ୍ତି ନେଇଥିବା ଜଣାପଡିଛି । ବଡଚଣା ନିର୍ବାଚନ ମଣ୍ଡଳୀର ଧାନମଣ୍ଡଳ ସ୍ଥିତ ଜଣେ ଦଳୀୟ କର୍ମକର୍ତ୍ତାଙ୍କ ଫାର୍ମରେ ସୋମବାର ଦିନ ବିଧାୟକ ସମର୍ଥକ ମାନଙ୍କର ଏହି ବୈଠକ ବସି ଏପରି ଚରମ ନିଷ୍ପତ୍ତି ନିଆଯାଇଛି । ଏଥିସହ ବୈଠକର ସର୍ବସମ୍ମତ ନିଷ୍ପତ୍ତି ସମ୍ପର୍କରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ ଓ ସମସ୍ତ କର୍ମକର୍ତ୍ତାଙ୍କ ଦସ୍ତଖତରେ ଏକ ଚରମ ପତ୍ର ମଧ୍ୟ ବିଜେଡି ହାଇକମାଣ୍ଡଙ୍କୁ ପ୍ରଦାନ

କରାଯାଇଛି । ସେହିପରି ଅନୁରୂପ ଭାବେ ଜନ୍ମେଜୟଙ୍କ ସମର୍ଥକ ମାନେ ବଡଚଣା ବ୍ଲକର ଅରଖପୁର ପଞ୍ଚାୟତ ସ୍ଥିତ ଧନଞ୍ଜୟ ନିବାସରେ ଏକାଠିହୋଇ ଦଳୀୟ ଟିକେଟ ପାଇଁ ଯୋରଦାର ଦାବି କରିଛନ୍ତି । ତାଙ୍କ ସପକ୍ଷରେ ୧୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା,ବହୁ ଦଳୀୟ କର୍ମକର୍ତ୍ତା,ତିନିଜଣ ଜିଲ୍ଲା ପରିଷଦ ସଭ୍ୟ,ତିନିଜଣ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷଙ୍କ ସହ ଛାମୁଆ ଦଳୀୟ ସଙ୍ଗଠକ ପ୍ରମୁଖ ରହିଥିବା ଜଣାପଡିଛି । ଅନ୍ୟପକ୍ଷରେ ବଡଚଣାରୁ ଅନ୍ୟ ଏକ ଦଳରୁ ଇସ୍ତଫା ଦେଇ ବିଜେଡିରେ ମିଶିବା ପାଇଁ ଆପ୍ରାଣ ଉଦ୍ୟମ ଯାରୀରଖିଥିବା ଜଣେ ଯୁବ ନେତାଙ୍କୁ ବିଧାୟକଙ୍କ ସମର୍ଥକ ମାନେ ଆଗୁଆ ତିବ୍ର ବିରୋଧକରି ତାଙ୍କୁ ବିଜେଡିରେ ଗ୍ରହଣ କରାଗଲେ ଦଳର ପ୍ରଭୂତ କ୍ଷତି ହେବାସହ ଗୋଷ୍ଠୀକନ୍ଦଳ ସୃଷ୍ଟି ହେବବୋଲି ଦର୍ଶାଇ ତାଙ୍କୁ ଦଳରେ ନନେବା ପାଇଁ ହାଇକଯାଣ୍ଡଙ୍କୁ ଅନୁରୋଧ କରିଛନ୍ତି । ଗତ ୮ଦିନ ହେବ ଏଠାରେ ବିଜେପି ଦଳ ପ୍ରାର୍ଥୀ ଘୋଷଣା କରିସାରିଛ । ପ୍ରାର୍ଥୀ ଘୋଷଣା ପରେ ବିଜେବି ସମର୍ଥକ ଉତ୍ସାହିତ ହେବାସହ ପ୍ରଚାର ମଇଦାନକୁ ଓହ୍ଲାଇ ସାରିଥିଲା ବେଳେ ବିଜେପି ପକ୍ଷରୁ ଦଳୀୟ ଟିକେଟ ଘୋଷଣା ହୋଇନାହିଁ । ଅପରପକ୍ଷରେ ଏବେ ଦଳୀୟ ଟିକେଟକୁ ନେଇ ବଡଚଣାର ଦୁଇ ପ୍ରମୁଖ ବିଜେଡି ନେତାଙ୍କ ସମର୍ଥକ ମାନଙ୍କ ମଧ୍ୟରେ ଛକାପଞ୍ଜା ଲାଗିରହିବା ଓ ଚରମ ନିଷ୍ପତ୍ତି ଗ୍ରହଣ ଘଟଣା ରାଜନୈତିକ ମହଲରେ ଆଲୋଡନ ସୃଷ୍ଟି କରିଛି ।

ବିଜେଡ଼ିରେ ଯୋଗଦେଲେ ଭଦ୍ରକ ପୌରପାଳିକାର ପୌରାଧ୍ୟକ୍ଷା ଗୁଲମଙ୍କି ଦଲୱାଜିହବିବ

ଭୁବନେଶ୍ୱର (ସବ୍ୟୁ): ଭଦ୍ରକ ପୌରପାଳିକାର ପୌରଧ୍ୟକ୍ଷା ଗୁଲମଙ୍କି ହବିବଙ୍କ ସମେତ ଶତାଧିକ କର୍ମୀ ମଙ୍ଗଳବାର ଶଙ୍ଖଭବନ ଠାରେ ପୂର୍ବତନ ମନ୍ତ୍ରୀ ତଥା ଭଦ୍ରକ ଜିଲ୍ଲା ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା, ଭଣ୍ଡାରି ପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ଡକ୍ଟର ସସ୍ମିତ ପାତ୍ର, ଭଦ୍ରକ ଲୋକସଭା ସାଂସଦ ମୁଲତାମଣ୍ଡଳ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ୨୦୨୨ ପୌର ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ ଗୁଲମଙ୍କି ଦଲୱାଜିହବିବ । ଦଳରେ ସାମିଲ୍ ହୋଇଥିବା ଗୁଲମଙ୍କି ଦଲୱାଜିହବିବଙ୍କ ସହ ଶତାଧିକ କର୍ମୀଙ୍କୁ ଶ୍ରୀ ଦାସବର୍ମା, ଶ୍ରୀ ସାମଲ, ଶ୍ରୀ ସାମନ୍ତରାୟ, ଡକ୍ଟର ପାତ୍ର, ଶ୍ରୀମତୀ ମଣ୍ଡଳ ଓ ଶ୍ରୀ ମଲ୍ଲିକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଗୁଲମଙ୍କି ଦଲୱାଜିହବିବଙ୍କ ସହ ଶତାଧିକ

କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଭଦ୍ରକ ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ଦାସବର୍ମା, ଶ୍ରୀ ସାମଲ, ଶ୍ରୀ ସାମନ୍ତରାୟ, ଡକ୍ଟର ପାତ୍ର, ଶ୍ରୀମତୀ ମଣ୍ଡଳ ଓ ଶ୍ରୀ ମଲ୍ଲିକ କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଗୁଲମଙ୍କି ଦଲୱାଜିହବିବ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ସ୍ୱାଧୀନ ଭାବେ ଲଢ଼ି ମଧ୍ୟ ବିଜେଡ଼ିକୁ କେବେ ବିରୋଧୀ କରିନାହୁଁ । ନବୀନ ପଟ୍ଟନାୟକଓ ବିଜୁ ବାବୁଙ୍କୁ ଆଦର୍ଶଭାବି ନିର୍ବାଚନ ଲଢ଼ିଛୁ । ନବୀନ ବାବୁଙ୍କ ହାତମୁଠା ଟାଣ କରିବୁ । ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ପ୍ରୟାସ କରିବୁ । ଭଦ୍ରକ ପୌରପାଳିକାକୁ ଆହୁରି ଆଗକୁ ନେବାକୁ ପ୍ରୟାସ କରିବୁ । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ମଙ୍ଗଳବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁରୂପେ ତୁଲାଇବୁ । ଦଳରେ ମୋତେ ଏବଂ ମୋସହ ଯୋଗ ଦେଇଥିବା ସମସ୍ତ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ କାଉନସିଲରରେ ଶ୍ମା ପରବିନ୍, ପୂର୍ବତନ କାଉନସିଲର ଶେଖ୍‌ଜାହିଦ ହବିବ, ଆୟୁବଖାନ, ଶେଖ୍ ଉସମାନଉଲ୍‌ହକ୍, ଶେଖ୍‌ଖାଲିକ୍, ନସିରୁଦ୍ଦିନ ଖାନ, ଗୌରାଙ୍ଗ ବେହେରା, ମିର୍ ଅର୍ଶଦ କାଦ୍ରି, ଶେଖ ନସିରୁଦ୍ଦିନ୍, ଶେଖ୍ ଅନିଶଉଦ୍ଦିନ, ଶେଖ୍ ନୁର୍ ଏ ମୋଜସନ, ଶେଖ୍‌ଗୋଲାମଗୋସ୍, ଶେଖରଖାନ, ଶେଖସିରାଜ ଉଦ୍ଦିନ, ସରିଫ ଖାନ, ମିର୍ଜାସାହିଦ ବେଗ, ଶେଖ କମଲଉଦ୍ଦିନ, ଶେଖ ଅବଦୁଲ୍ଲ ସାହିଦ, ଶେଖ ଅବଦୁଲ୍ଲ ରଜାକ, ଶେଖ୍‌ଇକ୍ରାମ, ଶେଖସହବାଜକାଦ୍ରି, ଶେଖ ଅମିରୁପ୍‌ଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହିମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ବଡ଼ତୋଟା ର ନିଖୋଜ ଗଗନ ବିହାରୀ ମହାକୁଡ଼ଙ୍କ ମୃତ ଦେହ ପାଇକତିଗିରିଆ ଜଙ୍ଗଲରୁ ଉଦ୍ଧାର

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ବଡତୋଟା ଗ୍ରାମର ଗଗନ ବିହାରୀ ମହାକୁଡ଼ (୫୦), ଗତ ମାର୍ଚ୍ଚ ମାସ ୨୮ ତାରିଖ ଗୁରୁବାର ସକାଳ ୯ ଘଂଟିକା ସମୟରୁ କେଉଁ ଆଡେ ଚାଲିଯାଇଥିବା ନେଇ ପରିବାର ପକ୍ଷରୁ ଜଟଣୀ ଥାନା ରେ ଅଭିଯୋଗ ହୋଇଥିଲା । ତେବେ ଆଜି ତାଙ୍କ ମୃତ ଶରୀର ଝୁଲନ୍ତା ଅବସ୍ଥାରେ ଖୋର୍ଦ୍ଧା ଆଦର୍ଶ ଥାନା ଅଧିନ ପାଇକତିଗିରିଆ ଓ ଗୁରୁଜଙ୍ଗ ମଝିରେ ଥିବା ଜଙ୍ଗଲ ବିଭାଗର ହାଇଟେକ ନର୍ସରୀ ଜଙ୍ଗଲ ରୁ ଉଦ୍ଧାର ହୋଇଛି । ସେ ଘରୁ ଯାଇଥିବା ବେଳେ ପିନ୍ଧି ଥିବା ଗଞ୍ଜି କୁ ପାଖ ରେ ଏକ ଗଛ ରେ ଟଙ୍ଗାଇ ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ପାରିପାର୍ଶିକ ଅବସ୍ଥା କୁ ଦେଖିଲେ ଜଣା ପଡୁଛି ସେ ଘରୁ ଆସିବା ଦିନ ଠାରୁ ମୃତ୍ୟୁବରଣ କରିଛନ୍ତି। ସେ କିଛି ଦିନ ହେବ ମୃତ୍ୟୁବରଣ କରିଥିବାରୁ ଶରୀର ଟି ପଚି ଯାଇ ଗନ୍ଧେଇ ବାରୁ ଜଣାପଡିଥିଲା।ଏ ନେଇ ଆଦର୍ଶ ଥାନା ଘଟଣା ସ୍ଥଳ ରେ ପହଁଚି ଶବ କୁ ଉଦ୍ଧାର ସହିତ ପରିବାର କୁ ଜଣାଇ ଶବ ବ୍ୟବଚ୍ଛେଦ ପାଇଁ ନେଇଥିବା ସୂଚନା ମିଳିଛି। ସେପଟେ ଏ ନେଇ ପରିବାର ଓ ବନ୍ଧୁ ,ଗ୍ରାମ ମଧ୍ୟରେ ଶୋକ ର ଛାୟା ଖେଳିଯାଇଛି।

ସୋସିଆଲ ମିଡିଆ ର କର୍ମକର୍ତ୍ତାଙ୍କ ସହ ଆଲୋଚନା କଲେ ପ୍ରକାଶ

କଟକ, (ସବ୍ୟୁ)ସୋସିଆଲ ମିଡିଆ ର କର୍ମକର୍ତ୍ତା ଙ୍କ ସହ ଆଲୋଚନା ଏକ ଆଲୋଚନାଚକ୍ର ବାରବାଟୀ କଟକ ବିଜେଡି ପକ୍ଷର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବାରବାଟି – କଟକ ବିଧାୟକପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଆଲୋଚନା ହୋଇଛି । ବିରୋଧୀ ଙ୍କୁ କଟୁ ମନ୍ତବ୍ୟ ନ ଦେଇ କିପରି ମୁଖ୍ୟମନ୍ତ୍ରୀ ଙ୍କ ଲୋକାଭିମୁଖୀ କାର୍ଯ୍ୟ ଲୋକ ଙ୍କ ପାଖରେ ସୋସିଆଲ ମିଡିଆ ମାଧ୍ୟମ ରେ ପହଞ୍ଚି ଯାଇପାରିବ ଓ ବିଗତ ଦିନ ମାନଙ୍କ ରେ ଓ ଆଜି କଟକ ସହର କୁ ଯେଉ ଭଳି ଭାବେ ବିକାଶ ମାର୍ଗ ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନେଉଛନ୍ତି, ଏହା କିପରି ଜନ ସାଧାରଣ ଙ୍କ ପାଖରେ ପହଞ୍ଚିବ ଏଥି ପ୍ରତି ଗୁରୁ ଦେବା ପାଇଁ ଶ୍ରୀ ବେହେରା ପରାମର୍ଶ ଦେଇଥିଲେ । ବିରୋଧୀ ଦଳ ଯେଉଁ ଭଳି ଭାବରେ କୌଣସି ଉନ୍ନୟନ କାର୍ଯ୍ୟ ନ କରି ମଧ୍ୟ ଲୋକ ଙ୍କ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା କରୁଛି ତାକୁ ପ୍ରତିହତ କରାଇବାକୁ ପରାମର୍ଶ ଦେଇଥିଲେ । କୌଣସି ନେତା କିମ୍ବା ବ୍ୟକ୍ତି ବିଶେଷ୍ୟ ଙ୍କୁ ଖରାପ ଆକ୍ଷେପ ନ କରିବା ପାଇଁ ଶ୍ରୀ ବେହେରା ଗୁରୁତ୍ୱ ଦେଇଥିଲେ ।

ମା' ଜାଗୁଳାଇଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା ନବରାତ୍ର ଉତ୍ସବ ଆରମ୍ଭ

ଜଟଣୀ(ସ.ବ୍ୟୁ): ଜଟଣୀ ପୌରାଂଚଳସ୍ଥ କୁଦିଆରୀ ସ୍ଥିତ ମାଆ ଜାଗୁଳାଇଙ୍କ ପୀଠରେ ବାସନ୍ତୀକ ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ଆଜିଠାରୁ ଆରମ୍ଭ ହୋଇଛି । ଏହି ଅବସରରେ ସକାଳ ସମୟରେ ଅନେକ ପୁରୁଷ ଓ ମହିଳା ନୂତନ ବସ୍ତ୍ର ପରିଧାନ କରି କଳସ ଯାତ୍ରା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ପରେ ସାଲାମଣ୍ଡନ, ସୂର୍ଯ୍ୟପୂଜା କରାଯିବା ପରେ ସଂଧ୍ୟାରେ ମାଆଙ୍କୁ ମହାସ୍ନାନ କରାଯାଇଥିଲା । ପରେ ମାଆ ପ୍ରଥମେ ଶୈଳପୁତ୍ରୀ ବେଶରେ ଦର୍ଶନ ଦେଇଥିଲେ । ଆଜି ପ୍ରତିପଦା ସହିତ ଦ୍ୱିତୀୟା ଥିବାରୁ ରାତି ୮ଟା ପରେ ମାଆଙ୍କୁ ବ୍ରହ୍ମଚାରିଣୀ ବେଶରେ

ସଜ୍ଜିତ କରାଯାଇଥିଲା । ବିଳମ୍ବିତ ରାତି ପର୍ଯ୍ୟନ୍ତ ଚଣ୍ଡୀ ପାଠ କରାଯାଇଥିଲା। ଆସନ୍ତାକାଲି ବିଶ୍ରାମ ଦିବସ ଥିବାରୁ ମାଆ ସାଧାରଣଙ୍କ ବେଶରେ ଦର୍ଶନ ଦେବେ ବୋଲି ମନ୍ଦିରର ମୁଖ୍ୟ ପୂଜକ ମନୋରଂଜନ ପଣ୍ଡା କହିଛନ୍ତି । ଚିତ୍ରକର ବିଜୟ କୁମାର ପଣ୍ଡା ମାଆଙ୍କୁ ବେଶ କରାଇଥିଲେ । ମୁଖ୍ୟକର୍ତା ଓ କର୍ତୀ ହୋଇଛନ୍ତି ଅଭିରାମ କର ଏବଂ ସ୍ୱର୍ଣ୍ଣଲତା କର । ଏହି ପୂଜା ୧୦ ଦିନ ଧରି ଚାଲିବ । ମନ୍ଦିର ପରିଚାଳନା କମିଟି ସଭାପତି ରାଧାମୋହନ ପଟ୍ଟନାୟକ, ସଂପାଦକ ଏଲ୍‌ଡି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ସାହାଣୀ, ଅଶୋକ କୁମାର ଦାସ ଓ ସଦସ୍ୟଙ୍କ ଦ୍ୱାରା ଏହି ଆଧ୍ୟାତ୍ମିକ କାର୍ଯ୍ୟ ପରିଚାଳିତ ହୋଇଥିଲା ।

ନିର୍ବାଚନ କାର୍ଯ୍ୟରେ ଅନୁପସ୍ଥିତ ରହିଲେ ଦୃଢ କାର୍ଯ୍ୟାନୁଷ୍ଠାନ

କଟକ (ସବ୍ୟୁ): ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ କଟକ ଜିଲ୍ଲାର ସରକାରୀ, ସରକାରୀ ଅନୁଦାନପ୍ରାପ୍ତ, ବ୍ୟାଙ୍କ ଓ ବେସରକାରୀ ଅନୁଷ୍ଠାନଗୁଡିକରୁ ନିର୍ବାଚନ ପରିଚାଳନା ନିମନ୍ତେ କର୍ମଚାରୀମାନଙ୍କର ତଥ୍ୟ ସଂଗ୍ରହ କରି ଏନଆଇସି ଦ୍ୱାରା ପ୍ରସ୍ତୁତ ହୋଇଥିବା ପୋର୍ଟାଲ ମାଧ୍ୟମରେ ମୋଟ ୧୯ ହଜାର ୭୮୭ ଜଣ କର୍ମଚାରୀଙ୍କ ତଥ୍ୟକୁ ଉପଯୋଗ କରି ଗତ ଆ୦ ତାରିଖରେ ପ୍ରଥମ ରାଣ୍ଡମାଇଜେସନ୍ ପ୍ରସ୍ତୁତ କରାଯାଇଥିଲା । ଉକ୍ତ ତଥ୍ୟ ମଧ୍ୟରୁ ୧୬ ହଜାର ୪୬୮ଜଣ କର୍ମଚାରୀଙ୍କୁ ପ୍ରିଜାଇଡିଂ ଓ ବିଭିନ୍ନ ପୁଲିଂ ଅଫିସର ନିମନ୍ତେ ସ୍ଥିରୀକୃତ କରି ସେମାନଙ୍କୁ ନିଯୁକ୍ତ ପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ୩ହଜାର ୩୧୯ ଜଣ ବଳକା କର୍ମଚାରୀଙ୍କୁ ଭବିଷ୍ୟତ ନିଯୁକ୍ତି ନିମନ୍ତେ ରଖାଯାଇଅଛି ।

ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମ ପର୍ଯ୍ୟାୟରେ ଗତ ମାର୍ଚ୍ଚ ୧୪ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ କଟକ ଜିଲ୍ଲାର ବିଭିନ୍ନ ବ୍ଲକ ଓ ମହାନଗର ଅଂଚଳରେ ନିର୍ବାଚନ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ଅନୁରୋଧ କ୍ରମେ ଜିଲ୍ଲାପାଳଙ୍କ ଆଦେଶ ସଂଖ୍ୟା ୧୨୮୪/ ୧୫.୩.୨୪ ଦ୍ୱାରା ସେହି ଅନୁଷ୍ଠାନଗୁଡିକର ୭୧୮ ଜଣ କର୍ମଚାରୀଙ୍କୁ ନିର୍ବାଚନ ପରିଚାଳନା କାର୍ଯ୍ୟରୁ ବାଦ୍ ଦିଆଯାଇଛି ଏବଂ ୧୭୪ଜଣ କର୍ମଚାରୀଙ୍କୁ ଏଯାବତ୍ ଅନ୍ୟାନ୍ୟ କାରଣବଶତଃ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦିଆଯାଇଅଛି। ଏଯାବତ୍ ମୋଟ୍ ୮୯୨ ଜଣ କର୍ମଚାରୀଙ୍କୁ ନିର୍ବାଚନ କାର୍ଯ୍ୟରୁ ବାଦ୍ ଦିଆଯାଇଅଛି ଏବଂ ଡାକ୍ତରୀ ଦଳର ସୁପାରିଶ ତଥା ଉପରଲିଖିତ ଅନ୍ୟାନ୍ୟ କାରଣ ଯୋଗୁଁ ଚିହ୍ନଟ ହୋଇଥିବା କର୍ମଚାରୀମାନଙ୍କୁ ବାଦ୍ ଦିଆଯିବା ନିମେନ୍ତ ମଧ୍ୟ ଜିଲ୍ଲାପାଳଙ୍କ ଆଦେଶ କ୍ରମେ ତାଲିକା ପ୍ରକାଶ ପାଇବ । ଜିଲ୍ଲାରେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କ ସମ୍ବନ୍ଧରେ ଏହି ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଶ୍ରୀ ଶିବ ଟପୋ କହିଛନ୍ତି ଯେ ଜିଲ୍ଲାପାଳଙ୍କ ଆଦେଶ ଦ୍ୱାରା ନିର୍ବାଚନ କାର୍ଯ୍ୟରୁ ବାଦ୍ ପଡିଥିବା କର୍ମଚାରୀମାନଙ୍କ ବ୍ୟତୀତ ଅନ୍ୟାନ୍ୟ କର୍ମଚାରୀ ନିର୍ବାଚନ ପ୍ରଶିକ୍ଷଣ କିମ୍ବା ନିର୍ବାଚନ ଦାୟିତ୍ୱ ନିର୍ବାହରେ ଅନୁପସ୍ଥିତ ରହିଲେ ସେମାନଙ୍କ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ସାଧାରଣ ସୁବିଧାରୁ ବଞ୍ଚିତ ଶିଶୁମାନଙ୍କର ସୋଆ କମ୍ୟୁନିଟି ରେଡ଼ିଓ ପରିଦର୍ଶନ

ଭୁବନେଶ୍ୱର (ସବ୍ୟୁ): ସାଧାରଣ ମାନର ଜୀବନଯାପନ ଅଧିକାରରୁ ବଞ୍ଚିତ ପନ୍ଦର ଜଣ ଶିଶୁ ଗତ ଶନିବାର ଦିନ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ବୁଲି ଦେଖିବା ସହ ରେଡ଼ିଓ ମାଧ୍ୟମରେ ନିଜର ଜୀବନର ଅନୁଭୂତି ବଖାଣିବା ସହ ନିଜର ଉତମ ଭବିଷ୍ୟତ ନେଇ ଆଶା ପ୍ରକାଶ କରିଛନ୍ତି । ପ୍ରଥମ ଥର ପାଇଁ କୌଣସି ରେଡ଼ିଓ ଷ୍ଟେସନ୍‌କୁ ଆସି ଅଭିଭୁତ ହୋଇପଡ଼ିବା ସହ ଦୈନନ୍ଦିନ ଜୀବନରେ ସେମାନେ କିଭଳି ରାଜରାସ୍ତାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ସମ୍ମାନର ସହ ସାଧାରଣ ଜୀବନ ବଂଚିବା ପାଇଁ କିଭଳି ସଂଘର୍ଷ କରୁଛନ୍ତି ସେ ନେଇ ଏହି କାର୍ଯ୍ୟକ୍ରମରେ ନିଜ ଅନୁଭୂତି ବଖାଣି ଥିଲେ।

ଦଶମ ଶ୍ରେଣୀରେ ପଢୁଥିବା ୧୫ ବର୍ଷୀୟା ଲକ୍ଷ୍ମୀ ରେଡ୍ଡୀ ଜଣେ ଦିନ ମଜୁରିଆ ଭାବେ କାମ କରୁଥିବା ବେଳେ ୧୨ ବର୍ଷର କାହ୍ନା ସିଂ କିଭଳି ନିଶାଗ୍ରସ୍ତ ହୋଇ ପରେ ଏହି ରାକ୍ଷାସ କବଳରୁ ମୁକୁଳି ପାରିଥିଲେ ତାହା ବର୍ଣ୍ଣନା କରିଥିଲେ । ଏହି ପିଲାମାନେ ରେଡ଼ିଓ

ଜକି (ଆର୍‌ଜେ)ଙ୍କ ସାମ୍ନାରେ ନିଶା ଆସକ୍ତି, ବାଲ୍ୟ ବିବାହ, ଯୌନ ନିର୍ଯ୍ୟାତନା ଏବଂ ଶିଶୁ ଶ୍ରମିକ ଭାବେ ସେମାନଙ୍କ ଅନୁଭୂତି ଓ ଚିନ୍ତାଧାରା ବଖାଣି ଥିଲେ। ଆମେ ଆମ ଇଚ୍ଛାରେ ଏହା କରିନାହୁଁ ମାତ୍ର ପରିସ୍ଥିତି ଆମକୁ ଏଭଳି

ଭିନ୍ନକ୍ଷମ ଝିଅ ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱରେ ଅସହାୟ ବିଧବା ମା'

ସିମୁଳିଆ, (ସବ୍ୟୁ): ପ୍ରତ୍ୟେକ ଘରର ଝିଅଟିଏ ଜନ୍ମ ହେଲେ ଶୁଭ ବୋଲି ବିବେଚନା କରାଯାଇଥାଏ । ହେଲେ ପୁତ୍ର ଆଶାରେ ୪ଟି ଝିଅ ଜନ୍ମଲାଭ ପରେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ପଡିଛି ବାଲେଶ୍ୱର ଜିଲ୍ଲା ସିମୁଳିଆ ମଇତାପୁର ପଞ୍ଚାୟତର କମାରପାଟଣା ଗ୍ରାମର ବିଧବା ଜୟନ୍ତୀଙ୍କ ପରିବାର । ସ୍ୱାମୀ କରୁଣାକର ବେହେରା ୫ବର୍ଷ ତଳେ ପେଟ ଯନ୍ତ୍ରଣା ସହ୍ୟ କରି ନ ପାରି ବିଷ ପିଇ ଆତ୍ମହତ୍ୟା କରିବା ପରେ ପରିବାରର ଦୁଃଖ ଦ୍ୱିଗୁଣିତ ହୋଇଯାଇଛି । ଅର୍ଥାଭାବ ସତ୍ତ୍ୱେ ବଡ ଝିଅ ଲକ୍ଷ୍ମୀପ୍ରୀୟା ଯୁକ୍ତ ଦୁଇ,ଦ୍ୱିତୀୟ ଝିଅ ଶସ୍ମିତା ଯୁକ୍ତ ୩ ଓ ଚତୁର୍ଥ ଝିଅ ସରୋଜିନୀ ୫ମ ଶ୍ରେଣୀ ପାଠ ପଢୁଛି । ଅର୍ଥଭାବ ଯୋଗୁଁ ତିନୋଟି ପିଲାର ପାଠ ପଢାର ଡୋରୀ ବାନ୍ଧିବାକୁ ବସିଛି । ତୃତୀୟ ଝିଅ ସୁଲତା ଜନ୍ମରୁ ୯୫ଶତକଡା ଦିବ୍ୟାଙ୍ଗ ଥାଇ ସରକାରୀ ଭତ୍ତା ପାଉଛନ୍ତି। ଜୀବନଟା ସିନା ବଞ୍ଚି ଯାଉଛି ।ହେଲେ ବାକିତକ ଜୀବନ କିଏ ସେ ଦାୟିତ୍ୱ ନେବ ଏହି ଦିବ୍ୟାଙ୍ଗ ଝିଅର ଚିନ୍ତାରେ ଅସହାୟ ମା ଜୟନ୍ତୀ । ଶେଷରେ ପିଲାଟି ଚାଲିବା ନେଇ ଏକ ଡାକ୍ତରୀ ପରୀକ୍ଷା କରାଇବା ପରେ ଚିକିତ୍ସା କଲେ ସୁଲତା ଚାଲିବାର ଶକ୍ତି ପାଇ ପାରିବ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ଏଥି ନିମନ୍ତେ ଆବଶ୍ୟକ ଅର୍ଥ ଯୋଗାଇବାକୁ ଅସମର୍ଥ ଜୟନ୍ତୀ । କେହି ସହୃଦୟ ବ୍ୟକ୍ତି ଜୟନ୍ତୀଙ୍କୁ ସାହାର୍ଯ୍ୟର ହାତ ବଢାଇଲେ ସୁଲତା ଆଶାବାଡି ସାହାର୍ଯ୍ୟରେ ଚାଲିବାର ଶକ୍ତି ପାଇ ପାରନ୍ତା ବୋଲି କୋହଭରା କଣ୍ଠରେ ମା ଜୟନ୍ତୀ ନିବେଦନ କରିଛନ୍ତି ।

ଶ୍ରୀଲୋକନାଥ ମନ୍ଦିରରେ ଶ୍ରୀରାମ ଚରିତ ମାନସ ପ୍ରବଚନ

ଭଦ୍ରକ,(ସବ୍ୟୁ):ଚିନ୍ତା ଚେତନା ଆଧାତ୍ମିକ ପରିଷଦ ଦ୍ୱାରା ଆୟୋଜିତ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନ ଯଜ୍ଞ ଗତକାଲି ସୋମବାରରୁ ଆରମ୍ଭ ହୋଇଛି। ଏହି ଆଧାତ୍ମିକ କାର୍ଯ୍ୟକ୍ରମ ଶ୍ରୀରାମ ନବମୀ ପର୍ଯ୍ୟନ୍ତ ଜାରି ରହିବ। ଏହି କାର୍ଯ୍ୟକ୍ରମର ପ୍ରଥମ ପାଳିରେ ସଚ୍ଚଶ୍ରୀ ଅଯୋଧ୍ୟାନାଥ ଦାସ ମହାରାଜ ପ୍ରବଚନ ପରିବେଷଣ କରୁଥିବା ବେଳେ ଦ୍ୱିତୀୟପାଳିରେ ପ୍ରାଧାପକ ଡ. ପ୍ରମୋଦ କୁମାର ଦାଶ ଓ ତୃତୀୟପାଳିରେ ଡ. ଗୁରୁପ୍ରସାଦ ମହାପାତ୍ର ପ୍ରବଚନ ପରିବେଷଣ କରିବା କାର୍ଯ୍ୟକ୍ରମ ରହିଛି। ଶେଷଦିନ ଶ୍ରୀରାମନବମୀ ଅବସରରେ ଯଜ୍ଞର ପୂର୍ଣ୍ଣାହୁତି ଓ ନାରାୟଣ ସେବାର ଆୟୋଜନ କରାଯାଇଛି। ପ୍ରତ୍ୟହ ସନ୍ଧ୍ୟାରେ ବହୁସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରବଚନ ଶ୍ରବଣରେ ଭାଗ ନେଉଛନ୍ତି। କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗ ଦେଇ ଶ୍ରୀରାମଙ୍କ କଥାମୃତ ଶ୍ରବଣ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

ମା' ରକ୍ଷାକାଳୀଙ୍କ ବାର୍ଷିକୋତ୍ସବ

ଦୋବଲ, (ସବ୍ୟୁ): ଧାମନଗର ବ୍ଲକ ଦଳାଙ୍ଗ ରାମେଶ୍ୱରପୁର ସ୍ଥିତ ମା'ରକ୍ଷାକାଳୀଙ୍କ ବାର୍ଷିକ ଉତ୍ସବ ଦୁଇଦିନ ବ୍ୟାପୀ ପାଳିତ ହୋଇଛି। ଶନିବାର ସନ୍ଧ୍ୟାରେ ନିକଟସ୍ଥ ଗେଙ୍ଗୁଟି ନଦୀରୁ ଘଟୋତ୍ତଳନ ପରେ ଗ୍ରାମ ପରିକ୍ରମା କରାଯାଇ ପୀଠ ମଣ୍ଡପରେ ଘଟ ସ୍ଥାପନା କରାଯାଇଥିଲା। ମା'ଙ୍କ ମୁଖ୍ୟ ପୂଜକ,ଚକ୍ଷୁଦାନ,ବ୍ରହ୍ମ ମୁହୂର୍ତ୍ତରେ ଯଜ୍ଞ,ସ୍ନାନ,ବଡ଼ ଭୋଗ,ଆଳତି କରିଥିଲେ। ରବିବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇ ଘଣ୍ଟ, ଘଣ୍ଟା ବଜାଇ ଗେଙ୍ଗୁଟି ନଦୀରେ ମୂର୍ତ୍ତି ବିସର୍ଜନ କରାଯାଇଥିଲା।

ବିଜେପିର ନିର୍ବାଚନୀ ସଭା

ବିକାଶରେ ସହଯୋଗ କରନ୍ତୁ, ଆମ୍ଭେ ଆପଣଙ୍କୁ ଏକ ସୁନ୍ଦର ବ୍ରହ୍ମପୁର ଦେବୁ: ପ୍ରଦୀପ ପାଣିଗ୍ରାହୀ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଏକ ଐତିହାସିକ ପୃଷ୍ଠଭୂମି ଅଛି । କିନ୍ତୁ ଦୀର୍ଘ ଦିନର ଅପାରଗ ଓ ସ୍ଥାଣୁ ନେତୃତ୍ୱ ଯୋଗୁଁ ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଦିଲ୍ଲୀ ଦରବାରରୁ ତାର ନ୍ୟାୟ ଦାବି କରିବାରେ ବିଫଳ ହୋଇଛି। ସାଲିସ ଓ ମୁଣ୍ଡପୋତା ନେତୃତ୍ୱ ବ୍ରହ୍ମପୁରର ବିକାଶରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ବ୍ରହ୍ମପୁର ସହର ତଥା ଏହାର ଆଖ ପାଖ ଅଂଚଳର ଆଇନ ସୁରକ୍ଷା କଥା ନକହିଲେ ଭଲ । ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲା ଏକ ନମ୍ବର । ନାରୀ ନିର୍ଯାତନା, ହତ୍ୟାରେ, ସମଗ୍ର ଓଡ଼ିଶାରେ ଗଂଜାମ ଜିଲ୍ଲା ଆଜି ଏକ ନମ୍ବର ସ୍ଥାନ ଅକ୍ତିଆର କରିଛି। ରାଜ୍ୟ ସରକାର ଜଙ୍ଗଲରେ କେତେ ବାଘ ଅଛି ଗଣିପାରୁଥିବା ବେଳେ ଗଞ୍ଜାମ ଜିଲ୍ଲାରୁ କେତେ ଦାଦନ ଶ୍ରମିକ ଅନ୍ୟ ରାଜ୍ୟରେ କାମ କରୁଛନ୍ତି ତାହାର ହିସାବ ନାହିଁ । ଶୁଣାଯାଉଛି ଜିଲ୍ଲାରୁ ପାଖାପାଖି ୭ ଲକ୍ଷ ଲୋକ ଅନ୍ୟ ରାଜ୍ୟରେ ଦାଦନ ଖଟନ୍ତି । ୨୫ ବର୍ଷର ମୁଖ୍ୟମନ୍ତ୍ରୀଙ୍କ ନିଜ ନିର୍ବାଚନ ମଣ୍ଡଳୀରେ ସବୁଠାରୁ ଅଧିକ ଦାଦନ ଶ୍ରମିକ । ଜିଲ୍ଲାରେ ଶୀତଳ ଭଣ୍ଡାରଟିଏ ନାହିଁ । କୃଷି ଓ କୃଷକଙ୍କ ଉନ୍ନତି କରିବାରେ ନବୀନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛି । ଚାଷୀର ଜମିକୁ ପାଣି ଯୋଗାଇବାରେ ପ୍ରତିଶ୍ରୁତି ୨୫ ବର୍ଷ ହେଲା ପୂର୍ଣ୍ଣ ହୋଇପାରିଲା ନାହିଁ । କିଆଫୁଲ ଚାଷୀ, ମତ୍ସ୍ୟଜୀବୀ ଆଖୁଚାଷି ମାନଙ୍କ ଅବସ୍ଥା ଶୋଚୋନୀୟ। ଦକ୍ଷିଣ ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ବଡ଼ ମେଡ଼ିକାଲରେ ୫୦% ଭାଗ ଡାକ୍ତର ନାହାନ୍ତି। ନବୀନ ସରକାରଙ୍କର ଅବହେଳାରେ ମୂର୍ତ୍ତିମନ୍ତ ପ୍ରତୀକ ହେଉଛି ବଡ଼ ମେଡ଼ିକାଲ । ବ୍ରହ୍ମପୁର ସହରରେ ମହାନଗର ନିଗମର ଦୁର୍ନୀତି କଥା କହିଲେ ଏକ ଗ୍ରନ୍ଥ ହେବ । ଘର ପାନୁ ବୃଦ୍ଧିକୁ ତୁରନ୍ତ ପ୍ରତ୍ୟାହାର କରିବା ଓ କେନ୍ଦ୍ରସରକାର ଦେଉଥିବା ଅନୁଦାନକୁ ଉପଯୁକ୍ତ ଭାବରେ ବିନିଯୋଗ କରିବାକୁ ଦାବି କରୁଛୁ । ୨୦୧୯ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର ସହରକୁ ଜାନିବିଲି ପ୍ରକଳ୍ପରୁ ଯୋଗାଇ ଦିଆଯାଉଥିବା ପାଣିରେ ଶୁଭ ଉଦଘାଟନ କଲେ । କିନ୍ତୁ ଆଜି ମଧ୍ୟ ସହରର ୩୦ ଭାଗ ଅଞ୍ଚଳକୁ ପିଇବା ପାଣିର ସୁଯୋଗ ମିଳିଲା ନାହିଁ । ଗଞ୍ଜାମ ଜିଲ୍ଲା ତଥା ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଏକ ଶିଳ୍ପ ବିହୀନ ଜିଲ୍ଲା । ବିଜେଡି ଦଳ ଓ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାର ବିକାଶ ପାଇଁ ଗତ ୨୫ ବର୍ଷ ମଧ୍ୟରେ ସାମଗ୍ରିକ ଭାବରେ କୌଣସି ପଦକ୍ଷେପ ନେଲେ ନାହିଁ । ନିର୍ବାଚନ ସମୟରେ ଗୁଣ୍ଡା ଓ ଚକ୍ରାନ୍ତ ବ୍ୟବହାର କରିବା ସହ ସରକାରୀ ପୁଲିସକୁ ବ୍ୟବହାର କରି ବିଜେଡିର ନିର୍ବାଚନ ରଣକୌଶଳକୁ ଏଇଥର ଜନସାଧାରଣ ବୁଝି ସାରିଛନ୍ତି । ଆମେ ଭାରତୀୟ ଜନତା ପାର୍ଟି ତରଫରୁ ଲୋକଙ୍କୁ ଅନୁରୋଧ କରୁଛୁ, ଭୟ ଓ ଚାପକୁ ଖାତିର ନକରି ଓ ଏକ ସୁନ୍ଦର ବିକଶିତ ବ୍ରହ୍ମପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପିକୁ ଭୋଟ ଦିଅନ୍ତୁ ।

ଶ୍ରୀରାମ ନବମୀ ମହୋତ୍ସବରେ ଗୋ-ମାତା, ସାଧୁସନ୍ତଙ୍କ ପୂଜନ

ଭଦ୍ରକ,(ସବ୍ୟୁ): ମଙ୍ଗଳବାର ଐତିହାସିକ ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଭଦ୍ରକ ବ୍ଲକ ଅନ୍ତର୍ଗତ ପରସିଙ୍ଗା ପଞ୍ଚାୟତର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଗୋ ମାତା ଓ ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ମଠ ମନ୍ଦିରରୁ ଆଗତ ୫୦ରୁ ଊର୍ଦ୍ଧ୍ୱ ସାଧୁ ସନ୍ଥ ସନ୍ନ୍ୟାସୀ ଏବଂ ୩୦ରୁ ଉର୍ଦ୍ଧ୍ୱ ଗୋ ମାତାଙ୍କର ପୂଜନ କରାଯାଇଥିଲା। ପୂର୍ବାହ୍ଣରେ ଗାନ୍ଧୀ ପଡ଼ିଆଠାରେ ଭୂମି ପୂଜନ ସରିବା ପରେ ସାଧୁ ସନ୍ଥଙ୍କୁ ସ୍ୱାଗତ କରି ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ପୂଜନ ସ୍ଥଳୀକୁ ନିଆଯାଇଥିଲା। ସେଠାରେ ସେମାନଙ୍କୁ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରି ସମର୍ଦ୍ଧିତ କରାଯାଇଥିଲା। ସାଧୁସନ୍ଥଙ୍କ ଦ୍ୱାରା ଗୋ ମାତାଙ୍କୁ ପୂଜନ କରାଯିବା ସହିତ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ପାଳନ କରାଯାଇଥିଲା। ଉତ୍କୃଷ୍ଟ ଗୋ ମାତାଙ୍କୁ ଚିହ୍ନଟ କରାଯାଇ ଏହାର ପାଳକଙ୍କୁ ସମାନୀତ କରାଯିବ ବୋଲି ସମିତି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସାଧୁସନ୍ଥ ମାନେ ଏରେଇଁ ପରସିଙ୍ଗା ପ*ାୟତରେ ପହ*ିବା ପରେ ମହିଳା ମାନେ ଫୁଲ, ଚନ୍ଦନ ଦେଇ ଶଙ୍ଖ ହୁଳୁ ହୁଳି ପକାଇ ସଭାସ୍ଥଳ ପର୍ଯ୍ୟନ୍ତ ପାଛୋଟି ନେଇ ଯାଇଥିଲେ। ବରିଷ୍ଠ ଉପଦେଷ୍ଟା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସନ୍ଥ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସନ୍ଥ ମାନେ ଉକ୍ତ ସଭାରେ ଉପସ୍ଥିତ ରହି ଆଶିର୍ବଚନ ପ୍ରଦାନ କରିବା ସହ ଗୌରବ ମୟ ଭାରତୀୟ ସଂସ୍କୃତି, ପରମ୍ପରା ଓ ଗୋ ମାହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ,ପଣ୍ଡିତ ବିରେନ୍ଦ୍ର ପଣ୍ଡା,ସନ୍ଥ ମାନଙ୍କ ମଧ୍ୟରେ ସ୍ୱାମୀ ଆଶ୍ରୟାନନ୍ଦଜୀ ମହାରାଜ,ବାବା ଦଣ୍ଡଧାରି ମହାରାଜ ହିନ୍ଦୁ ସମାଜ,ହିନ୍ଦୁତ୍ୱ,ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ, ଗୋ ସେବା ଆଦି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ରୀରାମ ମହାଯଜ୍ଞ ସମିତିର ସଭାପତି ବରିଷ୍ଠ ଆଇନଜୀବି ନିତ୍ୟାନନ୍ଦ ନାୟକ,ଉପସଭାପତି ଜଗନ୍ନାଥ ଦାଶ,ତ୍ରିଲୋଚୋନ ନାୟକ,କହ୍ନେଇ ଚରଣ ଦାସ,ସାଧାରଣ ସମ୍ପାଦକ ଶରତ ପଡ଼ିଆରୀ,ସଂଯୋଜକ ଗୋବିନ୍ଦ ଚନ୍ଦ୍ର ରାଉତ,ସମ୍ପାଦକ ଆଇନଜୀବି ତୁଷାର କାନ୍ତ ଦାସ,ସ୍ୱରୂପାନନ୍ଦ ମହାପାତ୍ର,ସ୍ୱାଧୀନ ସୁନ୍ଦର ଦାସ,କୋଷାଧ୍ୟକ୍ଷ ନିରଞ୍ଜନ ସାହୁ,ସହକୋଷାଧ୍ୟକ୍ଷ ଶିବ ଶଙ୍କର ଦାସ,ସମିତିର ଉପଦେଷ୍ଟା ତଥା ଧାମନଗରର ବିଧାୟକ ସୂର୍ଯ୍ୟବଂଶୀ ସୁରଜ,ବରିଷ୍ଠ ଉପଦେଷ୍ଟା ଦୀନବନ୍ଧୁ ପତି,ରଘୁନାଥ ସାହୁ,ଡା.ଦେବରାଜ ପାତ୍ର,ଭଦ୍ରକ ବ୍ଲକ ଶ୍ରୀରାମ ମହାଯଜ୍ଞ ସମିତି ସଂଯୋଜନା ମଣ୍ଡଳୀର ସଂଯୋଜକ ବୃନ୍ଦାବନ ଜେନା,ସହସଂଯୋଜକ ଅନିଲ ବେହେରା ଏବଂ ମାନସ ବାରିକ ପ୍ରମୁଖ ଉପସ୍ଥିତ ରହିଥିଲେ। ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ପରିଚାଳନାରେ ରାମଚନ୍ଦ୍ର ପଣ୍ଡା,ଭୁବନାନନ୍ଦ ମିଶ୍ର,ସଞ୍ଜୀବ ମହାନ୍ତି,ବସନ୍ତ ଦାସ,ଅଲେଖ ଦାସ,ଅମୂଲ୍ୟ ବେହେରା,ବିଶେଶ୍ୱର ମହାନ୍ତି,ପଂଚାନନ ସାହୁ,ଗୌରାଙ୍ଗ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ପ୍ରାକ୍ତନ ଅଧ୍ୟକ୍ଷଙ୍କ ପତ୍ନୀ ବିୟୋଗ

ସୋର, (ସବ୍ୟୁ): ସାରସ୍ୱତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସତ୍ୟବାନ ରାଉତଙ୍କ ଧର୍ମପତ୍ନୀ ସୀତାଦେବୀ ରାଉତ(୭୦)ଙ୍କର ମଙ୍ଗଳବାର ଅପରାହ୍ଣରେ ପରଲୋକ ହୋଇଯାଇଛି। ସେ ଗତ କିଛି ବର୍ଷଧରି ରୋଗ ଶଯ୍ୟାରେ ଥାଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଲୋକ, ଶିକ୍ଷକ, ଅଧ୍ୟାପକ ଏବଂ ପୁରାତନ ଛାତ୍ରଛାତ୍ରୀମାନେ ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଅନ୍ତିମ ସତ୍କାର କରାଯାଇଛି। ତାଙ୍କର ପୁତ୍ର ସମ୍ମିତ୍ ମୁଖାଗ୍ନି ଦେଇଥିବା ବେଳେ ସ୍ୱାମୀ, ୩ ଝିଅ ଜ୍ୱାଇଁ ପୁତ୍ରବଧୂ ନାତି ନାତୁଣୀ ଉପସ୍ଥିତ ଥିଲେ। ସ୍ୱର୍ଗତା ସୀତାଦେବୀ ଜଣେ ଧର୍ମ ପରାୟଣ ମହିଳା ଭାବେ ପରିଚିତ ଥିଲେ।

ନୀଳପ୍ରଭା ସାହିତ୍ୟ ପରିଷଦର ବସନ୍ତ ଆସର

ବାଲେଶ୍ୱର, (ସବ୍ୟୁ): ନୀଳପ୍ରଭା ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ବସନ୍ତ ଆସର ଓ ବଂଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ଣ ୯ ଘଟିବାରୁ ପୂର୍ବହ୍ଣ ୧୧ ଘଟିକା ପର୍ଯ୍ୟନ୍ତ ବସନ୍ତ ଉପରେ କବିତା ପାଠ ଓ ଆଲୋଚନା କରାଯାଇଥିଲା । ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ଶ୍ରୀକାନ୍ତ ବେହେରା, ମୁଖ୍ୟ ଅତିଥି ଡ. ଭାଗବତ ପ୍ରସାଦ ଦାସ,ମୁଖ୍ୟ ବକ୍ତା ବ୍ୟଙ୍ଗକବି ପ୍ରଭାକର ସାହୁ ଓ ସଂଯୋଜନା କରିଥିଲେ ସୁଶ୍ରୀ ସତ୍ୟଭାମା ମୁଦୁଲି । ଧନ୍ୟବାଦ ଦେଇଥିଲେ ମହେଶ୍ୱର ସାହୁ । ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବରେ ସଭାପତିତ୍ୱ କରିଥିଲେ କବି ସୁବର୍ଣ୍ଣୀଶ୍ରୀର ସଂପାଦକ କାଳୀପଦ ପଣ୍ଡା, ମୁଖ୍ୟ ବକ୍ତା ଧ୍ୱନିପ୍ରତିଧ୍ୱନିର ପରିଚାଳନା ସଂପାଦକ ସୃଷ୍ଟିଧର ପରିଡ଼ା ମୁଖ୍ୟ ଅତିଥି ଅଭୟ ସୂତାର ବରେଣ୍ୟ ଅତିଥି ପ୍ରାଧ୍ୟାପକ ଡ. ବଂଶୀଧର ଚୌଧୁରୀ ଓ ସମ୍ମାନିତ ଅତିଥି ଜାନକୀ ପାଢ଼ୀ ଓ ସଂଗଠନର ସହସଂପାଦକ ଗଂଗାଧର ଦାସ ବସନ୍ତ ଆସରର ଆଭିମୁଖ୍ୟ ଓ ଆଜିର ଦିନରେ ଅବକ୍ଷୟ ବସନ୍ତ ଉପରେ ନିଜର ଅଭିମତ ରଖିଥିଲେ । ପ୍ରାଧାପକ ରବିନାରାୟଣ ଚୌଧୁରୀ ବର୍ତ୍ତମାନର ସାହିତ୍ୟ ଧାରା ଉପରେ ମୂଲ୍ୟବାନ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ସହସଂପାଦକ ଭକ୍ତଶ୍ରୀ ସମସ୍ତ କବି ଲେଖକଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ଆସରରେ ଶ୍ରୀ ବେହେରା ଓ ଜାନକୀ ପାଢ଼ୀଙ୍କୁ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗରେ ସମ୍ମାନ

ଭଦ୍ରକ, (ସବ୍ୟୁ): ବିଶ୍ୱ ସାହିତ୍ୟରେ ଉତ୍ତର ଆଧୁନିକତା ଏକ ପାଶ୍ଚାତ୍ୟ ଦର୍ଶନ ଭାବେ ପ୍ରବେଶ କରିଛି, ମାତ୍ର ଓଡ଼ିଆ ସାହିତ୍ୟରେ ଏହାର ପ୍ରୟୋଗ ସମ୍ପୂର୍ଣ୍ଣ ଦେଶୀୟ ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ। କାରଣ ପାଶ୍ଚାତ୍ୟ 'ନେତିବାଦ' ମାନସିକତା ଭାରତ ଭୂମିକୁ ସମ୍ପୂର୍ଣ୍ଣ ରୂପେ କବଳିତ କରିନାହିଁ। ଆଜି ମଧ୍ୟ ଆମ ଅନ୍ତରାତ୍ମାରେ 'ଅସ୍ତି'ର ଜିଜ୍ଞାସା ନିହିତ। ଏଣୁ ଏବେର ନୂଆ କବିତା ମାନବର ନିକଟତମ ହୋଇଛି ଓ ମାନବର ଚିନ୍ତାଚେତନାକୁ ଅନ୍ତରଙ୍ଗ ଭାବରେ ପ୍ରକାଶ କରିବାକୁ ବ୍ରତୀ ହୋଇଛି ବୋଲି ଭଦ୍ରକ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଦ୍ୱାରା ଆୟୋଜିତ ସଂପାନରେ ବିଷୟ ବିଶାରଦ ତଥା ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଳିଆବିନ୍ଧା ବିଏନ୍‌ଏମ୍‌ଏ କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ଭାବରେ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କବି ହୃଦାନନ୍ଦ ପାଣିଗ୍ରାହୀ ଯୋଗଦେଇ ସତ୍ କବିତାର ଚିରସବୁଜ ଓ କବିତାର ଆତ୍ମିକ ଓ ଆଙ୍ଗିକ ସୌନ୍ଦର୍ଯ୍ୟ ସର୍ବଦା ପ୍ରଭାବଯୁକ୍ତ ବୋଲି ମତବ୍ୟକ୍ତ କରିଥିଲେ। ବିଭାଗମୁଖ୍ୟ ଅଧ୍ୟାପକ ଡକ୍ଟର ଅଭୟ କୁମାର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଂପାନରେ ଅଧ୍ୟକ୍ଷା ସୁପ୍ରୀତି କର ପାଠଚକ୍ରର ଉଦ୍ଘାଟନ କରିଥିଲେ। ଡକ୍ଟର ଅନିତାରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପିକା ପ୍ରମିଳା ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ପୁଷ୍ପଲତା ଧଳ, ଗୀତାଞ୍ଜଳି ସାହୁ, ସ୍ନିଗ୍ଧା ରାଣୀ ଖୁଆ, ଅନିତା ପର୍ଡ଼ି, ନମିତା ନାୟକ, ଅଧ୍ୟାପକ ରାଜେଶ ପାହାରୀ, ଅନିଲ୍ ବେହେରା ପ୍ରମୁଖ ସଂପାନ ପରିଚାଳନା କରିଥିଲେ।

ବାବା ଚନ୍ଦନେଶ୍ୱର ମହାଦେବଙ୍କ ପ୍ରସିଦ୍ଧ କାମିନୀ ବିବାହ ଆଜି

ଭୋଗରାଇ, (ସବ୍ୟୁ) : ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଶୈବପୀଠ ବାବା ଚନ୍ଦନେଶ୍ୱର ମହାଦେବଙ୍କ ଚଡ଼କମେଳାର ଚତୁର୍ଥ ଅର୍ଘ୍ୟ ଥିଲା ମଙ୍ଗଳବାର। ଏହି ୪ ଅର୍ଘ୍ୟରେ ଓଡ଼ିଶା ସମେତ ପଶ୍ଚିମବଂଗ, ଝାଡ଼ଖଣ୍ଡ, ବିହାର ଓ ବାଙ୍ଗଲାଦେଶରୁ ଲକ୍ଷ୍ୟାଧିକ ଶୈବଭକ୍ତ ଆଗମନରେ ଚଳଚଞ୍ଚଳ ହୋଇ ଉଠିଛି ଚନ୍ଦନେଶ୍ୱର ପୀଠ । ହୁଗୁଳି ଗ୍ରାମର ଜଳଯନ୍ତ୍ର ଦେବତା ଚନ୍ଦନେଶ୍ୱର ମହାଦେବଙ୍କ ମନ୍ଦିରର ୪କି.ମି. ପରିଧି ମଧ୍ୟରେ ହଜାର ହଜାର ଉପବୀତ ଧାରୀ ଶୈବଭକ୍ତ, ସେବାୟତ, ପଣ୍ଡା, ଯାତ୍ରୀ ନିବାସ ଓ ଲୋକଙ୍କ ଘର ସମେତ ଅସ୍ଥାୟୀ ତମ୍ବୁରେ ଅବସ୍ଥାନ

ଫ୍ଲାଇଂ ସ୍କ୍ୱାର୍ଡ ଧରିଲା ୩.୭୦ଲକ୍ଷ ଟଙ୍କା

ଛତିଶଗଡ଼ ହେଉଥିଲା ଚାଲାଣ

ମାଲକାନଗିରି,(ସବ୍ୟୁ): ସାଧାରଣ ନିର୍ବାଚନକୁ ନେଇ ମାଲକାନଗିରି ଜିଲ୍ଲାରେ ବିଭିନ୍ନ ଦଳ ଓ ଲୋକଙ୍କ ଗତିବିଧି ଉପରେ କଡ଼ାକଡ଼ି ଯାଞ୍ଚ କରାଯାଉଛି। ଅନ୍ୟପଟେ ଛତିଶଗଡ଼ରେ ମଧ୍ୟ ଲୋକସଭା ନିର୍ବାଚନକୁ ନେଇ ସୁରକ୍ଷାକୁ କଡ଼ାକଡ଼ି କରିବା ସହ ଯାଞ୍ଚ ପ୍ରକ୍ରିୟାକୁ ଜୋରଦାର କରାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଚାଲାଣଗୁଡ଼ା ନିକଟରେ ଫ୍ଲାଇଂ ସ୍କ୍ୱାଡର ମାଜିଷ୍ଟ୍ରେଟ ଦାୟୀତ୍ୱରେ ଥିବା ସହାୟକ ଜିଲ୍ଲାପାଳ ଅଲେଖ ଭୋଇଙ୍କ ନେତୃତ୍ୱରେ ପେଟ୍ରୋଲିଂ ଚାଲୁଥିଲା । ଏହି ସମୟରେ ଓଡିଶାରୁ ଏକ ସଫାରି (ସିଜି-୧୮-ଏଲ-୫୫୫୦) ମାଲକାନଗିରିରୁ ଛତିଶଗଡ଼ ଯାଉଥିବା ବେଳେ ଯାଞ୍ଚ କରାଯାଇଥିଲା। ଏହି ଗାଡ଼ିରୁ ନଗଦ ୩ ଲକ୍ଷ ୭୦ ହଜାର ଟଙ୍କା ବାହାରିଥିଲା। ଏହି ଟଙ୍କାକୁ ମାଲକାନଗିରିର ଜନୈକ ଡ୍ରାଇଭର ଚିତ୍ତୁରାମ ଠାକୁର ଏବଂ ଅନ୍ୟଜଣେ ଜଶରାଜ ଭୁତଡା ନେଉଥିବା ପୁଲିସ କହିଛି। ଏମାନେ ମାଲକାନଗିରି ଅଞ୍ଚଳର ଜଣେ ବ୍ୟବସାୟୀ ବୋଲି ଜଣାପଡିଛି। ନିର୍ବାଚନୀ ସମୟରେ ଏତେ ଟଙ୍କା ନେଇ କୁଆଡେ ଯାଉଥିଲ ବୋଲି ପୁଲିସ ପଚରାଉଚରା କରିବା ପରେ ମଧ୍ୟ ଏମାନେ ଠିକ ଉତ୍ତର ଦେଇପାରିନଥିଲେ।ତେଣୁ ଟଙ୍କା ଜବତ କରାଯିବା ସହ ଏମାନଙ୍କୁ ଅଟକ ରଖାଯଇଥିବା ଜଣାପଡିଛି। ମାଲାକନଗିରି ପୁଲିସ ଏନେଇ ଅଧିକ ତଦନ୍ତ କରୁଥିବା କୁହାଯାଇଛି।

ମା'କୋଳରୁ ୫ ମାସର ଶିଶୁକୁ ଛଡ଼ାଇ ନେଲା ବାପା

ସୁନ୍ଦରଗଡ଼,(ସବ୍ୟୁ): ମା' କୋଳରେ ହସଖୁସିରେ ଖେଳୁଥିଲା ୫ ମାସର ଶିଶୁ କନ୍ୟା। ହେଲେ ପତିପତ୍ନୀ କଳିରେ ବଳି ପଡ଼ିଗଲା କଅଁଳା ଶିଶୁ। ମା' କୋଳରୁ ୫ ମାସର ଛୁଆକୁ ଛଡ଼ାଇ ନେଲା ନିଶାସକ୍ତ ବାପା । ସୋମବାର ଏପରି ଏକ ଅଭାବନୀୟ ଘଟଣା ଘଟିଥିବା ବେଳେ ଆଜି ପର୍ଯ୍ୟନ୍ତ ପିଲାଟିର ସନ୍ଧାନ ପାଇ ପାରୁ ନାହାନ୍ତି ପରିବାର ଲୋକେ। ପୁଲିସ୍ ବି ଖୋଜି ଖୋଜି ନାକେଦମ ହେଲାଣି। ଫଳରେ ଛୁଆ ପାଖରୁ ଗାଏବ ହୋଇ ଯାଇଥିବା ବେଳେ ତାକୁ ଝୁରି ଝୁରି କାନ୍ଦୁଛି ମା' । ଯେକୌଣସି ପ୍ରକାରେ ଛୁଆକୁ ଖୋଜି ବାହାର କରିବାକୁ ମା' ଗୁହାରି ହେଉଥିବା ବେଳେ ପୁଲିସ୍ ହୋଇ ଯାଇଛି ଅସହାୟ । ଛୁଆ ଗାଏବ ହେବାର ପ୍ରାୟ ୧୬ ଘଣ୍ଟା ହେବାକୁ ବସିଥିବା ବେଳେ ନିଶାସକ୍ତ ବ୍ୟକ୍ତିଙ୍କ ଖୋଜଖବର ପାଇ ପାରୁନି ପୁଲିସ୍ । ଏପରି ଏକ ଲୋମଟାଙ୍କୁରା ଘଟଣା ସୁନ୍ଦରଗଡ ଜିଲ୍ଲା ଟେନସା ଫାଣ୍ଡି ଅଧୀନସ୍ଥ ଟେନସା ଟାଉନସିପରେ ଘଟିଛି। ଟାଉନସିପ ଅଞ୍ଚଳରେ ରହୁଥିବା ପତିପତ୍ନୀଙ୍କ ମଧ୍ୟରେ ଗତ କିଛି ଦିନ କଳହ ଲାଗି ରହୁଥିଲା। ବ୍ୟକ୍ତିଜଣକ ନିଶାସକ୍ତ ଅବସ୍ଥାରେ ଘରକୁ ଆସୁଥିବା ବେଳେ ଏହାକୁ ନେଇ ପତ୍ନୀଙ୍କ ସହ ତାଙ୍କର ଝଗଡ଼ା ହେଉଥିଲା। ସୋମବାର ସନ୍ଧ୍ୟାରେ ଏହି ଝଗଡ଼ା ଉଗ୍ର ରୂପ ଧାରଣ କରିବାରୁ ବ୍ୟକ୍ତି ଜଣକ ଉତ୍ତ୍ୟକ୍ତ ହୋଇ ପତ୍ନୀଙ୍କ କୋଳରୁ ଶିଶୁଟିକୁ ନେଇ ଫେରାର ହୋଇ ଯାଇଥିଲେ। ପରିବାର ଲୋକଙ୍କ ସମେତ ଆଖପାଖ ଲୋକେ ବହୁ ଖୋଜାଖୋଜି କରିବା ପରେ ବି ବ୍ୟକ୍ତିଙ୍କ ସନ୍ଧାନ ପାଇ ପାରି ନାହାନ୍ତି । ଖବର ପାଇ ପୁଲିସ୍ ପହଞ୍ଚି ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସତ୍ତ୍ୱେ କୌଣସି ସନ୍ଧାନ ପାଇପାରୁନି । ଛୁଆଟିକୁ ଫେରି ପାଇବାକୁ ଲକ୍ଷେ ଠାକୁରଙ୍କୁ ମନାସୀ ଚାହିଁ ରହିଛି ମା' । ହେଲେ ନା ସ୍ୱାମୀ ନା ଛୁଆର ଖୋଜଖବର ମିଳୁଛି । ଫଳରେ ଆଖିରୁ ଅମାନିଆ ଲୁହ ବୋହି ଚାଲିଛି ।

ଗନ୍ଧମାର୍ଦ୍ଦନରେ ଗୁଳି ବିନିମୟ ମୁହାଁମୁହିଁ ହେଲେ ସୁରକ୍ଷା କର୍ମୀ- ମାଓବାଦୀ

ବରଗଡ଼,(ସବ୍ୟୁ): ସୋମବାର ବିଳମ୍ବିତ ରାତିରୁ ସୁରକ୍ଷାକର୍ମୀ- ମାଓବାଦୀ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଛି। ଜାରି ରହିଛି ଅପରେସନ। ବରଗଡ଼ ଜିଲ୍ଲାର ଗନ୍ଧମାର୍ଦ୍ଦନ ପାହାଡ଼ରେ ସୁରକ୍ଷାକର୍ମୀ ଓ ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଉଥିବା ଜଣାଯାଇଛି। ସୋମବାର ବିଳମ୍ବିତ ରାତିରେ ସୁରକ୍ଷାକର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ସର୍ଚ୍ଚ ଅପରେସନ ଚଳାଇଥିଲେ। ଏହି ସମୟରେ ହଠାତ୍ ଅପର ପାର୍ଶ୍ୱରୁ ଆଖିବୁଜା ଫାୟାରିଂ ହେବା ଆରମ୍ଭ ହେଲା। ଗନ୍ଧମାର୍ଦ୍ଦନ ପାହାଡ଼ରେ ବହୁ ସଂଖ୍ୟାରେ ମାଓବାଦୀ ଥିବା ବେଳେ ସେମାନେ ସୁରକ୍ଷା କର୍ମୀଙ୍କ ଉପରକୁ ଗୁଳି ଚଳାଇଥିଲେ। ଏହାର ପାଲଟା ଜବାବରେ ସୁରକ୍ଷା କର୍ମୀମାନେ ବି ଗୁଳି ଚଳାଇଥିଲେ। ଦୀର୍ଘ ସମୟ ଧରି ଗୁଳି ବିନିମୟ ହେବା ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିବା ଜଣାଯାଇଛି। ଏଥିରେ କେହି ମୃତାହତ ହୋଇଥିବାର ସୂଚନା ମିଳିନି। ସୁରକ୍ଷା କର୍ମୀମାନେ ଗନ୍ଧମାର୍ଦ୍ଦନ ପାହାଡ଼ରେ ଥିବା ବହୁ ମାଓ କ୍ୟାମ୍ପକୁ ଧ୍ୱସଂ କରିଥିବା ବେଳେ ସର୍ଚ୍ଚ ଅପରେସନ ବେଳେ ବହୁ ବିସ୍ଫୋରକ ସାମଗ୍ରୀ, ଗୋଳା ବାରୁଦ ଆଦି ଜବତ ହୋଇଥିବା ଜଣାଯାଇଛି। ଏବେ ସୁଦ୍ଧା ଫାୟାରିଂ ଶେଷ ହୋଇ ନ ଥିବା ଜଣାଯାଇଛି। ଏହି ମାଓବାଦୀ ମାନେ ଛତିଶଗଡ଼ର ବୋଲି ସୂଚନା ମିଳୁଥିବା ବେଳେ ଓଡ଼ିଶାରେ ରହି ସେମାନେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ଅନୁମାନ କରାଯାଉଛି। ଖବର ପାଇ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳକୁ ଯାଉଥିବା ଜଣାଯାଇଛି।

ଘଡ଼ିଆଳ କୁମ୍ଭୀର ସୁରକ୍ଷା ନେଇ ମହାନଦୀରେ ଗବେଷଣା

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲାରେ ଓଡିଶା ର ସର୍ବ ବୃହତ ଦୀର୍ଘତମ ନଦୀ ମହାନଦୀ ଦୀର୍ଘ ପ୍ରାୟ ୧୧୦ କିଲୋମିଟର ପ୍ରବାହିତ ହେଉଥିବା ବେଳେ ଜଳଚର ପ୍ରାଣୀ ଅସୁରକ୍ଷିତ ରହୁଛନ୍ତି । ବିଶେଷକରି ମାଛ ମାରିବା ପାଇଁ ଅବାଧ ମାଇନ ବିସ୍ଫୋଂରକ ବୋମା, ସାରାୟନିକ, ସାର କୀଟନାଶକ ଔଷଧ ବ୍ୟବହାରକରି ମହାନଦୀରେ ମାଛ ମରାଯାଉଛି । ଫଳରେ ମହାନଦୀର ଜଳ ବିଷାକ୍ତ ହେବା ସହିତ କୃତ୍ରିମ ରୋଗ, ପାନୀୟ ଜଳ ଦୂଷିତ ଓ ପ୍ରାକୃତିକ ପରିବେଶ ଉପରେ ପ୍ରଭାବ ପଡୁଛି । ସମସ୍ତ ତଥ୍ୟ ଆଧାରରେ ମଙ୍ଗଳବାର ମହାନଦୀର ଜଳଚର ପ୍ରାଣୀ ଘଡ଼ିଆଳ କୁମ୍ଭୀରର ବଂଶ ରକ୍ଷା ଏବଂ ସୁପରିବେଶ ଉପରେ ଭିତ୍ତିକରୀ ନନ୍ଦନ କାନନ ରିସର୍ଚ୍ଚ ଟିମର ଘଡ଼ିଆଳ ବିଶେଷଜ୍ଞ ନନ୍ଦନ କାନନର ଆଶାହର ରାଜ ଖାଁ ଓ ବୌଦ୍ଧ ବନ ବିଭାଗ ଅଧିକାରୀ ଦେବପ୍ରିୟ କମ୍ପଙ୍କ ନିର୍ଦେଶ କ୍ରମେ ଫରେଷ୍ଟର ପ୍ରକାଶ କୁମାର ପ୍ରଧାନ ଏବଂ ଟିମ ଦୀର୍ଘ ବର୍ଷରୁ ଯାତାୟତ କରୁଥିବା ଘଡ଼ିଆଳ କୁମ୍ଭୀରଙ୍କ ବାସସ୍ଥଳୀ ହରଭଙ୍ଗା ବ୍ଲକ ମହାନଦୀର ଘାଟ କରଡ଼ି ଓ ମଙ୍ଗଳପୁର ଘାଟ ପର୍ଯ୍ୟନ୍ତ ଏକ ମାଛ ମରାଡ଼ଙ୍ଗାରେ ମହାନଦୀ ଜଳର ଉଷ୍ମତା, ସ୍ୱଚ୍ଛତା, ଦୂଷିତ ଓ ପ୍ରଦୂଷିତ ବା କୁମ୍ଭୀର ପାଇଁ ପ୍ରତିକୂଳ ପରିବେଶ କି ନାହିଁ ତାହା ଉପରେ ଗବେଷଣା କରୁଛନ୍ତି । ଏ ବାବଦରେ ରିସର୍ଚ୍ଚ ଟିମକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ପର ହୋଇ ନ

ଥିଲା । କିନ୍ତୁ ମହାନଦୀ ନିକଟବର୍ତ୍ତୀ ଜନ ସାଧାରଣଙ୍କ ମତ ଅନୁଯାଇ ଦୀର୍ଘ ବର୍ଷ ଧରି ଘଡ଼ିଆଳ କୁମ୍ଭୀର ବର୍ଷା, ଶୀତ, ଗ୍ରୀଷ୍ମ ଋତୁରେ ପ୍ରତିକୂଳ ପରିବେଶ ମହାନଦୀର ହରଭଙ୍ଗା ବ୍ଲକର କରଡ଼ି, ମଙ୍ଗଳପୁର, ରାମଗଡ ପର୍ଯ୍ୟନ୍ତ ରହି ଆସୁଛି । କିନ୍ତୁ ବର୍ଷା ଋତୁକୁ ଛାଡି ପ୍ରାୟ ବର୍ଷକୁ ୮ମାସ ଧରି ଏହି ମହାନଦୀ ଅବବାହିକରେ ଥିବା ଗାଁ ଗୁଡିକରେ ବିଷାକ୍ତ ମାଇନ ବିସ୍ଫୋରକ , ବିଷାକ୍ତ କୀଟନାଶକ ଔଷଧ,ବିଷାକ୍ତ ସାର ବିକ୍ରି ହୋଇ ଚାଲିଛି ଏହାର ସୁଯୋଗ ରେ ମହାନଦୀ ରେ ଏହି ରାସାୟନିକ ବ୍ୟବହାର ହେଉଛି ଓ ଜଳଚର ଜୀବ ବଂଶ ଲୋପ ପାଇବା ସହିତ ଅସୁରକ୍ଷିତ ହେଉଛନ୍ତି । ତେଣୁ ଜିଲ୍ଲା ପ୍ରଶାସନ ଏ ଦିଗରେ ଗୁରୁତ୍ୱାରୋପ କଲେ ମହାନଦୀ ଜଳଚର ପ୍ରାଣୀ ସହିତ ମାନବ ସମାଜ ବିଷାକ୍ତ ଜଳ ସଙ୍କଟରୁ ରକ୍ଷା ପାଇବେ ବୋଲି ବୁଦ୍ଧିଜୀବୀ, ପ୍ରାଣୀବିତଙ୍କ ମଧ୍ୟରେ ମତପ୍ରକାଶ ପାଉଛି ।

ନୂଆପଡ଼ାରେ ବାଘ ଆତଙ୍କ! ବାଛୁରିକୁ ମାରି ଖାଇଲା

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାରେ ପୁଣି ବାଘ ଆତଙ୍କ ଦେଖିବାକୁ ମିଳିଛି। ସୋମବାର ରାତିରେ ନୂଆପଡ଼ା ସଦର ରେଞ୍ଜ ଆମାନାରା ସେକ୍ସନର କୁକୁଡ଼ାତାଲ ଗାଁରେ ପୁଣି ବାଛୁରିକୁ ମାରି ଖାଇଛି ବାଘ। ମଙ୍ଗଳବାର ସକାଳେ ଗାଁର ଫଗୁନୀ କେଉଟ ନିଜ ଗୁହାଳରେ ବାଛୁରି ନଥିବା ଦେଖି ଆଖପାଖରେ ଖୋଜିଥିଲେ। ପରେ ବାଛୁରିଟି ଏକ ଚାଷ ଜମିରେ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ। ବାଘ ଆକ୍ରମଣ କରି ମାରି ଖାଇଥିବା ଜଣାପଡ଼ିବା ପରେ ସେ ବନ ବିଭାଗକୁ ଖବର ଦେଇଥିଲେ। ଏବେ ବନ ବିଭାଗର କର୍ମଚାରୀମାନେ ଗାଁରେ ପହଞ୍ଚି ଭୟଭୀତ ନହେବା ଲାଗି ଗାଁଲୋକଙ୍କୁ ସଚେତନ କରୁଛନ୍ତି।

ଘରେ ଲାଗିଲା ନିଆଁ ,ଆୟତ୍ତ କଲେ ଅଗ୍ନିଶମ ବାହିନୀ

କୋରାପୁଟ,(ସବ୍ୟୁ): ମଙ୍ଗଳବାର ପୂର୍ବାହ୍ନରେ ପୂଜାରୀପୁଟ ସ୍ଥିତ ପଣ୍ଡା କଲୋନୀରେ ଜଣଙ୍କ ଘରେ ନିଆଁ ଲାଗିଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ବୋଲି ଷ୍ଟେସନ ଅଫିସର ବିଜୟ କିଶାନ କହିଛନ୍ତି। ଇନଭର୍ଟର୍, ବ୍ୟାଟେରୀ ଏବଂ ରୋଷେଇ ସାମଗ୍ରୀ ପୋଡିଯାଇଥିବା ସେ କହିଛନ୍ତି। ଅଳ୍ପ ଦିନ ତଳେ ଗୁପ୍ତେଶ୍ୱର ସାହୁଙ୍କ ପିତାଙ୍କ ଦେହାନ୍ତ ହୋଇଥିଲା। ତେଣୁ ସାମାଜିକ କାର୍ଯ୍ୟକ୍ରମ ନିମନ୍ତେ ଘରକୁ ସଂପର୍କୀୟ ମାନେ ଆସିଥିବା କାରଣରୁ ଘରର ପ୍ରବେଶ ଦ୍ୱାରରେ ଗ୍ୟାସଚୂଲାରେ ରୋଷେଇ କାର୍ଯ୍ୟ ଚାଲୁଥିବା ସମୟରେ ହଠାତ ନିଆଁ ବାହାରିବାରୁ ପରିବାର ସଦସ୍ୟମାନେ ଭୟଭୀତ ହୋଇ ଉପର ମହଲାକୁ ଚାଲିଯାଇଥିଲେ ବୋଲି ଗୁପ୍ତେଶ୍ୱର ସାହୁ କହିଛନ୍ତି । ତୁରନ୍ତ କୋରାପୁଟ ଅଗ୍ନିଶମ ଓ ବିଦ୍ୟୁତ ବିଭାଗକୁ ଅବଗତ କରାଯାଇଥିଲା। ଟାଟା ପାୱାର କମ୍ପାନୀର କର୍ମଚାରୀମାନେ ବିଦ୍ୟୁତ ଲାଇନ କାଟି ଦେଇଥିଲେ। ଖବର ପାଇବା ପରେ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ରୋଷେଇ ପାଇଁ ଲାଗିଥିବା ସିଲଣ୍ଡରକୁ ଅଗ୍ନିଶମ ବାହିନୀର କର୍ମଚାରୀ ମାନେ ବାହାରକୁ ତୁରନ୍ତ କାଢି ଦେଇଥିଲେ । ପରେ ନଷ୍ଟ ହୋଇଥିବା ସାମଗ୍ରୀ ଗୁଡିକ କାଢି ଦେଇଥିଲେ ।

୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ବୀରମହାରାଜପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା କଳାପଥର ନୂଆଁପାଲିଠାରେ ଡିଟିଏଚ୍ କେବୁଲ୍ ତାର ସଜାଡ଼ିବାକୁ ଯାଇ ୧୧କେଭି ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜ୍ୟୋତିରଂଜନ ଖମାରୀ (୩୩) । ଖବର ଅନୁସାରେ ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲି ଗ୍ରାମର ସଦାଶିବ ଖମାରୀଙ୍କ ବଡ଼ପୁଅ ଜ୍ୟୋତିରଂଜନ ମଙ୍ଗଳବାର ସନ୍ଧ୍ୟାରେ ଡିକ୍ସ କେବୁଲ ସଜାଡ଼ିବା ପାଇଁ ନୂଆଁପାଲି ଯାଇଥିଲେ। କେବୁଲ୍ ତାର ଦୋହଲି ଯାଇଥିବାରୁ ତାକୁ ଉପରକୁ ଉଠାଇଥିଲେ। କିନ୍ତୁ ଉପରେ ୧୧ କେଭି ବିଦ୍ୟୁତ ତାର ଯାଇଥିବାରୁ ତାର ସଂସ୍ପର୍ଶରେ ଆସିଥିଲେ। ଏହି ଘଟଣା ପରେ କିଛି ସ୍ୱେଚ୍ଛାସେବୀ ଓ ପରିବାର ଲୋକ ବୀରମହାରାଜପୁର ଉପଖଣ୍ଡ ଡ଼ାକ୍ତରଖାନାକୁ ଆଣିଥିଲେ। ସେଠାରେ ଜ୍ୟୋତିରଂଜନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବୀରମହାରାଜପୁର ଉପଖଣ୍ଡ ପୁଲିସ୍ ଅଧିକାରୀ ବାସୁଦେବ ଛତ୍ରିଆ ନିଜେ ପୁଲିସ୍ ଟିମ୍ ଧରି ଡାକ୍ତରଖାନାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛନ୍ତି। ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରୁଛି। ଜ୍ୟୋତିରଞ୍ଜନଙ୍କ ବିବାହର ବର୍ଷେ ହୋଇନାହିଁ। ଘଟଣାଟି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ନିଆଁ ଲଗାଇବା ଅଭିଯୋଗରେ ଯୁବକ ଗିରଫ

କୋକସରା,(ସବ୍ୟୁ): ଧର୍ମଗଡ ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଆମପାଣି ଫରେଷ୍ଟ ସେକ୍ସନ ଅଧୀନରେ ଥିବା ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ପୋଡୁ ଚାଷ ପାଇଁ ଜଙ୍ଗଲରେ ନିଆଁ ଲଗାଉଥିବା ସମୟରେ ଜଣେ ଗିରଫ ହୋଇଛି । ମକା ଚାଷ ପାଇଁ ଅଣ ଓଡିଆ ମାଫିଆ ମାନେ ଆଦିବାସୀ ମାନଙ୍କୁ ଢାଲ କରି ବ୍ୟାପକ ଭାବେ ଜଙ୍ଗଲ କାଟି ପଦା କରୁଛନ୍ତି । ହଜାର ହଜାର ହେକ୍ଟର ଜଙ୍ଗଲ ପଦା କରି ମକା ବାଡିରେ ପରିଣତ କରି ସାରିଛନ୍ତି । ବନ ବିଭାଗ କାଁ ଭାଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ହେଁ ଏହାର କୌଣସି ପ୍ରଭାବ ପଡୁନାହିଁ । ଜଙ୍ଗଲ କାଟି ଗଛ ସବୁକୁ ପୋଡି ଦେଉଥିବା ଖବର ପାଇ ଆମପାଣି ଫରେଷ୍ଟର ମନୀଷା ପଟ୍ଟନାୟକଙ୍କ ନେତୃତ୍ୱରେ କର୍ମଚାରୀ ମାନେ କଳାହାଣ୍ଡି ଓ ନବରଙ୍ଗପୁର ସୀମାନ୍ତ ବଡ଼ ବାଲି ଅଞ୍ଚଳର ମିନୁ ଯାନୀଙ୍କ ପୁଅ ରାମ ଯାନୀ (୪୦) କୁ ଘଟଣାସ୍ଥଳରୁ ଗିରଫ କରିଥିଲେ । କୋକସରା ଜେଏମଏଫସି କୋର୍ଟରେ ହାଜର କରିବା ପରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି ।

ପ୍ରଭୁକୃପାକୁ ଅନାଇ ବସିଛନ୍ତି ପ୍ରଭୁପ୍ରକାଶ

କିଡନି ପ୍ରତିରୋପଣ ପାଇଁ ଅର୍ଥ ବାଧକ

ବଲାଙ୍ଗିର,(ସବ୍ୟୁ): ଘରେ ୩୫ ବର୍ଷର ପୁଅ ଶଯ୍ୟାଶାୟୀ। ବୃଦ୍ଧ ମା', ବାପା ପୁଅର ଅବସ୍ଥା ଦେଖି ଆବାକ୍ । ସ୍ୱାମୀର ଚିକିତ୍ସା ପାଇଁ ସ୍ତ୍ରୀର ଅନବରତ ସଂଘର୍ଷ। ଏସବୁର ସାକ୍ଷୀ କୁନି ଝିଅର ନୀରବତା। ସହାୟତା ଆଶାରେ ସମସ୍ତଙ୍କ ଆଖିରୁ ଝରୁଛି ଲୁହ। ଏକ ଚଳଚ୍ଚିତ୍ରର ଦୃଶ୍ୟ ଭଳି ମନେ ହେଉଥିବା ଏଭଳି ସତ କାହାଣୀ ଘଟିଛି ବଲାଙ୍ଗିର ସହର ଇନ୍ଦିରାନଗରଠାରେ। ଦୀର୍ଘ ୯ବର୍ଷ ହେଲା ପ୍ରଭୁପ୍ରକାଶ ନାୟକ (୩୫) କିଡନୀ ରୋଗରେ ସଂଘର୍ଷ କରୁଛନ୍ତି। ତାଙ୍କ ପରିବାର ହେଲା ବାପା ପ୍ରମୋଦ ନାୟକ, ମା' ସ୍ୱର୍ଣ୍ଣଲତା, ସ୍ତ୍ରୀ ଚନ୍ଦ୍ରମା ଏବଂ ୮ବର୍ଷର ଝିଅ ପିନାକୀ। ପ୍ରମୋଦ ତନଖି ଫାଟକରେ ଚାକିରି କରି ଅବସର ନେଲେଣି। ଏବେ ପେନସନ୍ ମାସିକ ମାତ୍ର ୩ହଜାର ଟଙ୍କା। ପ୍ରଭୁ ଡ୍ରାଇଭର୍ ଭାବେ କାମ କରୁଥିଲେ ହେଁ ଯାହା ଉପାର୍ଜନ ହେଉଥିଲା, ହସଖୁସିରେ ସଂସାର ଚାଲୁଥିଲା। ୨୦୧୬ ମସିହାରେ ପ୍ରଭୁ ଅଚାନକ ଅସୁସ୍ଥ ହେଲେ। ଡାକ୍ତରଙ୍କୁ ଦେଖାଇବାରୁ ତାଙ୍କୁ ଯକ୍ଷ୍ମା ହୋଇଥିବ ବୋଲି ସନ୍ଦେହ କଲେ। ସେହି ହିସାବରେ ଉପଚାର ଆରମ୍ଭ ହେଲା। କିନ୍ତୁ ପ୍ରଭୁଙ୍କ ସ୍ୱାସ୍ଥ୍ୟାବସ୍ଥାରେ କିଛି ଉନ୍ନତି ହେଲା ନାହିଁ। ସେ କିଡ଼ନୀ ରୋଗରେ ଆକ୍ରାନ୍ତ ଥିବା ପରେ ଜଣାପଡ଼ିଲା। ୨୦୧୬ ମସିହାରୁ ହିଁ ସପ୍ତାହକୁ ତିନି ଥର ତାଙ୍କ ଡାଏଲିସିସ୍ ଚାଲିଛି। ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ଏହି ଖର୍ଚ୍ଚ କରୁଛି। କିନ୍ତୁ ଗତ ତିନି ମାସ ହେଲା ପ୍ରଭୁଙ୍କ ଅଣ୍ଟା ତଳକୁ ଅଚଳ ହୋଇପଡ଼ିଛି। ହ୍ୱିଲ୍ ଚେୟାରରେ ତାଙ୍କ ଦିନ କଟୁଛି। ଡାକ୍ତରଙ୍କ ପରାମର୍ଶ ପରେ ମା' ସ୍ୱର୍ଣ୍ଣଲତା ଗୋଟିଏ କିଡନୀ ଦେବାକୁ ରାଜି ଅଛନ୍ତି। କିନ୍ତୁ ଏହି ପ୍ରତିରୋପଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ। ୬ରୁ ୭ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଡାକ୍ତର କହୁଛନ୍ତି। ବଲାଙ୍ଗିର ଅକ୍ସିଜେନ ବ୍ୟାଙ୍କ ଓ ୧୯୮୨ ମାଟ୍ରିକ ବ୍ୟାଚ ପରି କିଛି ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନର ସହାୟତାରୁ ଲକ୍ଷେ ଟଙ୍କା ଯୋଗାଡ଼ କରି ପ୍ରଭୁଙ୍କୁ ବିଶାଖାପାଟଣା ନିଆଯାଇଛି। କିନ୍ତୁ ହାତରେ ଏବେ ମାତ୍ର ୩୦ ହଜାର ଟଙ୍କା। ସଫଳ ଅସ୍ତ୍ରୋପଚାର ପାଇଁ ସ୍ତ୍ରୀ ଚନ୍ଦ୍ରମା, ମୋବାଇଲ ନମ୍ବର- ୭୦୦୮୫୨୩୦୧୫, ବ୍ୟାଙ୍କ ଆକାଉଣ୍ଟ (ଏସବିଆଇଏନ୍ ୦୦୦୦୪୬/ ୩୬୨୯୫୭୫୯୨୩୬)ରେ ସହାୟତା କରିବାକୁ ନିବେଦନ କରିଛନ୍ତି।

ଆହତ ହରିଣ ଉଦ୍ଧାର

ବରଗଡ଼,(ସବ୍ୟୁ): ବରଗଡ଼ ବନ ବିଭାଗ ମଙ୍ଗଳବାର ସକାଳୁ ବରଗଡ଼ ସହର ଉପକଣ୍ଠ ଟେଙ୍ଗନାନାଲି ନିକଟରୁ ଆହତ ଅବସ୍ଥାରେ ଗୋଟିଏ ହରିଣକୁ ଉଦ୍ଧାର କରିଛି। ହରିଣର ଗୋଡରେ ଗଭୀର ଆଘାତ ଲାଗିଛି। ପାଣି ଅନ୍ୱେଷଣରେ ଆସିଥିବାବେଳେ କୌଣସି ଗାଡି ଧକ୍କାରେ ହରିଣ ଆହତ ହୋଇଥିବା ଅନୁମାନ କରାଯାଉଛି। ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଆହତ ହରିଣର ଚିକିତ୍ସା ଚାଲିଛି। ହରିଣ ସୁସ୍ଥ ହେବା ପରେ ତାକୁ ଡେବ୍ରିଗଡ ଅଭୟାରଣ୍ୟରେ ଛାଡି ଦିଆଯିବ ବୋଲି ରେଞ୍ଜ ଅଫିସର ଆରତୀ ନେଗୀ କହିଛନ୍ତି।

ଭିସୁଟ୍ ଇ-ସମ୍ମିଟରେ ବ୍ୟାଘ୍ର, ପରିବେଶ ସଂରକ୍ଷଣ ଅଧିବେଶନ

ସମ୍ବଲପୁର,(ସବ୍ୟୁ): ପଶ୍ଚିମଓଡ଼ିଶାର ସର୍ବବୃହତ

ରାଉରକେଲାରୁ ବିଜେପି ପ୍ରାର୍ଥୀ ହୋଇପାରନ୍ତି ଦିଲ୍ଲୀପ : ଜୁଏଲ ଓରାମ

ସୁନ୍ଦରଗଡ଼,(ସବ୍ୟୁ) : ପୂର୍ବତନ କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଚଳିତ ସାଧାରଣ ନିର୍ବାଚନରେ ରାଉରକେଲା ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀ ହେଇପାରନ୍ତି। ଦଳୀୟ ଘୋଷଣା ପୂର୍ବରୁ ନିର୍ବାଚନ ପ୍ରଚାର ବେଳେ ସାଂସଦ ଜୁଏଲ ଓରାମ ଏନେଇ ଇସାରା ଦେଇଛନ୍ତି। ସେ କହିଛନ୍ତି, ରାଉରକେଲା ବିଧାନସଭା ଆସନ ପାଇଁ କୌଣସି ମୁହୂର୍ତ୍ତରେ ପ୍ରାର୍ଥୀ ଘୋଷଣା ହୋଇପାରେ। ଏବେ ଦିଲ୍ଲୀପଙ୍କ କୋର୍ଟ ମାମଲାର ସମାଧାନ ହୋଇସାରିଛି। ତେଣୁ ତାଙ୍କୁ ଟିକେଟ୍ ମିଳିପାରେ। ସୁନ୍ଦରଗଡ଼ ଜିଲ୍ଲା ତଳସରା ନିର୍ବାଚନ ମଣ୍ଡଳିର ସବଡେଗାରେ ନିର୍ବାଚନୀ ପ୍ରଚାର ବେଳେ ସାଂସଦ ଶ୍ରୀ ଓରାମ କହିଛନ୍ତି, ଦିଲ୍ଲୀପ ନିର୍ବାଚନ ଲଢିବା ନେଇ ଦିଲ୍ଲୀ ହାଇକୋର୍ଟ ସବୁଜ ସଙ୍କେତ ଦେଇ ସାରିଛନ୍ତି। ତେଣୁ ସେ ବିଦ୍ଧିବଧ ଭାବେ ବିଜେପିରେ ସାମିଲ ହେବା ପରେ ଦଳ ତାଙ୍କୁ ପ୍ରାର୍ଥୀ କରିବା ସୂଚନାଯୋଗ୍ୟ, ଦିଲ୍ଲୀପ ରାୟ ୨୦୧୮ରେ ବିଜେପି ଛାଡ଼ିଥିଲେ। ଏହି ସମୟରେ ସେ ବିଜେପିର ରାଉରକେଲା ବିଧାୟକ ଥିଲେ। ୧୯୯୯ ମସିହାରେ କେନ୍ଦ୍ର କୋଇଲା ରାଷ୍ଟ୍ରମନ୍ତ୍ରୀ ଥିଲେ। ସେ କୋଇଲା ଦୁର୍ନୀତି ମାମଲାରେ ୨୦୨୦ରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ତେବେ ସେ କୋର୍ଟର ଦ୍ୱାରସ୍ଥ ହୋଇ ଦୋଷୀ ସାବ୍ୟସ୍ତ ହେବା ଉପରେ ରୋକ ଲଗାଇବା ସହ ନିର୍ବାଚନ ଲଢ଼ିବା ପାଇଁ ଅନୁମତି ପାଇବାରେ ସଫଳ ହୋଇଛନ୍ତି।

ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

ମେ' ୨୨ରୁ ରବି ଧାନ କ୍ରୟ ଆରମ୍ଭ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୨ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ଏଥି ନିମନ୍ତେ ୬୦ ଗୋଟି ପ୍ୟାକ୍ସ ଓ ପରିବର୍ଦ୍ଧିତ ୭ ଗୋଟି କେନ୍ଦ୍ର ସହ ୬୭ ଗୋଟି ଏବଂ ୩୭ ଗୋଟି ମହିଳା ଏସଏଚଜି ସାମିଲ ରହିଥିବା ବେଳେ ସମୁଦାୟ ୧୦୪ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ । ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ଜଣାପଡିବ । ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୭ ଘଣ୍ଟାରୁ ଅପରାହ୍ନ ୧୨ ଘଣ୍ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡେ ତେବେ ରବିବାର ଦିନ ମଧ୍ୟ ମଣ୍ଡି ଚାଲୁ ରହିବ । ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୫୭୯ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବିରେ ୩୫୫୮୫ ଜଣ ଚାଷୀ ପଞ୍ଜିକୃତ ହୋଇ ୨୨୯୯୮୨୧.୬୭ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ଟ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳି ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥି ପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷା ଦାସ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧି ମାନଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । । ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁ-ବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର , ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ଜିଲ୍ଲା କୃଷି ଅଧିକାରୀ ଡ଼ ବିଭୁତି ଭୂଷଣ ମିଶ୍ର ଜିଲ୍ଲା ଯୋଗାଣ ଅଧିକାରୀ, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ସୁରେଶ ପାଣିଗ୍ରାହୀ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସ୍ୱାଗତ କରିବା ସହ ଅଧ୍ୟକ୍ଷଙ୍କ ଅନୁମତିରେ ଆଲୋଚିତ କାର୍ଯ୍ୟ ଖସଡ଼ା ବୈଠକରେ ଉପସ୍ଥାପନ କରିଥିଲେ ।

ଶିଶୁ କିଶୋର ପତ୍ରିକା 'ମଠଖାଇ' ବିମୋଚନ

ବଲାଙ୍ଗିର,(ସବ୍ୟୁ): ଶିଶୁର ସାମଗ୍ରିକ ବିକାଶ ରେ ଶିଶୁ ସାହିତ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏ ପରିପ୍ରେକ୍ଷୀ ରେ ସିନଖମନ ସ୍ଥିତ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟରୁ ପରକାଶିତ ତ୍ରୟ ମାସିକ ଶିଶୁ କିଶୋର ପତ୍ରିକା 'ମଠଖାଇ' କୁନିକୁନି ପିଲାମାନଙ୍କୁ ଶିଶୁ ସାହିତ୍ୟିକ ତିଆରି କରିବାରେ ସହଯୋଗ କରିବା ସହିତ ଶିଶୁର ସମ୍ପୂର୍ଣ୍ଣ ବିକାଶରେ ସହାୟକ ହୋଇ ପାରିଛି ବୋଲି ମଠଖାଇ ପତ୍ରିକା ବିମୋଚନ ଅବସରରେ ଅତିଥିମାନେ ବ୍ୟକ୍ତ କରିଛନ୍ତି । ଆଜି ପୂର୍ବାହ୍ନରେ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଡ. ପ୍ରେମଚାନ୍ଦ ମହାନ୍ତି ମୁଖ୍ୟବକ୍ତା, ଅକ୍ଷରର ସଂପାଦକ ହୃଷିକେଶ ପୁରୋହିତ ଓ ପୂଜ୍ୟପୂଜା ସେବା ସଂଗଠନର ସଭାପତି କେଶବ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଭା ଆରମ୍ଭରେ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା । କେବଳ ମହନ୍ତ ଗିରିଧାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ଲିଖିତ 'ମଠଖାଇ' ପତ୍ରିକାକୁ ଅତିଥିମାନେ ବିମୋଚନ କରିଥିଲେ । ପତ୍ରିକାର ସଂପାଦକ ପତ୍ରିକା ପ୍ରକାଶନରେ ଆଭିମୁଖ୍ୟ ଉପରେ ମତ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ସ୍ୱଲିଖିତ କବିତାମାନ ପାଠ କରିଥିଲେ । ଶେଷରେ ଶିକ୍ଷକ କେଦାର ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ଖୁସି ତାଣ୍ଡି, ଯଶୋବନ୍ତୀ ନନ୍ଦ, ଆଲିଷା ଗିରି, ନିଳାଞ୍ଚଳ କୁଅଁର, ରାଜିବ କୁଅଁର ଓ ହରେରାମ ବାରିକ ।

ମଦ କୋଠି ବନ୍ଦ କରିବାକୁ ଥାନାର ଦ୍ୱାରସ୍ଥ ହେଲେ ସୁନାମାଲ ମହିଳା ଗୋଷ୍ଠୀ



କୋକସରା,(ସବ୍ୟୁ): ଗାଁ ରେ ଦେଶୀ ମଦ କୋଠି ସହ ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିବା ବେଳେ ଘରର ପୁରୁଷ, ଯୁବକ ଏପରିକି ସ୍କୁଲରେ ପଢୁଥିବା ଛାତ୍ର ମାନେ ମଦର କୁଅଭ୍ୟାସରେ ପଡି ନିଶାଶକ୍ତ ହୋଇ ଗାଁ ରେ ଅରାଜକତା, ବିଶୃଙ୍ଖଳା ଓ ମହିଳା ଝିଅ ବୋହୂଙ୍କୁ ଟାହି ଟାପରା କରୁଥିବା ଅଭିଯୋଗ ହେଉଛି । ଏନେଇ ସୋମବାର କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁନାମଲ ଗ୍ରାମର ୫/୬ ଏସଏଚଜିର ଶତାଧିକ ମହିଳା କୋକସରା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ । ଗାଁ ରେ ଥିବା ଦେଶୀ ମଦ କୋଠି ସହ ବିଦେଶୀ ମଦ ବିକ୍ରି ବନ୍ଦ କରିବା ସହ ମଦ ବେପାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ପୋଲିସ ଥାନା ଆଗରେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ସୁନାମାଲ ଗ୍ରାମର ମା ତୁଳସୀ ଗ୍ରୁପ, ମା ଦୁର୍ଗା ଏସଏଚଜି ଗ୍ରୁପ, ମା ମଙ୍ଗଳା ଏସଏଚଜି ଗ୍ରୁପ, ମାନ ପୁରିଆଣି ଏସଏଚଜି ଗ୍ରୁପ,ମା ଗାୟତ୍ରୀ ଏସଏଚଜି ଗ୍ରୁପ ର ସଭାପତି, ସମ୍ପାଦିକା ଓ ଶତାଧିକ ସଦସ୍ୟା ମାନେ କୋକସରା ଥାନା ର ଦ୍ୱାରସ୍ଥ ହୋଇ ମଦ କୋଠି ବନ୍ଦ କରିବାକୁ ପୋଲିସ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ଜିଲ୍ଲାପାଳଙ୍କ ମତଦାନ କେନ୍ଦ୍ର ପରିଦର୍ଶନ

ତରଭା,(ସବ୍ୟୁ): ସାଧାରଣ ନିର୍ବାଚନ ୨୦୨୪ ଅବସରରେ ଜିଲ୍ଲାରେ ଏକ କାଳୀନ ବଲାଙ୍ଗିର ଲୋକସଭା ସାଂସଦ କ୍ଷେତ୍ର ସହ ସୋନପୁର ଓ ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ କ୍ଷେତ୍ରରେ ଅନୁଷ୍ଠିତ ମତଦାନକୁ ଅବାଧ ,ସ୍ୱଚ୍ଛ ଓ ବ୍ୟବସ୍ଥିତ ତଥା ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ କରିବା ଉପରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି । ଜିଲ୍ଲାରେ ମତଦାନ ପାଇଁ ମତଦାତା ଯେପରି ଅଧିକରୁ ଅଧିକ ଭାବେ ମତଦାନ କେନ୍ଦ୍ରକୁ ଆସି ସୁରୁଖୁରୁରେ ତଥା ବ୍ୟବସ୍ଥିତ ଭାବେ ନିଜ ନିଜର ମତଦାନକୁ ସାବ୍ୟସ୍ତ କରିପାରିବେ ସେଥିପାଇଁ ଜିଲ୍ଲାପ୍ରଶାସନ ତରଫରୁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ ପୂର୍ବକ ବିଭିନ୍ନ କାର୍ଯ୍ୟକ୍ରମ ଚାଲୁରହିଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଜିଲ୍ଲାର ତରଭା ବ୍ଲକ ଅନ୍ତର୍ଗତ ଦୁବୁଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଣ୍ଡରାପିଟା , ଶିବତୁଳା ଗ୍ରାମ ପଞ୍ଚାୟତ ସ୍ଥିତ ଶିବତୁଳା ବୁଥ୍ ,ସରଗଜ ପଞ୍ଚାୟତ ଅନ୍ତର୍ଗତ ସିଳାଟିମୁଣ୍ଡା , ଘାଟକଇଁତରା ଗ୍ରାମ ପଂଚାୟତ ସ୍ଥିତ ଘାଟକଇଁତରା ପ୍ରାଥମିକ ସ୍କୁଲ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହେବାକୁ ଥିବା ମତଦାନ କେନ୍ଦ୍ର ଗୁଡିକୁ ପରିଦର୍ଶନ ପୂର୍ବକ ପାରିପାର୍ଶ୍ୱକ ସ୍ଥିତି ତଥା ବୁଥ୍ ଗୁଡିକରେ ଆବଶ୍ୟକ ଭିତ୍ତିଭୂମି ଓ ପ୍ରସ୍ତୁତିର ଯାଞ୍ଚ କରିଥିଲେ । ଜିଲ୍ଲାପାଳ ଶ୍ରୀମତୀ ଦାସ ପରିଦର୍ଶନ ସମୟରେ ସମ୍ପୃକ୍ତ ବି ଏଲ ଓ, ତଥା ଏ ଆର ଓ, ଆର ଓଙ୍କୁ ପ୍ରତ୍ୟେକ ବୁଥରେ ମତଦାନ ଦିନ ପାନୀୟଜଳ, ଆଶ୍ରୟ ସ୍ଥଳ,/ ବିଶ୍ରାମ କକ୍ଷ, ଆବଶ୍ୟକ ଶୌଚାଳୟ ବ୍ୟବସ୍ଥା, ଆବଶ୍ୟକ ଅନୁଯାଇ ଆଲୋକ ବ୍ୟବସ୍ଥା, ଭିନ୍ନକ୍ଷମ ମତଦାତାଙ୍କ ନିମନ୍ତେ ରେମ୍ପ ସୁବିଧା, ହୁଇଲ ଚେୟାର ବ୍ୟବସ୍ଥା ପୁନଶ୍ଚ ୮୦ ବର୍ଷରୁ ଉର୍ଦ୍ଧ ମତଦାତାଙ୍କ ନିମନ୍ତେ ବ୍ୟବସ୍ଥିତ ମତଦାନ ପାଇଁ ଆବଶ୍ୟକ ପ୍ରସ୍ତୁତି ସହ ପାରିପାର୍ଶ୍ୱକ ବ୍ୟବସ୍ଥାର ବ୍ୟବସ୍ଥିତକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳଙ୍କ ବୁଥ୍ ପରିଦର୍ଶନ ସମୟରେ ସୁବର୍ଣ୍ଣପୁର ଉପଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ବିଡ଼ିଓ ତରଭା ଅନିଲ କୁମାର କୁଲୁଙ୍କ ସହ ସମ୍ପୃକ୍ତ ବି ଏଲ ଓ, ତଥା ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

ମୁକ୍ତେଶ୍ୱର ସାହିତ୍ୟ ସଂସଦ ଓ ସୁବର୍ଣ୍ଣ ସ୍ମୃତି କବି ସମ୍ମିଳନୀ

ଜମନକିରା,(ସବ୍ୟୁ: ସମ୍ବଲପୁର ଜିଲ୍ଲା ଜମନକିରା ମହାବିଦ୍ୟାଳୟରେ ମୁକ୍ତେଶ୍ୱର ସାହିତ୍ୟ ସଂସଦ ଏବଂ ସୁବର୍ଣ୍ଣ ସ୍ମୃତି ସମିତିର ମିଳିତ ସହଯୋଗରେ ରାଜ୍ୟସ୍ତରୀୟ କବି ସମ୍ମିଳନ ଓ କବିତା ମହୋତ୍ସବ ଆୟୋଜିତ ହୋଇଥିଲା । ମୁକ୍ତେଶ୍ୱର ସାହିତ୍ୟ ସଂସଦ ସଭାପତି ମୁରଲୀଧର ନାୟକ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବରେ ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ହୃଦାନନ୍ଦ ଶର୍ମା ଓ ତୃପ୍ତି ମିଶ୍ର ମଞ୍ଚାସୀନ ଥିଲେ। ପଣ୍ଡିତ ତ୍ରୈଲୋକ୍ୟନାଥ ମହାପାତ୍ର ସଂଯୋଜନା ଭାର ତୁଲାଇ ଥିଲେ। ବ୍ୟଙ୍ଗ କବି ପ୍ରମୋଦ ଅଧିକ କବି ନିଜର କବିତା ପାଠ କରିଥିଲେ। ଚାରି ଜଣ ଯଥା ଗୀତାରାଣୀ ସାହୁ,(ନାକ୍ସାଦେଉଲ୍)ସ୍ନେହତା ରଣା (ବଣେଇ), କୁନୁ ଦେହୁରୀ ଓ ପଂକଜିନୀ ରାଉତ (ଝାରସୁଗୁଡ଼ା) ସମ୍ମାନ ଜନକ ସୁବର୍ଣ୍ଣ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ତିନୋଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । ପ୍ରମୋଦ କୁମାର ନାୟକଙ୍କ ଦ୍ୱାରା ସ୍ୱରଚିତ 'ତୁମରି ସ୍ମୃତିରେ' ନନ୍ଦଲାଲ୍ ସାହୁଙ୍କ 'ଈଶ୍ୱରୀୟ ଜ୍ଞାନମାଳା' ଏବଂ ମୁରଲୀଧର ନାୟକଙ୍କ 'ସାହିତ୍ୟ ଆସର' ଆଦି ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଜମନକିରା ଅଂଚଳର ବିଶିଷ୍ଟ କବି ବୃନ୍ଦ ନରେନ୍ଦ୍ର ସାହୁ,ପ୍ରଦ୍ୟୁମ୍ନ ବିଶି, ପ୍ରଦୀପ ପଟେଲ,ସୁବାସ ନାୟକ, କୀତଚନ୍ଦ୍ର ବହିଦାର ପ୍ରମୁଖ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ଶେଷରେ କବି ପ୍ରଦ୍ୟୁମ୍ନ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

ଖଇର କାଠ ସହ ଜଣେ ମାଫିଆ ଗିରଫ

ଖପ୍ରାଖୋଲ, (ସବ୍ୟୁ) : ଖପ୍ରାଖୋଲ ବ୍ଲକ ହରିଶଙ୍କର ରେଞ୍ଜ ଅଧୀନ ତେଲେନପାଲି ଗାଁ ନିକଟ ଥୁଟା ସଂରକ୍ଷିତ ଜଙ୍ଗଲ ନିକଟରୁ ବନ ବିଭାଗ ଚଢ଼ାଉ କରି ଖଇର କାଠ ଜବତ କରିଥିବା ବେଳେ ବେଆଇନ୍ ଚାଲାଣ ଅଭିଯୋଗ ରେ ଜଣେ କାଠ ମାଫିଆ କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଲରମ୍ବା ଥାନା ଦମାଇପାଲି ପଞ୍ଚାୟତ ବଡ଼ ଉଡେନ ଗାଁ ର ପୃଥ୍ୱୀରାଜ ରଣା (୩୨) ବୋଲି ବନବିଭାଗ ସୂଚନା ଦେଇଛି। ସୂଚନା ଅନୁସାରେ ତେଲେନପାଲି ଗାଁ ନିକଟ ଥୁଟା ସଂରକ୍ଷିତ ଜଙ୍ଗଲ ପାଖରେ କିଛି ଖଇର କାଠ ମାଫିଆଙ୍କ ଦ୍ୱାରା ଚାଲାଣ ହେଉଥିବା ଖବର ପାଇ ବନବିଭାଗ ଚଢ଼ାଉ କରିଥିବା ବେଳେ ପ୍ରାୟ ୧୫କ୍ୱିଣ୍ଟାଲ ଖଇର କାଠ ସହିତ ଏକ ଯନ୍ତ୍ର ଚାଳିତ କରତ, ଏକ ଟାଙ୍ଗିଆ ଜବତ କରିଥିବା ବେଳେ ଅଭିଯୁକ୍ତକୁ ଘଟଣା ସ୍ଥଳରୁ ଗିରଫ କରିଥିଲେ। ଏନେଇ ଖପ୍ରାଖୋଲ ସେକ୍ସନ ଓ ,ଆର ,କେସ ନମ୍ବର ୯/୨୦୨୩-୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି। ଜବତ କାଠ ର୍ ମୂଲ୍ୟ ୧୮ ହଜାର ଟଙ୍କା ହେବ ବୋଲି କହିଛନ୍ତି। ଚଢ଼ାଉରେ ଖପ୍ରାଖୋଲ ସେକ୍ସନର ଦକ୍ଷ ବନପାଳ ସୁଧୀର କୁମାର ଜେନା, ବନରକ୍ଷୀ ରାଜେନ୍ଦ୍ର ଧରୁଆ ସହ ସ୍କାର୍ଡ ସାମିଲ ଥିଲେ।

ଜିଲ୍ଲାର ଉଦୀୟମାନ ଖେଳାଳି ଉପେକ୍ଷିତ

ଲୋକ ପ୍ରତିନିଧିଙ୍କ ପାରିବାପଣିଆକୁ ନେଇ ଉଠିଛି ପ୍ରଶ୍ନ

ଝାରସୁଗୁଡ଼ା, **(ଜୀବନ ମହାନ୍ତି)** : ଦକ୍ଷ ଖେଳାଳିମାନଙ୍କୁ ଶିକ୍ଷାନୁଷ୍ଠାନରେ କର୍ମନିଯୁକ୍ତି ସୁଯୋଗ ନଥିବାରୁ ଓଡିଶାରେ କ୍ରୀଡାର ପ୍ରସାରରେ ସହାୟକ ହୋଇପାରୁ ନାହିଁ। ଉଚ୍ଚମାନର ଖେଳ ପ୍ରଦର୍ଶନ କରୁଥିବା ଖେଳାଳୀ ମାନଙ୍କର ଖେଳପ୍ରତି ଆଗ୍ରହ ମଧ୍ୟ ରହୁନାହିଁ। ଝାରସୁଗୁଡ଼ା ଜିଲ୍ଲାରେ ବିଭିନ୍ନ ଖେଳରେ ଓଡିଶା ଓ ଜାତୀୟସ୍ତରରେ ପ୍ରତିନିଧିତ୍ୱ କରିଥିବା ଖେଳାଳି ବେକାର ହୋଇ ବସିଛନ୍ତି। ସେମାନେ ନିତି ଦିନିଆ ମୂଳ ଲାଗି କ୍ଷୋଭ ପ୍ରକାଶ କରୁଛନ୍ତି । ଅଳ୍ପ ଶିକ୍ଷିତ ଖେଳାଳି ମାନେ ଅନ୍ୟ ରାଜ୍ୟକୁ ଯାଇ ସେଠାରେ ଶ୍ରମିକ ଭାବରେ କାମ କରୁଛନ୍ତି। ଜିଲ୍ଲାର ଲୋକ ପ୍ରତିନିଧି ମାନେ ଖେଳାଳି ମାନଙ୍କ କର୍ମ ନିଯୁକ୍ତି ଶିଳ୍ପ ସଂସ୍ଥାରେ ଦେବା ପାଇଁ ପ୍ରତିଶ୍ରୁତି ଦେଇ ଆସୁଛନ୍ତି । ଜିଲ୍ଲାରେ ବିଶେଷ କରି ଏସସି/ଏସଟିର ବାଳକ ବାଳିକା ମାନେ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳ ହେଉଛନ୍ତି। କିନ୍ତୁ ପରବର୍ତ୍ତି ସମୟରେ ଖେଳାଳି ମାନଙ୍କୁ ନିଯୁକ୍ତି ନମିଳିବାରୁ ପରିବାରର ବୋଝ ହେଉଛନ୍ତି। ପୋଷାହନ ଅଭାବରୁ ପରିବାରର ଆର୍ଥିକ ଅବସ୍ଥା ପ୍ରତି ଗୁରୁତ୍ୱ ଦେଇ ଖେଳ ଛାଡିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲାର ଖେଳ ବିଭାଗ ପାଖରେ କେଉଁ ଖେଳରେ କିଏ ଜିଲ୍ଲାରୁ ଓଡିଶାର ପ୍ରତିନିଧିତ୍ୱ କରିଛନ୍ତି ତାହାର ରେକର୍ଡ ନାହିଁ କିମ୍ବା ରଖିବା ପାଇଁ ଖେଳ ବିଭାଗର ଆଗ

(ଶ୍ରୀମଦ୍ଭଗବଦ୍ ଗୀତା ୫/୦୨)

–କର୍ମ୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ)

ସନ୍ୟାସଃ କର୍ମଯୋଗଶ୍ଚ ନିଃ ଶ୍ରେୟସକରାବୁଭୌ ।

ତୟୋସ୍ତୁ କର୍ମ୍ମସନ୍ୟାସାତ୍ କର୍ମ୍ମଯୋଗୋ ବିଶିଷ୍ୟତେ ॥୨॥

ଶ୍ରୀଭଗବାନ କହିଲେ– ମୁଁ ବେଦାନ୍ତବିତ୍ ଆତ୍ମତତ୍ତ୍ୱଜ୍ଞ ବ୍ୟକ୍ତିଙ୍କୁ କର୍ମଯୋଗର ଉପଦେଶ ଦେଇ ନାହିଁ ଯେ ପୂର୍ବୋକ୍ତ ସନ୍ୟାସର ବିରୋଧ ହେବ, ପରନ୍ତୁ ତୁମେ ଦେହାଦିରେ ଆତ୍ମାଭିମାନୀ, ତୁମକୁ ଆତ୍ମଜ୍ଞାନରୂପ ଖଡ୍ଗଦ୍ୱାରା ବନ୍ଧୁକଧାଦି ପାଇଁ ଶୋକମୋହାଦିଜାତ ସନ୍ଦେହଚ୍ଛେଦନାର୍ଥ ପରମାତ୍ମବଜ୍ଞାନର ଉପାୟଭୂତ କର୍ମଯୋଗର ଅନୁଷ୍ଠାନ କର ବୋଲି କହିଥିଲି । ଏହି ନିଷ୍କାମ କର୍ମଯୋଗ ଦ୍ୱାରା ଶୁଦ୍ଧଚିତ୍ତ ବ୍ୟକ୍ତିର ତତ୍ତ୍ୱଜ୍ଞାନ ଜନ୍ମିଲେ ତାହାର ପରିପାକ ନିମିତ୍ତ ଜ୍ଞାନନିଷ୍ଠାର ଅଙ୍ଗ ସ୍ୱରୂପ କର୍ମ ତ୍ୟାଗ କହିଛି, ଅତଏବ ଅଙ୍ଗ ଓ ପ୍ରଧାନ ଏ ଉଭୟ ମଧ୍ୟରେ ପ୍ରଭେଦ ନଥିବାରୁ) ସନ୍ୟାସ (କର୍ମତ୍ୟାଗ) ଓ କର୍ମଯୋଗ ଏ ଦୁହେଁ ମୋକ୍ଷଦାୟକ, ମାତ୍ର ସେ ଦୁହିଁଙ୍କ ମଧ୍ୟରେ କର୍ମତ୍ୟାଗ ଅପେକ୍ଷା କର୍ମାନୁଷ୍ଠାନ ଉତ୍କୃଷ୍ଟ ଅଟେ ॥୨॥

ପୁନଶ୍ଚ ଯୁଦ୍ଧ ?

ସମ୍ପାଦକୀୟ

ଇସ୍ରାଏଲ ଓ ହାମାସ ଯୁଦ୍ଧ ଯେ' ତୃତୀୟ ବିଶ୍ୱଯୁଦ୍ଧର ରୂପ ନ ନେବ ସେ କଥା କିଏ କହିବ । ଡାମାସ୍କସରେ ଇରାନର ଦୂତାବାସ ଉପରେ ଇସ୍ରାଏଲର ଆକ୍ରମଣ ପରେ ଇରାନ କି ପ୍ରକାରର ପଦକ୍ଷେପ ନେବ ତା' ଉପରେ ସମସ୍ତଙ୍କ ନଜର । ଇରାନ ପାଇଁ ମଧ୍ୟ ଗୋଟିଏ ବୃହତ୍ତର ନିଷ୍ପତ୍ତି ନେବାର ସମୟ । ଖାଲି ଇରାନ କାହିଁକି, ଇରାନ ସହ ସମ୍ପୃକ୍ତ ବୋଲି କୁହାଯାଉଥିବା ହିଜବୁଲ, ହାମାସ ଏବଂ ଇରାକ ଦଳ ମଧ୍ୟ ଏହି ଘଟଣାର ବିକଳ୍ପ କଣ ହେବ ସେ ବିଷୟରେ ଯଥାଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି । ଏହି ଆକ୍ରମଣରେ କୁଦ୍ସ ଫୋର୍ସ କମାଣ୍ଡର ମହମ୍ମଦ ରେଜା ଜାହେଡିଙ୍କ ସମେତ ସିରିଆ ଏବଂ ଲେବାନନରେ କାର୍ଯ୍ୟର ତଦାରଖ କରୁଥିବା କେତେକ ରିଭଲ୍ୟୁସନାରୀ ଗାର୍ଡ଼ ନେତାଙ୍କ ମୃତ୍ୟୁ ହେଇଛି । ଏହାଭିତରେ ଇରାନ ଏହି ଆକ୍ରମଣର ଜବାବ ଦେବା ନେଇ ଧମକ ଦେଇସାରିଛି ଏବଂ କହିଛି ଯେ ଏହି ଆକ୍ରମଣ ଉତ୍ତରହୀନ ରହିବ ନାହିଁ । ଗଣମାଧ୍ୟମର କେତେକ ରିପୋର୍ଟ ଅନୁଯାୟୀ, ଇରାନର ରାଜନୈତିକ ବ୍ୟାପାର ବିଭାଗର ଡେପୁଟି ଚିଫ୍ ରାପତି ମହମ୍ମଦ ଜାମସିଡି କହିଛନ୍ତି ଯେ' ଏଥିରୁ ଦୂରେଇ ରହିବାକୁ ଇରାନ ଆମେରିକାକୁ ଏକ ଲିଖିତ ବାର୍ତ୍ତାରେ ଚେତାବନୀ ଦେଇଛି । ଇରାନ ଉଭୟ ଆମେରିକା ଓ ଇସ୍ରାଏଲର ସମ୍ପତ୍ତି ଏବଂ ଏହାର କର୍ମଚାରୀଙ୍କୁ ଟାର୍ଗେଟ କରିବାର ଆଶଙ୍କା ଥିବାରୁ ଦୁଇ ସରକାର ଏଥିପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ତେବେ ଆମେରିକା ସିଧାସଳଖ ଯୁଦ୍ଧ ଚାହୁଁ ନାହିଁ ବୋଲି ଆମେରିକା କଥାରୁ ଜଣାପଡୁଛି । ଆମେରିକା ପ୍ରଶାସନ ଜାଣିଛି ଯେ' ଇରାନ ଦ୍ୱାରା ଇସ୍ରାଏଲ ଉପରେ ସିଧାସଳଖ ଆକ୍ରମଣ ହେଲେ ପରିସ୍ଥିତି ଅଣାୟତ୍ତ ହେଇଯାଇପାରେ ଏବଂ ଏହା ମଧ୍ୟପୂର୍ବର ଏବେକାର ଅଶାନ୍ତ ପରିସ୍ଥିତିକୁ ଆହୁରି ବିସ୍ତାରିତ କରିପାରେ । ଇସ୍ରାଏଲ୍–ହାମାସ୍ ଯୁଦ୍ଧକୁ ଏକ ବ୍ୟାପକ, ଆଞ୍ଚଳିକ ବିବାଦରେ ପରିଣତ କରିପାରେ – ଯାହା ବାଇଡେନ ପ୍ରଶାସନ ବହୁ ଦିନରୁ ଏଡାଇବାକୁ ଚେଷ୍ଟା କରିଆସୁଛନ୍ତି । ସିରିଆରେ ଇରାନ ସମର୍ଥିତ ଟାର୍ଗେଟ ଉପରେ ଇସ୍ରାଏଲ୍ ଅନେକ ଥର ଆକ୍ରମଣ କରିଛି, ଇରାନର ହିଜବୁଲ ପାଇଁ ଉଦ୍ଦିଷ୍ଟ ଅସ୍ତ୍ରଶସ୍ତ୍ର ପରିବହନକୁ ଟାର୍ଗେଟ କରିଛି, କିନ୍ତୁ ଦୂତାବାସକୁ ଟାର୍ଗେଟ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି ଇରାନ ମନେ କରେ ଏବଂ ମନେକରିବା ସ୍ୱାଭାବିକ ମଧ୍ୟ । କାରଣ ଦୂତାବାସଗୁଡିକ ସେମାନେ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରଗୁଡିକର ସାର୍ବଭୌମ ଅଞ୍ଚଳ ଭାବରେ ବିବେଚନା କରାଯାଏ । ଦୂତାବାସ ଆକ୍ରମଣ ପରେ ପରେ ଆମେରିକା ଇରାନକୁ ଜଣାଇ ଦେଇଥିଲା ଯେ' ଏହାର ପ୍ରଶାସନ ଏଥିରେ ସମ୍ପୃକ୍ତ ନୁହଁନ୍ତି ଏବଂ ଆକ୍ରମଣ ସମ୍ପର୍କରେ ଏହା ଆଗରୁ କୌଣସି ସୂଚନା ମଧ୍ୟ ପାଇନାହିଁ । ଏହାର ଅର୍ଥ ଆମେରିକା ଏକ ସମ୍ଭାବ୍ୟ ଯୁଦ୍ଧରୁ ନିଜକୁ ଦୂରେଇ ରଖିବା ପାଇଁ ଚାହୁଁଛି । ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ଇରାନକୁ ଚେତାବନୀ ଦେଇ କହିଛନ୍ତି ଯେ' ଇସ୍ରାଏଲର ଏହି ଆକ୍ରମଣକୁ ଆଧାର କରି ଇରାନ ଆମେରିକାର ସମ୍ପତ୍ତି ଓ ଏହାର କର୍ମଚାରୀଙ୍କ ଉପରେ ଆକ୍ରମଣ ନ କରୁ । ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସିଧାସଳଖ ଆମେରିକା–ଇରାନ ମୁକାବିଲାକୁ ଏଡ଼ାଇବାକୁ ଚେଷ୍ଟା କରିପାରନ୍ତି , କାରଣ ଏହା ରୁଷ ଏବଂ ଇରାନ ମଧ୍ୟରେ ଏକ ବ୍ୟାପକ ରଣନୀତିକ ଚୁକ୍ତିକୁ ବିପଦରେ ପକାଇପାରେ, ଯାହା ପୁଟିନ ତାଙ୍କର ତେହେରାନ ଗସ୍ତ ସମୟରେ ସ୍ୱାକ୍ଷର କରିବାକୁ ଯୋଜନା କରିଛନ୍ତି । ବର୍ତ୍ତମାନ ଏହି ଘଟଣା କି ମୋଡ ନେବ ବା ଇରାନ ପାଇଁ କେଉଁ ସମ୍ଭାବ୍ୟ ବିକଳ୍ପ ରହିଛି, ତାହା ବିଚାର କରିବା ଆବଶ୍ୟକ । ପରୋକ୍ଷରେ ସିରିଆ, ଇରାକ, ଲେବାନନ୍ ଏବଂ ୟେମେନ ନିଶ୍ଚିତ ଭାବରେ ପ୍ରତିଶୋଧ ନେବାକୁ ଚାହିଁବେ । ପ୍ରଶ୍ନ ଉଠୁଛି, ଇରାନ କି ପଦକ୍ଷେପ ନେବ ? ତେହେରାନ ଦ୍ୱାରା ପ୍ରଥମ ବିକଳ୍ପ ହେଇପାରେ, ହାଉତିମାନଙ୍କ ପାଇଁ ସମର୍ଥନ ବୃଦ୍ଧି କରିବା, ସେମାନଙ୍କୁ ଅନ୍ତର୍ଜାତୀୟ ନାଭିଗେସନ୍ ବ୍ୟାହତ କରିବା ପାଇଁ ଲୋହିତ ସାଗର ଆକ୍ରମଣକୁ ବୃଦ୍ଧି କରିବାକୁ ଉତ୍ସାହିତ କରିବା । ବିଦ୍ୟମାନ ଚୁକ୍ତିନାମା ଅନୁଯାୟୀ ଚୀନ୍ ଏବଂ ରୁଷିଆର ଜାହାଜଗୁଡିକ ଛାଡିବା ସହ ମୁଖ୍ୟତଃ ପାଶ୍ଚାତ୍ୟ ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା, ଯାହା ଇରାନ ପ୍ରତ୍ୟକ୍ଷରେ ଏହାର ବିରୋଧୀଙ୍କ କ୍ଷତି ନ କରି ପରୋକ୍ଷରେ କରିବ । ଦ୍ୱିତୀୟ ବିକଳ୍ପ ହେଲା, ରିଭଲ୍ୟୁସନାରୀ ଗାର୍ଡ଼ ଏବଂ କୁଦସ୍ ଫୋର୍ସ ଏହି ଅଞ୍ଚଳରେ ଥିବା ଆମେରିକୀୟ ଦୂତାବାସଗୁଡିକ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇପାରେ । ଏହା ୱାଶିଂଟନକୁ ସଙ୍କେତ ଦେବ ଯେ ଗାଜା ଉପରେ ଇସ୍ରାଏଲର ଆକ୍ରମଣ ଏଥିପାଇଁ ଦାୟୀ । ଇରାନର ଦୂତାବାସ ଉପରେ ଇସ୍ରାଏଲର ଆକ୍ରମଣ ଦ୍ୱାରା ଇସ୍ରାଏଲ ସ୍ପଷ୍ଟ କରିଛି ଯେ' ଇସ୍ରାଏଲ ଆଉ ପରୋକ୍ଷରେ ନୁହେଁ ପ୍ରତ୍ୟକ୍ଷରେ ଯୁଦ୍ଧ କରିବାକୁ ଆଗେଇ ଆସିଛି । କିନ୍ତୁ ଇରାନ ସିଧାସଳଖ ଯୁଦ୍ଧ ଚାହିଁବ ବା ଇସ୍ରାଏଲକୁ ଏହା କିପରି ମାହାଙ୍ଗା ପଡୁ ସେ ଦିଗରେ କାର୍ଯ୍ୟ କରିବ, ତାହା ଦେଖିବାର କଥା । ଆଣବିକ କାର୍ଯ୍ୟକ୍ରମକୁ ସୁରକ୍ଷିତ ରଖିବା, ପ୍ରତିବନ୍ଧକରୁ ମୁକ୍ତି ପାଇଁ ବାଇଡେନ ପ୍ରଶାସନ ସହ ସମ୍ପର୍କକୁ ସୁଦୃଢ କରିବା ଏବଂ ଆରବ ଦେଶଗୁଡ଼ିକୁ ଯୁଦ୍ଧକ୍ଷେତ୍ର ଭାବରେ ବ୍ୟବହାର କରି ଇସ୍ରାଏଲ ବିରୁଦ୍ଧରେ ସିଧାସଳଖ ନୁହେଁ ବରଂ ପ୍ରକ୍ସି ଯୁଦ୍ଧ ଜାରି ରଖିବା ନେଇ ଇରାନ କର୍ତ୍ତୃପକ୍ଷ ହୁଏତ ଚିନ୍ତା କରୁଥାଇପାରନ୍ତି । ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ, ଇରାନ ନିଶ୍ଚୟ ପ୍ରତିଶୋଧ ନେବ । ଅନ୍ୟପକ୍ଷରେ, ଯୁଦ୍ଧକୁ ଯିବା ନିଷ୍ପତ୍ତି ଇରାନ ପାଇଁ ସହଜ ନୁହେଁ । ଯୁଦ୍ଧ ଉଭୟ ଇରାନ ଏବଂ ଏହାର ପ୍ରକ୍ସିମାନଙ୍କ ପାଇଁ ମହଙ୍ଗା ହେବ । ଇରାନ ଜାଣେ ଯେ ଆମେରିକା ନିଷ୍କ୍ରିୟ ହେବ ନାହିଁ, ବରଂ ସିଧାସଳଖ ଯୁଦ୍ଧ ଦ୍ୱାରା ଇରାନ ଏହାର ଆଣବିକ କାର୍ଯ୍ୟକ୍ରମ, ମୁଲାଚଲା ଶକ୍ତି ଏବଂ ମିଲିସିଆ ନେଟୱାର୍କ କ୍ଷତିଗ୍ରସ୍ତ ହେବ । ବାଇଡେନ ପ୍ରଶାସନ ଇସ୍ରାଏଲକୁ ସିଧାସଳଖ ଯୁଦ୍ଧ ପାଇଁ ନିରୁତ୍ସାହିତ କରୁଛି ମଧ୍ୟ । ଆମେରିକା ଜାଣିଛି ଯେ ବାଇଡେନ ଏବଂ ତାଙ୍କ ପ୍ରଶାସନର ଇସ୍ରାଏଲର ଅହଂକାର ଏବଂ ଖୋଲା ଅବମାନନା ଆମେରିକାର ରାଷ୍ଟ୍ରପତି ଏବଂ ତାଙ୍କ ଦଳର ବିଶ୍ୱସନୀୟତା ପାଇଁ ମହଙ୍ଗା ପଡିଛି । ଏମିତିବି ବାଇଡେନ ଏବଂ ତାଙ୍କ ଟିମ ଇସ୍ରାଏଲ ଉପରେ ଖୁସି ନାହାନ୍ତି କାରଣ ସେମାନେ ହ୍ୱାଇଟ ହାଉସର ସମସ୍ତ ଅନୁରୋଧକୁ ଖୋଲା ପ୍ରତ୍ୟାଖ୍ୟାନ କରିଛନ୍ତି ଯେମିତି ଇରାନକୁ ଉତ୍ତେଜିତ ନ କରିବା । ଇସ୍ରାଏଲର ନେତାମାନେ ଆମେରିକାର କିଛି କଥା ଶୁଣିବାକୁ କିମ୍ବା ବିଚାର କରିବାକୁ ମଧ୍ୟ ଚାହୁଁ ନାହାନ୍ତି ବୋଲି ଆମେରିକା ଅନୁଭବ କରୁଛି । ଏହାର ଅର୍ଥ ନୁହେଁ ଯେ ବାଇଡେନ ପ୍ରଶାସନ କିମ୍ବା ଡେମୋକ୍ରାଟିକ୍ ଏବଂ ରିପବ୍ଲିକାନ୍ ଦଳ ଇସ୍ରାଏଲ୍‌କୁ ସମର୍ଥନ ଦେବେ ନାହିଁ କାରଣ ହାମାସକୁ ନିପାତ କରିବା ପାଇଁ ସମସ୍ତଙ୍କର ଇଚ୍ଛା । କିନ୍ତୁ ଲକ୍ଷ୍ୟ ହାସଲର ରାସ୍ତା ନେଇ ଆମେରିକା–ଇସ୍ରାଏଲ୍ ମଧ୍ୟରେ ମତଭେଦ ହେଉଛି । ପାର୍ଥକ୍ୟ ହେଉଛି ଯେ ରାଫାରେ ଏକ ନିର୍ଦ୍ଦିଷ୍ଟ ଗ୍ରାଉଣ୍ଡ ଅପରେସନ୍ ବ୍ୟତୀତ ହାମାସକୁ ସଫା କରିବାର କୌଣସି ବିକଳ୍ପ ଇସ୍ରାଏଲ୍ ଦେଖି ନ ଥିବାବେଳେ, ବାଇଡେନ ପ୍ରଶାସନ ସାଧାରଣ ନାଗରିକଙ୍କୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦେଉଛି । ଅଧିକନ୍ତୁ, ଇରାନ ବିଷୟରେ ବାଇଡେନ ପ୍ରଶାସନ ଏବଂ ଇସ୍ରାଏଲ ମଧ୍ୟରେ ଏକ ଭିନ୍ନ ପାର୍ଥକ୍ୟ ଅଛି । ତେହେରାନ ସହିତ ଗୁପ୍ତ କଥାବାର୍ତ୍ତା ମାଧ୍ୟମରେ ବାଇଡେନ ପ୍ରଶାସନ ଇରାନ ସହ ଏକ ଆପୋଷ ବୁଝାମଣା କରିବାକୁ ଚାହୁଁଥିବାବେଳେ ଇସ୍ରାଏଲ ଏହା ପସନ୍ଦ କରୁନାହିଁ । କାରଣ ଇରାନ ଏହାର ପ୍ରକ୍ସିମାନଙ୍କୁ ଆର୍ଥିକ ସହାୟତା, ତାଲିମ, ଅସ୍ତ୍ରଶସ୍ତ୍ର ଏବଂ ରଣନୀତିକ ମାର୍ଗଦର୍ଶନ ଦେଉଛି । ଏଭଳି ପରିସ୍ଥିତିରେ ଇରାନ କି ପ୍ରକାର ପଦକ୍ଷେପ ନେଉଛି ତାହା ଏକ ବିରାଟ ପ୍ରଶ୍ନ । ତେବେ ଆମେରିକା ପରି ଶକ୍ତିଶାଳୀ ଦେଶ ଚାହିଁଲେ, ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧକୁ ଟାଳି ପାରିବ, ନଚେତ୍ ଏହା ଯେ' ତୃତୀୟ ବିଶ୍ୱଯୁଦ୍ଧର ରୂପ ନ ନେବ, ସେ କଥା କହି ହେବ ନାହିଁ ।

କ୍ଷମତା ସଂଜ୍ଞା ଓ ସ୍ୱରୂପ

ଯତିନ୍ଦାନନ୍ଦ ଦାଶ

କ୍ଷମତାର ମୋହ ମଣିଷର ଏକ ଅର୍ନ୍ତନିହିତ ସହଜାତ ପ୍ରବୃତ୍ତି, ଯାହା ମଣିଷକୁ କ୍ଷମତା ବା କର୍ତ୍ତୃତ୍ୱ ଜାହିର କରିବାର ବାଟ ଦେଖାଇଥାଏ । ଆଜିର ପରିବର୍ତ୍ତନଶୀଳ ଦୁନିଆରେ କିଛି ଲୋକ କ୍ଷମତାର ଲୋଭକୁ ଆହ୍ୱାନ କରି କରୁଥିବାବେଳେ ସମାଜରେ କିଛି ଲୋକ ମଧ୍ୟ ଅଛନ୍ତ, ଯେଉଁମାନେ କି କ୍ଷମତାର ଜାଲରେ ବନ୍ଧା ହେବା ପାଇଁ ଇଚ୍ଛା ବି କରନ୍ତି ନାହିଁ । ସାମାଜିକ, ରାଜନୈତିକ ବା ଅର୍ଥନୈତିକ ସ୍ତରରେ ସାଧାରଣତଃ ମଣିଷ ଲୋଭକୁ ଜାବୁଡ଼ି ଧରିବା ପାଇଁ ଚେଷ୍ଟା କରିଥାଏ । କ୍ଷମତା ମଣିଷର ଏପରି ଏକ ସ୍ଥିତି ଯେଉଁ ସ୍ଥିତି, ଅନ୍ୟକୁ ନିର୍ଦ୍ଦେଶ ଦେଇପାରୁଥିବ ଅନ୍ୟର କାମ ତଥା ଜରୁରୀ ଆବଶ୍ୟକତାକୁ ପୂରଣ କରିପାରୁଥିବ । ଅନ୍ୟ ପକ୍ଷରେ ନିଜର ବଳବତ୍ତର ସ୍ଥିତି ଦ୍ୱାରା ଆବଶ୍ୟକତା ମତେ ଅନ୍ୟଠରୁ କାର୍ଯ୍ୟ ହାସଲ ମଧ୍ୟ କରିପାରୁଥିବ । ସାଧାରଣତଃ କ୍ଷମତା ପ୍ରଶାସନିକ, ଅର୍ଥନୈତିକ, ସାମାଜିକ ପ୍ରତିପତି ଓ ରାଜନୈତିକ ପଡିଆରା ହୋଇପାରେ ।

କ୍ଷମତାର ମୋହ ରହିବା ସଙ୍ଗେ ସଙ୍ଗେ କ୍ଷମତାର ସଦୁପଯୋଗ କରିବା ଉଚିତ । କିଛି ଲୋକ କ୍ଷମତାର ସଦୁପଯୋଗ କରୁଥିବାବେଳେ, ଆଉ କିଛି ଲୋକ କ୍ଷମତାର ଅପବ୍ୟବହାର କରିଚାଲନ୍ତି । ତେବେ ଆଜିକାଲି କ୍ଷମତାର ସଦୁପଯୋଗ କରିବା ଲୋକ ସଂଖ୍ୟା କମ୍ କହିଲେ ଚଳେ । ଆମମାନଙ୍କୁ ଜାଣିରଖିବାକୁ ପଡ଼ିବ ଯେ, କ୍ଷମତା ଜାହିର ଓ କର୍ତ୍ତବ୍ୟର ଦାୟିତ୍ୱବୋଧତା ଦୁଇଟି ଭିନ୍ନ ଦିଗ । ମାତ୍ର ଏକ ସୁଶାସନ ହେଉ ବା ସୁସ୍ଥସମାଜ ପାଇଁ ହେଉ କ୍ଷମତା ଓ ଦାୟିତ୍ୱବୋଧତା ମଧ୍ୟରେ ସଠିକ୍ ସମନ୍ୱୟତା ରକ୍ଷା କରାଯିବା ଉଚିତ । ଅନେକ କ୍ଷେତ୍ରରେ ମଣିଷ କ୍ଷମତାର ମୋହରେ ଏତେ ବଶୀଭୂତ ହୋଇଯାଏ ଯେ, କ୍ଷମତା ବା କର୍ତ୍ତୃତ୍ୱ ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ଦାୟିତ୍ୱର କଥା ଅନେକ ସମୟରେ ଭୁଲିଯାଇଥାଏ । ଏହା ଫଳରେ କ୍ଷମତାର ଦୁରୁପଯୋଗ ହେବାର ସମ୍ଭାବନା ସୃଷ୍ଟି ହୋଇଥାଏ । ତେଣୁ ଯେତେ କ୍ଷମତା ବଢ଼ିଚାଲିବ, ସେତେ ଦାୟିତ୍ୱବୋଧତା ବଢ଼ି ଚାଲିବ । କ୍ଷମତା ପାଇବା ସଙ୍ଗେ ସଙ୍ଗେ ମଣିଷ କ୍ଷମତାର ଉପଯୁକ୍ତ ପ୍ରୟୋଗ କରିବାକୁ ପ୍ରୟାସ କରିବା ଉଚିତ । କ୍ଷମତା ଓ ଦାୟିତ୍ୱର ସମନ୍ୱୟକୁ ନେଇ ଏକ ଛୋଟ ଉଦାହରଣଟିଏ । ଧରନ୍ତୁ ଜଣେ ବ୍ୟକ୍ତି ଗାଡ଼ି ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ କରିନେଲା, ମାତ୍ର ଗାଡ଼ିର ଇନ୍ସୁରାନସ କଲାନାହିଁ । ବେପରୁଆ ଭାବେ ଗାଡ଼ି ଚଳେଇବାକୁ ଲାଗିଲା । ଏ କ୍ଷେତ୍ରରେ ଏହା ସ୍ୱଷ୍ଟ ଅନୁମେୟ ଲୋକଟି କ୍ଷମତାପ୍ରାପ୍ତ ହୋଇଗଲା ଲଇସେନ୍ସଟି ପାଇ । ମାତ୍ର ଇନ୍ସୁରାନସ ନ କରି ଦାୟିତ୍ୱବୋଧ କଥା ଭୁଲିଗଲା । ସୁତରାଂ ଲୋକଟିକୁ କ୍ଷମତାପ୍ରାପ୍ତି ଫଳପ୍ରଦ ହେଲା ନାହିଁ କି କ୍ଷମତାର ସଦୁପଯୋଗ ହୋଇପାରିଲା ନାହିଁ ।

ଆଜିକାଲି ଅନେକଙ୍କ ଦ୍ୱାରା କ୍ଷମତାର ପ୍ରଚଣ୍ଡ ଅପବ୍ୟବହାର କରାଯାଉଛି । ବେଳେ ବେଳେ ନିଜର ସୁଯୋଗ ଓ ସୁବିଧାକୁ ଆପଣେଇବା ପାଇଁ କ୍ଷମତାର ଅପବ୍ୟବହାର କରାଯାଇଥାଏ ଅନେକଙ୍କ ଦ୍ୱାରା । ଆଉ କିଛି କ୍ଷେତ୍ରରେ ଅନ୍ୟର କ୍ଷତିକରିବା ବା ଅନ୍ୟକୁ ହଇରାଣ କରିବା ପାଇଁ ମଧ୍ୟ କ୍ଷମତାର ଅପବ୍ୟବହାର କରାଯାଇଥାଏ । କ୍ଷମତାର ଅପବ୍ୟବହାର ପରିଭାଷା ହେଲା ଉଚ୍ଚପଦବୀ ଥାଇ କୌଣସି ବ୍ୟକ୍ତି ଅନୁଷ୍ଠାନ ବା ସରକାରଠାରୁ ଅନ୍ୟାୟ ସଂଗତ ସୁଯୋଗ ସୁବିଧା ଲାଭ କରିବା । ଅପବ୍ୟବହାର ସାଧାରଣତଃ ଭୌତିକ, ମାନସିକ ବା ଆର୍ଥିକ କାରଣଗତ ହୋଇପାରେ । ଯେତେବେଳେ କ୍ଷମତାର ଅପବ୍ୟବହାର ଅଭ୍ୟାସରେ ପରିଣତ ହୋଇଯାଏ, ସେତେବେଳେ ଅପବ୍ୟବହାର ଗର୍ହିତ ଅପରାଧର ଆଖ୍ୟା ନେଇଥାଏ । ପୁରାତନ କାଳରେ କ୍ଷମତା ଜଣେ ବ୍ୟକ୍ତି ପାଖରେ କେନ୍ଦ୍ରିଭୂତ ହୋଇ ରହୁଥିଲା । ଉଦାହରଣ ହେଲା, ରାଜା ମହାରାଜାଙ୍କ ବେଳର କଥା । ଯେଉଁ ସମୟରେ ଏପରିଥିଲା ରାଜା ଯାହା ହୁକୁମାତି କରୁଥିଲେ ସେଇଆ କରାଯାଉଥିଲା । ପ୍ରଜାମାନଙ୍କର ନିଷ୍ପତ୍ତି ଏବଂ ବକ୍ତବ୍ୟକୁ ଗୁରୁତ୍ୱ ଦିଆଯାଉ ନଥିଲା । ବେଳେ ବେଳେ ଅତିମାତ୍ରାରେ କେନ୍ଦ୍ରିତ କ୍ଷମତା ଦ୍ୱାରା ଏକଛତ୍ରବାଦ ଶାସନର ଆବିର୍ଭାବ ହଉଥିଲା । ଆମ ଇତିହାସ ପୃଷ୍ଠାରୁ ନେପୋଲିୟନ, ହିଟଲର ଇତ୍ୟାଦିଙ୍କର ଉଦାହରଣ ନିଆଯାଇପାରେ ଯେଉଁମାନେ ଅତ୍ୟନ୍ତ ଏକଛତ୍ରବାଦ ଶାସକ ଥିଲେ । କେନ୍ଦ୍ରିତ କ୍ଷମତା ପ୍ରଜା ବା ଦେଶର ବିକାଶ ପରିବର୍ତ୍ତେ କଠୋର ଓ ବ୍ୟଭିଚାର ଶାସନ ଉପରେ ଗୁରୁତ୍ୱ ଦେଇଥାଏ ।

ସମୟକ୍ରମେ ଯେତେବେଳେ ଆମ ଦେଶ ସ୍ୱାଧୀନ ହେଲା ତା ପରେ ଗଣତନ୍ତ୍ରର ମୂଳଦୁଆ ସ୍ଥାପିତ ହେଲା ସେତେବେଳେ କ୍ଷମତା ବିକେନ୍ଦ୍ରିକରଣର ସୁରାକ ରାଜନେତାମାନେ ପାଇଲେ । କାଳକ୍ରମେ ସମ୍ବିଧାନର ସଂଶୋଧନ ଅନୁଯାୟୀ କ୍ଷମତାର ବିକେନ୍ଦ୍ରିକରଣ ହୋଇଥିଲା । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରଚଳନ କ୍ଷମତା ବିକେନ୍ଦ୍ରିକରଣରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଥିଲା । ତିନିସ୍ତରୀୟ ହେଲା... କିଛି ପଞ୍ଚାୟତରାଜ ଶାସନ ବ୍ୟବସ୍ଥା ପ୍ରଚଳନ ହୋଇଥିଲା । ତିନିସ୍ତରୀୟ ହେଲା ଜିଲ୍ଲାସ୍ତରରେ ଜିଲ୍ଲା ପରିଷଦ, ବ୍ଲକ ସ୍ତରରେ ପଞ୍ଚାୟତ ସମିତି ଏବଂ ଗ୍ରାମ ସ୍ତରରେ ଗ୍ରାମପଞ୍ଚାୟତ । ଓଡ଼ିଶାର ପଞ୍ଚାୟତରାଜ ବ୍ୟବସ୍ଥାରେ ପ୍ରଚଳନ ଆମର ଉତ୍କଳର ବରପୁତ୍ର ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଦ୍ୱାରା କାର୍ଯ୍ୟକାରୀ ହୋଇଥିଲା । ଏହାଦ୍ୱାରା ବିଭିନ୍ନ ସ୍ତରରେ କ୍ଷମତାର ବିଭାଜନ ହୋଇପାରିଥିଲା ।

ଅତ୍ୟଧିକ କେନ୍ଦ୍ରିତ କ୍ଷମତାର ବଶବର୍ତ୍ତୀ ହେଲେ ମଣିଷ କ୍ଷମତାର ଯନ୍ତ୍ରଣା ପାଇଥାଏ ଏବଂ ପରବର୍ତ୍ତୀ ସମୟରେ ତାର ଅପବ୍ୟବହାର କରିବାକୁ ମଧ୍ୟ ପଛାଏ ନାହିଁ । କ୍ଷମତା ବିକେନ୍ଦ୍ରିକରଣ ସମାଜ ବା ଦେଶର ବିକାଶ ଓ ଉନ୍ନତିର ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ । କ୍ଷମତା ସେଇ ଲୋକମାନଙ୍କୁ ଦିଆଯିବା ଉଚିତ ଯେଉଁମାନେ ନିଜକୁ ଛୋଟ କରିବାର ସାହାସ ପ୍ରଦର୍ଶନ କରି କ୍ଷମତାର ମହତ୍ତ୍ୱକୁ ବଜାୟ ରଖିବାର ପ୍ରୟାସ କରିଥାନ୍ତି । ଏକ ସକରାତ୍ମକ ବ୍ୟକ୍ତି କ୍ଷମତା ପାଇଁ ବ୍ୟାକୁଳ ହୋଇନଥାଏ କି କ୍ଷମତାକୁ ଏକ ଆନନ୍ଦର ଉତ୍ସ ବୋଲି ଭାବିନଥାଏ । ସେପରି ବ୍ୟକ୍ତି ପ୍ରାପ୍ତ କ୍ଷମତାକୁ ଦେଶର ହିତରେ ପ୍ରୟୋଗ କରିଥାଏ । ମାତ୍ର ଏକ ନକରାତ୍ମକ ବ୍ୟକ୍ତି କ୍ଷମତାକୁ ଉପଭୋଗ କରିବା ସଙ୍ଗେ ସଙ୍ଗେ ଅପବ୍ୟବହାର କରିଚାଲେ ।

ଶେଷରେ ଆସନ୍ତୁ କ୍ଷମତାର ପରିବେଶକୁ କଳୁଷିତ ନ କରି ଏକ ସକରାତ୍ମକ ମନୋବୃତ୍ତି ନେଇ ଦେଶର ଉନ୍ନତିରେ ପ୍ରୟୋଗ କରିବା ଫଳରେ ଦେଶ ଆଗକୁ ବଢ଼ିପାରିବ ତଥା ସମାଜର ଉନ୍ନତି ହୋଇପାରିବ ।

ମୋ–୯୯୩୮୧୮୧୩୨୦

ତାପମାତ୍ରା ବୃଦ୍ଧି ଓ ଅଂଶୁଘାତ

ଜୟଶ୍ରୀ ପଟ୍ଟନାୟକ

ଈଶ୍ୱରଏ ପୃଥିବୀଟାକୁ ଖୁବ୍ ସୁନ୍ଦର କରି ଗଢ଼ିଛନ୍ତି । ଦିଗନ୍ତ ବିସ୍ତାରୀ ନୀଳ ଆକାଶ, ମାଟି ପାଣିରେ ତିଆରି ଆମ ପ

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିପର୍ଯ୍ୟୟ...

ଏହାଛଡା ଜାତୀୟ ସ୍ତରକୁ ଖାଦ୍ୟଶସ୍ୟ ଯୋଗାଇବାରେ ଅଗ୍ରଣୀ ରହିଛି । ନବୀନ ପଟ୍ଟନାୟକଙ୍କର ଗରିବ କଲ୍ୟାଣ କାର୍ଯ୍ୟକ୍ରମ ଯୋଗୁ ଖାଦ୍ୟ ସୁରକ୍ଷା ନେଟ୍‌ୱାର୍କ ସଫଳ ହୋଇଛି ଓ ଲୋକମାନଙ୍କୁ ପୁଷ୍ଟିକର ଖାଦ୍ୟ ମିଳୁଛି । ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ ଯିଏ ସ୍ଥାନୀୟ ମିଲେଟ୍ ଚାଷୀଙ୍କୁ ସହାୟକ କରୁଛି । ଓଡ଼ିଶାର ମିଲେଟ୍ ମିଶନ ବିଶ୍ୱରେ ଆଦୃତ ହୋଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଲାଗି ୨୦୨୨ରେ ମଧ୍ୟ ନିମନ୍ତ୍ରଣ କରାଯାଇଥିଲା । ସେହିଭଳି ୫-ଟି ପ୍ରଶାସନ ଏବଂ ଏହାର ରାଜ୍ୟ ଉପରେ ପଡିଥିବା ପ୍ରଭାବ ନେଇ ସବିଶେଷ ଆଲୋଚନା କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟ ଶ୍ରୀ ସାର୍ପଙ୍କୁ ଓଡ଼ିଶା ଆସିଥିବାରୁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ବିଭିନ୍ନ କ୍ଷେତ୍ରରେ ଓଡ଼ିଶା ଜାତିସଂଘର ବିଭିନ୍ନ ସଂସ୍ଥାର ସହଯୋଗୀ ଭାବେ କାର୍ଯ୍ୟ କରିବ ।

ଏଥର...

ମୌସୁମୀ ସହ ଲୁ ନେଇ ମଧ୍ୟ ସମ୍ଭାବନା ପ୍ରକାଶ ପାଇଛି । ସେହିଭଳି ଇଣ୍ଡିଆନ୍ ଓସେନ୍ ଡିପଲ ପକ୍ଷରୁ ପ୍ରାରମ୍ଭିକ ଆକଳନ କରାଯାଇଛି । ଏଥିରେ ଦର୍ଶାଯାଇଛି ଯେ ଲାନିନା ମୌସୁମୀ ପାଇଁ ଏଥର ଭଲ ସ୍ଥିତିରେ ଅଛି । ଏଲିନୋ ଓ ଲାନିନା ଉଭୟ ମୌସୁମୀକୁ ଗତିଶୀଳ କରାଇବାରେ ବେଶ୍ ସହାୟକ ହେବେ । ତେବେ ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ମୌସୁମୀ କେବେ କେରଳକୁ ଆସିବ ତାହା ୧୪ ପାଣିପାଗ ଷ୍ଟେସନର ଫିଚରକୁ ନେଇ ଆକଳନ ହେବ ।

କାମରେ...

ଠାରୁ ଆରମ୍ଭ କରି ପ୍ଲାନିଂ ବିଭାଗର କର୍ମଚାରୀମାନେ ସମ୍ପୂର୍ଣ୍ଣ ହାତ ଟେକି ଦେଇଛନ୍ତି ।

ବିଏମସି'ରେ ୨୦୦୦ରୁ ଊର୍ଦ୍ଧ୍ୱ ଆବେଦନ 'ସୁଯୋଗ' ୱେବସାଇଟରେ ଅପଲୋଡ ହୋଇ ପଡ଼ି ରହିଛି । ସେହିପରି ବିଡିଏରେ ବି ଅନୁରୂପ ଅବସ୍ଥା । ଏଠାରେ ୮୦୦ରୁ ଊର୍ଦ୍ଧ୍ୱ ପାଇଲ 'ସୁଯୋଗ'ରେ ପଡ଼ିଛି । ଆବେଦନକାରୀମାନେ 'ସୁଯୋଗ' ୱେବସାଇଟରେ ଆବେଦନ କରି ଘର ମଞ୍ଜୁର ପାଇଁ ଅପେକ୍ଷାରେ ଅଛନ୍ତି । ଏହି ଅପେକ୍ଷାର କେବେ ଅନ୍ତ ଘଟିବ ବିଡିଏ କିମ୍ବା ବିଏମସିର କର୍ତ୍ତୃପକ୍ଷଙ୍କ ନକଟରେ ଉତ୍ତର ନାହିଁ ? ରାଜଧାନୀବାସିନ୍ଦା ବିଏମ୍‌ସି ଓ ବିଡିଏକୁ ଦୌଡିଦୌଡି ନୟାନ୍ତ ହେଲେଣି । ଏସମ୍ପର୍କରେ ବିଡିଏ ପ୍ଲାନିଂ ମେମ୍ବର ଗୌରୀ ଶଙ୍କର ଭୂୟାଁ କହିଛନ୍ତି, ସର୍ଭର ଧିମା ଅଛି । ଆମ ତରଫରୁ କିଛି ଅସୁବିଧା ନାହିଁ । ସର୍ଭର ଧିମା ହେଲେ ଆମେ କଣ କରିପାରିବୁ ବୋଲି ନିଜ ଅସହାୟତା ପ୍ରକାଶ କରିଛନ୍ତି ।

ଅପରପକ୍ଷରେ କିଛି ଆରକିଟେକ୍‌ଚର କହିଛନ୍ତି, 'ସୁଯୋଗ'ଅଚଳ ଯୋଗୁ ଆବେଦନକାରୀଙ୍କ ନିକଟରେ ଆମେ ବିଶ୍ୱାସଭାଜନ ହୋଇପାରୁନାହୁଁ । ଆବେଦନକାରୀମାନେ ଆମ କଥାକୁ ଆଉ ବିଶ୍ୱାସ କରୁ ନାହାନ୍ତି । ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ତୁରନ୍ତ ଏହି ଅସୁବିଧା ପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି ସେମାନେ । ତୁରନ୍ତ ସୁଯୋଗ ୱେବସାଇଟ ଠିକ ନକଲେ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ଘେରିବେ ବୋଲି ଆବେଦନକାରୀମାନେ ଚେତାବନୀ ଦେଇଛନ୍ତି ।

ସମ୍ବଲପୁରରେ...

ଏହାପରେ ଗତ ୧୪ତାରିଖ ହନୁମାନ ଜୟନ୍ତୀ ଶୋଭାଯାତ୍ରା ବେଳେ ଦୋକାନ ଭଙ୍ଗାରୁଜା ସହ ପୋଡାଜଳା ପରିସ୍ଥିତି ଉପୁଜିଥିଲା । ଏହି ଦିନ ସାଂପ୍ରଦାୟିକ ହିଂସାରେ ସାନସିଙ୍ଗାରୀ ଗ୍ରାମର ଚନ୍ଦ୍ରଶେଖର ମିର୍ଦ୍ଧାଙ୍କ ମୃତ୍ୟୁ ହୋଇଥିଲା । ଏଥିସହ ଭବାନୀପାଲିର ବିଶ୍ୱଜିତ୍ ଶିଖା ଗୁରୁତର ଆହତ ହୋଇଥିଲେ । ଏହାପରେ ସମ୍ବଲପୁର ସହର ଅଶାନ୍ତ ହୋଇ ପଡିଥିଲା । ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ କର୍ଫ୍ୟୁ ସହ ଇଣ୍ଟରନେଟ୍ ସେବା ଅଚଳ କରାଯାଇଥିଲା । ପରେ ସାଂପ୍ରଦାୟିକତା ହିଂସା ଘଟଣାରେ ବହୁ ଲୋକଙ୍କୁ ପୋଲିସ ଗିରଫ କରିଥିଲା । ତେବେ ଏହା ୧ବର୍ଷ ପୁରିବାକୁ ବସିଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ହନୁମାନ ଜୟନ୍ତୀ ପୂର୍ବରୁ ଶାନ୍ତି କମିଟି ବୈଠକ ଡକାଯାଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ବୈଠକରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଏସ୍‌ପି ମୁକେଶ ଭାମୁ, ପିଡିଡିଆରଡିଏ ଧର୍ମେନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତି ଓ ସୁଚାରୁ ବଳ, ଅତିରିକ୍ତ ଏସ୍‌ପି ଆଲବିନିୟସ୍ କେକେଟା ଓ ହରିଶଚନ୍ଦ୍ର ପାଣ୍ଡେ ଏବଂ ଉପଜିଲ୍ଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

କଳିଙ୍ଗ...

ଦେଖିନାହାନ୍ତି । ଏହା ମୋତେ କୋଲାର୍ଡୋରେ ଥିବା ଅଲମ୍ପିକ୍ ପ୍ରଶିକ୍ଷଣ କେନ୍ଦ୍ରରେ ସେ ଅତିବାହିତ କରିଥିବା ସମୟକୁ ମନେପକାଇ ଦେଇଥିଲା । ବାସ୍ତବ କ୍ଷେତ୍ରରେ ଓଡ଼ିଶା ଅଦ୍ୱିତୀୟ । କ୍ରୀଡା କ୍ଷେତ୍ରରେ ଉଜ୍ଜ୍ୱଳ ଭବିଷ୍ୟତ ଲାଗି ସୂଚନା ମିଳୁଛି ବୋଲି ତାଙ୍କର ବିଶ୍ୱାସ ହେଉଛି । ଶ୍ରୀ ପାଣ୍ଡିଆନ ମଧ୍ୟ ଶ୍ରୀ ସାର୍ପଙ୍କୁ ଧନ୍ୟବାଦ ଦେବାସହ ଜାତିସଂଘ ସହଯୋଗରେ ଓଡ଼ିଶା ଓ ଭାରତୀୟ କ୍ରୀଡାକୁ ଉନ୍ନତ ସ୍ତରକୁ ନେବାଲାଗି ଆଶା ପ୍ରକାଶ କରିଥିଲେ । ବର୍ତ୍ତମାନ ଓଡ଼ିଶା ଏବେ ଭାରତର କ୍ରୀଡାର ପ୍ରମୁଖ ପେଣ୍ଠସ୍ଥଳ ପାଲଟିଛି । ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ୧୦୦୦ କୋଟି ଟଙ୍କା କ୍ରୀଡା ପାଇଁ ବଜେଟ୍‌ରେ ବ୍ୟବସ୍ଥା କରିଛନ୍ତି । ଏଥିରେ ବିଭିନ୍ନ କ୍ରୀଡା ଭିତ୍ତିଭୂମି ସମଗ୍ର ରାଜ୍ୟରେ ତିଆରି ହେଉଛି । ହକି କ୍ଷେତ୍ରରେ ଓଡ଼ିଶା ଏବେ ବିଶ୍ୱର ହବ୍ ପାଲଟିଛି । ଭୁବନେଶ୍ୱର ଓ ରାଉରକେଲାରେ ଶ୍ରେଷ୍ଠ ଷ୍ଟାଡିୟମ୍ ପ୍ରସ୍ତୁତ ହୋଇଛି । କଳିଙ୍ଗ ଷ୍ଟାଡିୟମ୍ କମ୍ପ୍ଲେକ୍ସରେ ମଧ୍ୟ ଭଲ ସୁବିଧା ରହିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ହେଉଛି ଯୁବକଙ୍କ ପାଇଁ କ୍ରୀଡା ଓ ଯୁବକଙ୍କ ପାଇଁ ଭବିଷ୍ୟତ ବୋଲି ସେ କହିଥିଲେ ।

୧୨ ଯାଏ...

ମେଘୁଆ ଓ ବର୍ଷା ଯୋଗୁ ତାପମାତ୍ରା ବଢିବ ନାହିଁ । ମଙ୍ଗଳବାର ଓଡ଼ିଶା ଓ ଛତିଶଗଡ ଉପରେ ଏକ ଗୁରୁତାପ ରହିଥିଲା । ଦୁଇଦିନ ପରେ ଏହା ଓଡ଼ିଶା ସଂଲଗ୍ନ ବଙ୍ଗୋପସାଗରରେ ରହିବ । ୧୩ ତାରିଖ ପରେ ଏହା କେନ୍ଦ୍ରୀୟ ବଙ୍ଗୋପସାଗରକୁ ମୁହାଁଇବ ।

ବର୍ତ୍ତମାନ ରାଜ୍ୟକୁ ଉତ୍ତର-ପଶ୍ଚିମା ଶୁଷ୍କ ବାୟୁ ପ୍ରବାହିତ ହେଉନାହିଁ । ସାମୁଦ୍ରିକ ପବନ ହେତୁ ବାୟୁମଣ୍ଡଳରେ ଅସ୍ଥିରତା ଦେଖାଯାଉଛି । କାଳବୈଶାଖୀ ପାଇଁ ପାଗ ପୁରା ଅନୁକୂଳ ରହିଛି । ୧୪ରୁ ଉତ୍ତର ଓଡିଶା ଓ ୧୫ରୁ ସମଗ୍ର ଓଡ଼ିଶାରେ ଉତ୍ତର-ପଶ୍ଚିମ ପବନର ସମ୍ଭାବନା ସହିତ ତାତି ଫେରିବ ।

ଆକଳନ କରାଯାଉଛି ଯେ ଆସନ୍ତା ୧୪ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଆକାଶ ମେଘୁଆ ସହିତ କାଳବୈଶାଖୀ ବର୍ଷା ଏବଂ ବଜ୍ରପାତ ହେବାର ସମ୍ଭାବନା ରହିଛି । ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ସମ୍ଭାବନା ଅଧିକ । ୧୧ ଓ ୧୪ ତାରିଖ ରାଜ୍ୟର ଅନେକ ସ୍ଥାନରେ ପାଗ ମେଘୁଆ ସହିତ କାଳବୈଶାଖୀ ହୋଇପାରେ ।

ଭୁବନେଶ୍ୱର ଓ ଚାନ୍ଦବାଲି ଗରମ ରହିଲେ ମଧ୍ୟ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରା ୩୮ଡିଗ୍ରୀ ବା ୩୯ଡିଗ୍ରୀ ତଳେ ରହିବ । ୧୪ରେ ଏହା ସାମାନ୍ୟ ବଢିପାରେ । ୧୬ରୁ ୧୮ ତାରିଖ ମଧ୍ୟରେ ୪୨ଡିଗ୍ରୀ ଅତିକ୍ରମ କରିବା ସହିତ ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ହୋଇପାରେ । ଏହି ସମୟରେ ଗୁଳୁଗୁଳି ବଢିବ ଏବଂ ଏହା ପରବର୍ତ୍ତୀ ୫ଦିନ ପର୍ଯ୍ୟନ୍ତ ଗରମ ରହିପାରେ । ଦକ୍ଷିଣ ଆଭ୍ୟନ୍ତରରେ ତାପମାତ୍ରା ୪୦ଡିଗ୍ରୀ ତଳେ ରହିବ । ୧୫ପରେ ଉତ୍ତର ଆଭ୍ୟନ୍ତରରେ ତାପମାତ୍ରା କ୍ରମାଗତ ବଢିବ ବୋଲି ପୂର୍ବାନୁମାନ କରିଛନ୍ତି ଶ୍ରୀ ପାଣ୍ଡୁପାଳକ ।

ମହାରାଷ୍ଟ୍ରରେ...

କରାଯିବ । ଭିଓ୍ୱାଣ୍ଡିରୁ ଠାକ୍‌ରେ ସେନାର ନେତା ଚନ୍ଦ୍ରହାର ପାଟିର ପ୍ରାର୍ଥୀ ହେବେ । ସେ ପୂର୍ବତନ କୁସ୍ତି ଯୋଦ୍ଧା । ୨୦୧୪ ଓ ୨୦୧୯ରେ ବିଜେପିର କପିଲ୍ ପାଟିଲ୍ ଏଠାରୁ ନିର୍ବାଚନ ଜିତିଥିଲେ । ସେହିଭଳି ମହାଅଘାଡି ମେଣ୍ଟରେ ପ୍ରକାଶ ଆମ୍ବେଦକରଙ୍କ ଭିଏକୁ ସାମିଲ କରାଯାଇନାହିଁ । ତେବେ ତାଙ୍କ ସହ ଆଲୋଚନା ବୃତାନ୍ତ ହୋଇପାରିଲା ନାହିଁ । ତେବେ ମେଣ୍ଟ ଭିଏର ସମର୍ଥନ ପାଇଁ ଚେଷ୍ଟା କରିବ । ଆମେ ଏକାଠି ଅଛୁ, ଏକାଠି ରହିବା ଲାଗି ଉଦ୍ୟମ କରାଯିବ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପୃଥ୍ୱୀରାଜ ଚୌହାନ କହିଛନ୍ତି ଯେ ଅକୋଲା ଆସନ ପାଇଁ ଘୋଷଣା କରାଯାଇଥିବା ନାମକୁ ପ୍ରତ୍ୟାହାର କରିନିଆଯିବ ।

ଦଶପଲ୍ଲା ତହସିଲ ଅଫିସରେ ଅଜବ ନୀତି

'ଶ' ପାଇଁ ମିଳୁନି ଜାତି ପ୍ରମାଣପତ୍ର : ଛାତ୍ରଛାତ୍ରୀ ହଟହଟା

ଦଶପଲ୍ଲା, (ସବ୍ୟୁ) : ପ୍ରଥମ ରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳ ପ୍ରକାଶ ପାଇଛି । ଛାତ୍ରଛାତ୍ରୀମାନଙ୍କ ନାମ ଲେଖା ଚାଲିଥିବା ବେଳେ ନୂତନ ଛାତ୍ର ଛାତ୍ରୀ ବିଦ୍ୟାଳୟରେ ନାମ ଲେଖାଉଛନ୍ତି । ନାମ ଲେଖାଇବା ପାଇଁ ଜାତିଗତ ପ୍ରମାଣପତ୍ର,ବାର୍ଷିକ ଆୟ ପ୍ରମାଣପତ୍ର, ଓ ବାସସ୍ଥାନ ପ୍ରମାଣପତ୍ର ର ଆବଶ୍ୟକତା ରହିଛି । ଫଳରେ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ମାନେ ଏହି ପ୍ରମାଣପତ୍ର ପାଇଁ ଦଶପଲ୍ଲା ତହସିଲ ଅଫିସ ଓ ଆର ଆଇ ଅଫିସକୁ ଦୌଡୁଥିବା ବେଳେ ଠିକ ସମୟରେ ପ୍ରମାଣ ପତ୍ର ନ ମିଳିବାରୁ ଛାତ୍ର ଛାତ୍ରୀ ମାନେ ନାନା ହଇରାଣ ର ସମ୍ମୁଖୀନ ହେଉଛନ୍ତି । ବିଶେଷ ଭାବେ ''ଶ '' ପାଇଁ ଛାତ୍ର ଛାତ୍ରୀଙ୍କୁ ଜାତିଗତ ପ୍ରମାଣ ପତ୍ର ନ ମିଳିବା ଏବଂ ସରକାରି ସହାୟତାରୁ ବଂଚିତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ଜାତିଗତ ପ୍ରମାଣ ପତ୍ର ନ ମିଳିବାରୁ ଛାତ୍ରଛାତ୍ରୀଙ୍କ ଅଭିଭାକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶପାଇଛି । ସୂଚନା ଯୋଗ୍ୟ ଯେ, ଦଶପଲ୍ଲା ବ୍ଲକ ନୂଆଗାଁ ପଞ୍ଚାୟତ ଧୁନ୍ଧୁଗାଡ଼ିଆ ଗ୍ରାମରେ ବସବାସ କରନ୍ତି ୮ ଶବର ପରିବାର । ଦୀର୍ଘ ବର୍ଷ ଧରି ସେମାନେ ସେଠାରେ ରହି ଆସିବା ସହ ଦଶପଲ୍ଲା ତହସିଲ ଅଫିସ ପକ୍ଷରୁ ସେମାନଙ୍କୁ ଘରପଟା ପ୍ରଦାନ କରାଯାଇଛି । ସେମାନେ ସମସ୍ତେ ସରକାର ଙ୍କ ଅନୁସୂଚିତ ଜନଜାତି ରେ ଅନ୍ତର୍ଭୁକ୍ତ ଥିବା ବେଳେ ସେମାନଙ୍କୁ ମିଳୁନି ଅନୁସୂଚିତ ଜନଜାତିର ପ୍ରମାଣପତ୍ର ।କାରଣ ସେମାନଙ୍କ ପଟାରେ 'ଶବର' ଲେଖାଯାଇଛି । ଅର୍ଥାତ ଏହି 'ଶ' ପାଇଁ ତାଙ୍କୁ ମିଳୁନି ଅନୁସୂଚିତ ଜନଜାତି ପ୍ରମାଣପତ୍ର । ଯଦି ପଟା ରେ 'ସବର' ଏଭଳି ଲେଖା ହୋଇଥାନ୍ତା ତେବେ ଜାତି ପ୍ରମାଣ ପତ୍ର ମିଳିଥାନ୍ତା ବୋଲି ଛାତ୍ର ଛାତ୍ରୀଙ୍କ ଅଭିଭାବକ ଙ୍କୁ ଦଶପଲ୍ଲା ତହସିଲ ଅଫିସ ପକ୍ଷରୁ କୁହାଯାଇଛି । ଧୁନ୍ଧୁ ଗାଡ଼ିଆ ଗ୍ରାମର ପ୍ରତ୍ୟୁସାରାଣୀ ନାୟକ, ପ୍ରିୟଦର୍ଶିନୀ ନାୟକ,ଓ ବୈଶାଳିନୀ ନାୟକ ଛାତ୍ରୀମାନେ ଜାତି ପ୍ରମାଣ ପତ୍ର ପାଇଁ ଦରଖାସ୍ତ କରିଥିଲେ ମଧ୍ୟ ଏହ 'ଶ' ପାଇଁ ମିଳିପାରିନି ପ୍ରମାଣପତ୍ର । ଏହି ଛାତ୍ରୀମାନେ ନୂଆଗାଓଁ ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢୁଥିବା ବେଳେ ଏହି ପ୍ରମାଣପତ୍ର ନ ମିଳିବାରୁ ସେମାନେ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି । ସେମାନଙ୍କ ଶିକ୍ଷାପ୍ରାପ୍ତ ରେ ବାଧା ସୃଷ୍ଟି ହେଉଛି । ମାତ୍ର ଅନ୍ୟ ପାର୍ଶ୍ୱରେ ନୂଆଗାଁ ପୂର୍ବତନ ସରପଞ୍ଚ ରାମ ଭରସା ନାୟକ କହିଛନ୍ତି ସେ ସରପଞ୍ଚ ପାଇଁ ପ୍ରତିଦ୍ୱନ୍ଦିତା କରିଥିବା ବେଳେ ତାଙ୍କୁ ଏହି 'ଶବର' ଲେଖାଥିବା ପଟାରେ ଅନୁସୂଚିତ ଜନଜାତି ପ୍ରମାଣପତ୍ର ଦଶପଲ୍ଲା ତହସିଲ କାର୍ଯ୍ୟାଳୟରୁ ମିଳିଥିଲା। ମାତ୍ର ଏହି ଛାତ୍ରୀମାନଙ୍କୁ ଅନୁସୂଚିତ ଜନଜାତି ପ୍ରମାଣପତ୍ର କାହିଁକି ମିଳିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିପ୍ରତି ନୟାଗଡ଼ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

ଆର୍ଯ୍ୟସମାଜ ପକ୍ଷରୁ ପ୍ରତିଷ୍ଠା ଦିବସ ସମାରୋହ

ଭୁବନେଶ୍ୱର (ସବ୍ୟୁ) : ଚୈତ୍ର ଶୁକ୍ଳ ପ୍ରତିପଦା ଅବସରରେ ଭୁବନେଶ୍ୱର ସହିଦନଗର ସ୍ଥିତ ଆର୍ଯ୍ୟସମାଜ ପକ୍ଷରୁ ସୃଷ୍ଟି ଆରମ୍ଭ ଦିବସ ଓ ଆର୍ଯ୍ୟ ସମାଜ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ବୈଜ୍ଞାନିକ ତଥା ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ ଡ. ଜ୍ଞାନଦେବ ମହାରଣା, ସମ୍ବାଦ ଓ କନକ ଟିଭିର ସଂପାଦିକା ତନୟା ପଟ୍ଟନାୟକ, ବେଦବିଦୂଷୀ ତଥା ଆର୍ଯ୍ୟସମାଜର ସହ ସଂପାଦିକା ଶନ୍ନୋଦେବୀ ତୀରତରଙ୍ଗ ସଂପାଦିକା ବନ୍ଦନା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଆର୍ଯ୍ୟସମାଜର ଆଭିମୁଖ, ଆଦର୍ଶ ସଂପର୍କରେ ବକ୍ତାମାନେ ଆଲୋଚନା କରିବା ସହ ଚୈତ୍ର ଶୁକ୍ଳ ପ୍ରତିପଦାକୁ କାହିଁକି ସୃଷ୍ଟିର ପ୍ରାରମ୍ଭ ଦିବସ ବୋଲି ମନାଯାଏ ସେ ସଂପର୍କରେ ମତ ରଖିଥିଲେ ।

ସମାଜ ସୁଧାର କ୍ଷେତ୍ରରେ ଆର୍ଯ୍ୟସମାଜ କ୍ରାନ୍ତିକାରୀ କାର୍ଯ୍ୟ କରିଆସୁଛି । ରାଜନୈତିକ ପରାଧିନତା, ଧାର୍ମିକ ଅନ୍ଧବିଶ୍ୱାସ ଏବଂ ସମସ୍ତ ପ୍ରକାର ସାମାଜିକ ପ୍ରତିବନ୍ଧକ ବିରୋଧରେ ଆର୍ଯ୍ୟସମାଜ ବହୁତ ଶକ୍ତ ଭାବରେ କାର୍ଯ୍ୟ କରିଆସୁଛି। ଅସତ୍ୟକୁ ଛାଡ଼ିବା ଓ ଛଡ଼ାଇବାର ସଂକଳ୍ପ ନେଇ ଆଜି ମଧ୍ୟ ଆର୍ଯ୍ୟସମାଜ ଧାର୍ମିକ ଅନ୍ଧବିଶ୍ୱାସ ଓ ସାମାଜିକ କୁପ୍ରଥା ବିରୋଧରେ ନିଜର ସ୍ୱର ଉଠାଇ ଆଗକୁ ବଢ଼ି ଚାଲିଛି। ଆର୍ଯ୍ୟସମାଜ ନିଜର ଯେଉଁ ମୂଳ ମାନ୍ୟତା ଓ ବ୍ୟବହାରିକ ଶିକ୍ଷାକୁ ନେଇ ସମାଜ ସଂସ୍କାର କାର୍ଯ୍ୟ କରୁଛି । ଉତ୍ସବର ସଭାପତି ଇଂ ପ୍ରିୟବ୍ରତ ଦାସ ଆର୍ଯ୍ୟସମାଜ ପ୍ରତିଷ୍ଠା ପଛରେ ଥିବା ଇତିହାସ ଓ ଏହାର ଆବଶ୍ୟକତା ସଂପର୍କରେ ବକ୍ତବ୍ୟ ଦେଇଥିଲେ ।

ଏହି ଅବସରରେ ଡ. ମହାରଣା ଓ ତନୟା ପଟ୍ଟନାୟକଙ୍କୁ ସଭାପତି ଦାସ ଓ ଶନ୍ନୋ ଦେବୀ ସମ୍ବର୍ଦ୍ଧିତ କରିଥିଲେ। ଆର୍ଯ୍ୟସମାଜର ସଂପାଦକ ବୀରେନ୍ଦ୍ର କରଙ୍କ ଲିଖିତ ପୁସ୍ତକ ଯଜ୍ଞପ୍ରକାଶଙ୍କ ଅନୁଦିତ ପୁସ୍ତକ 'ଶୁକ୍ରନୀତି' ଓ ଋିକ ଅଗ୍ନିହୋତ୍ରୀ ଓ ଅନୀତା ଆର୍ଯ୍ୟଙ୍କ ସଂପାଦନାରେ ପ୍ରକାଶିତ ପୁସ୍ତକ 'ବୈଦିକ ବିବାହ ଦିବସ ପଦ୍ଧତି'କୁ ଅତିଥିମାନେ ପାଠକାର୍ପଣ କରିଥିଲେ। ସ୍ୱାଗତ ଭାଷଣ, ଅତିଥି ପରିଚୟ ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ। ପ୍ରାରମ୍ଭରେ ବେଦପାଠ କରିଥିଲେ ବରିଷ୍ଠ ସଦସ୍ୟା ସୁପ୍ରିୟା ରଥ ଓ ଲିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ହ୍ୱାଟ୍‌ସଆପ୍‌ରେ ଶିଳ୍ପ ପ୍ରଥମ ପେମେଣ୍ଟ ସମାଧାନର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଭାରତର ଅଗ୍ରଣୀ ଜୀବନ ବୀମା କମ୍ପାନି ଟାଟା ଏଆଇଏ ପକ୍ଷରୁ ହ୍ୱାଟସ୍‌ଆପ୍‌ରେ ପ୍ରିମିୟମ୍ ପେମେଂଟ୍ ସେବାର ଶୁଭାରମ୍ଭ କରାଯାଇଛି। ବୀମା କ୍ଷେତ୍ରର ପ୍ରଥମ କମ୍ପାନି ଭାବେ ଟାଟା ଏଆଇଏ ଏହି ସେବାର ଶୁଭାରମ୍ଭକରିଛି।ପୂର୍ବରୁ କେବଳ ୟୁପିଆଇରେ ସୀମିତ ଥିବା ବେଳେ ଏବେ ଟାଟା ଏଆଇର ଗ୍ରାହକମାନେ ହ୍ୱାଟସ୍‌ଆପ୍‌ରେ ବିଭିନ୍ନପେମେଂଟ୍ ମାଧ୍ୟମ ବ୍ୟବହାର କରିପାରିବେ। ଗ୍ରାହକମାନେ ହ୍ୱାଟସ୍‌ଆପ୍‌କୁ ବ୍ୟବହାର କରି କ୍ରେଡିଟ୍ କାର୍ଡ, ଡେବିଟ୍ କାର୍ଡଓ ନେଟ୍ ବ୍ୟାଙ୍କିଙ୍ଗ ଜରିଆରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପେମେଂଟ୍ କରିପାରିବେ। ପୂର୍ବରୁ ଏହି ସୀମା ୨ ଲକ୍ଷ ଟଙ୍କାଥିଲା।୨୦୨୩ ଜୁନ୍‌ରେ ଟାଟା ଏଆଇଏ ପକ୍ଷରୁ ହ୍ୱାଟସ୍‌ଆପ୍ ଓ ୟୁପିଆଇ ପେମେଂଟ୍ ବିକଳ୍ପ ଜରିଆରେ ଶିଳ୍ପର ପ୍ରଥମ ଡିଜିଟାଲ୍‌ପେମେଂଟ୍ ସୁବିଧାର ଶୁଭାରମ୍ଭ କରାଯାଇଥିଲା। ଟାଟା ଏଆଇଏ ପକ୍ଷରୁ ହ୍ୱାଟସ୍‌ଆପ୍‌ରେ ୨୭ ପ୍ରକାର ସେବା ପ୍ରଦାନକରାଯାଉଛି।

AFFIDAVIT

I, Sarata Kumar Sahoo, S/o- Late Bulu Sahoo resident of Khannagar, P.O- Arunodaya Market, P.S- Badambadi, Dist- Cuttack, Pin- 753012 Odisha declare by this affidavit No. 1410 dt. 05.04.2024 that now onwards I shall be known as SARAT KUMAR SAHOO for all future purposes.

AFFIDAVIT

I Mamata Rani Mohapatra aged about 48 yrs, DOB 09.10.1977, W/o- Sarat Mohapatra and D/o- Duryodhan Dwibedy of vill- Bamadeipur, Po-Barabati, P.S- Dharmasala, Dist- Jajpur, State- Odisha hereby state as follows before marriage my actual name was Jhili Dwibedy At/Po. Ekatali, P.S. : Bhuban, Dist- Dhenkanal DOB 06.04.1979 as per 10th Certificate and after marriage my name was Mamata Rani Mohapatra, I am the one and same person and no other person resides with such name in above locality.

OFFICE OF THE SUPERINTENDING ENGINEER, MINOR IRRIGATION DIVISION, DHENKANAL

A-5

No. 1546/Dt. 04.04.24

1st Corrigendum to Tender Call Notice

No.16 of 2023 24 e-mail ID: eemidkl@yahoo.co.in

It is to notify that the Tender Call Notice No. 16 of 2023-24 of M.I.Division, Dhenkanal through on-line has been Postponed

ବିଷ୍ଣୁପଦ ସେଠୀଙ୍କ 'ରଜନୀ କା ସଙ୍ଗୀତ ଔର୍ ଅନ୍ୟ କବିତାଏଁ' ଲୋକାର୍ପିତ

ଭୁବନେଶ୍ୱର (ସବ୍ୟୁ): ବିଭିନ୍ନ ଭାରତୀୟ ଭାଷାରେ ଓଡ଼ିଆ ସାହିତ୍ୟର ଅନୁବାଦ ହେବା ଆବଶ୍ୟକ । ଏହା ଫଳରେ ବୃହତ୍ତର ପାଠକଗୋଷ୍ଠୀ ନିକଟରେ ଓଡ଼ିଆ ସାହିତ୍ୟ ପହଞ୍ଚିପାରିବ । ଓଡ଼ିଆ ସାହିତ୍ୟର ବିଭିନ୍ନ ବିଭାଗ ଭାରତୀୟ ସାହିତ୍ୟର ସମତୁଲ ବୋଲି ଅତିଥିମାନେ ମତ ପ୍ରଦାନ କରିଛନ୍ତି । ବରିଷ୍ଠ ପ୍ରଶାସକ ଓ କବି ବିଷ୍ଣୁପଦ ସେଠୀଙ୍କ ହିନ୍ଦୀ କବିତା ପୁସ୍ତକ 'ରଜନୀ କା ସଙ୍ଗୀତ ଔର୍ ଅନ୍ୟ କବିତାଏଁ'ର ଲୋକାର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ ଏହି ମର୍ମରେ ଉଲ୍ଲେଖ କରି କବି ଶ୍ରୀ ସେଠୀଙ୍କ ସାରସ୍ୱତ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି । କିସ୍ ମାନିତ ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ ରାୟପୁରସ୍ଥିତ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ଶୁକ୍ଳା, କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, 'ବିଶ୍ୱମୁକ୍ତି' ପତ୍ରିକାର ସମ୍ପାଦକ ଶଶାଙ୍କ ଚୂଡ଼ାମଣି ଓ ବିଶିଷ୍ଟ ଅନୁବାଦକ ଡ. ଅଜିତ ପ୍ରସାଦ ମହାପାତ୍ର ଯୋଗଦେଇ ବକ୍ତବ୍ୟ ରଖିଥିଲେ । କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । କବି ଶ୍ରୀ ସେଠୀ ପୁସ୍ତକରୁ କେତେକ କବିତା ପାଠ କରିଥିଲେ । ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ ରାଉତରାୟ ଓ ପ୍ରକାଶିକା ଶ୍ରୀମତୀ ସବିତା ଦାସ ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବହୁ ଛାତ୍ରଛାତ୍ରୀ, ଲେଖକ-ଲେଖିକା, ବୁଦ୍ଧିଜୀବୀ ସମବେତ ହୋଇଥିଲେ ।

ଆରଏସ୍‌ଏସ୍ ତରଫରୁ ରାଷ୍ଟ୍ରୀୟ ନବବର୍ଷ ପାଳନ

୫ଟି ସ୍ଥାନରେ ହେଲା ପଥ ସଞ୍ଚାଳନ

ଭୁବନେଶ୍ୱର (ସବ୍ୟୁ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ, ଭୁବନେଶ୍ୱର ମହାନଗର ତରଫରୁ ମଙ୍ଗଳବାର ଦିନ ରାଷ୍ଟ୍ରୀୟ ନବବର୍ଷ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ସଂଘ ତରଫରୁ ମହାନଗରର ୫ଟି ସ୍ଥାନ ଚନ୍ଦକା ବଜାରର ଚନ୍ଦକା କ୍ଲବ ପଡିଆ, ପ୍ରାଚୀ ବିହାରର ବୁଢାବୁଢୀ ପଡିଆ, ସହୀଦ୍ ନଗର ଦୁର୍ଗାପୂଜା ପଡିଆ, ଭୁସୁଡୁମାର ଓଡିଶା ପବ୍ଲିକ ସ୍କୁଲ ପରିସର, ସୁନ୍ଦରପଦାରର ଏମ ଏମ ମାର୍ଟ ସାମ୍ନା ପଡିଆରେ ବର୍ଷପ୍ରତିପଦା ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ପାଂଚଟି ସ୍ଥାନରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ସ୍ୱୟଂସେବକମାନଙ୍କର ବିଶାଳ ପଥ ସଂଚଳନ ବାହାରି ଭୁବନେଶ୍ୱର ମହାନଗରର ବିଭିନ୍ନ ଅଂଚଳ ପରିକ୍ରମା କରିଥିଲା । ପୂର୍ଣ୍ଣଗଣବେଶରେ ବୀରବାଦ୍ୟ ବଜାଇ ସ୍ୱୟଂସେବକମାନେ ପଥ ସଂଚଳନରେ ଗଲାବେଳେ ପଥ ମଧ୍ୟରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଉତ୍ସବ ସ୍ଥାନରେ ସ୍ୱୟସେବକମାନଙ୍କ ଦ୍ୱାରା ସୂର୍ଯ୍ୟନମସ୍କାର, ଯୋଗ, ବ୍ୟାୟାମ ଏବଂ ବିଭିନ୍ନ ପ୍ରକାର କଳା କୌଶଳ ପ୍ରଦର୍ଶନ ଶ୍ରୀରାମ ଭାଗ ତରଫରୁ ସହୀଦ୍ ନଗର ଦୁର୍ଗାପୂଜା ପଡିଆରେ ଅନୁଷ୍ଠିତ ବର୍ଷ ପ୍ରତିପଦା ଉତ୍ସବରେ ସଂଘର ଖୋର୍ଦ୍ଧା ଜିଲ୍ଲା ଓ ଭୁବନେଶ୍ୱର ମହାନଗର ପ୍ରଚାରକ ରାଜେଶ୍ୱର ରାଉତ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ପାଶ୍ଚତ୍ୟ ନବବର୍ଷ ଓ ଭାରତୀୟ ନବବର୍ଷ ଉପରେ ଆଲୋକପାତ କରିଥିଲେ । ସହୀଦ ନଗର ଦୁର୍ଗାପୂଜା ପଡିଆରୁ ବାହାରିଥିବା ପଥ ସଂଚଳନ ସହିଦ ଷ୍ଟୋର୍ଟିଂ, ସହିଦ ମାର୍କେଟ, ହାଇସ୍କୁଲ, ଇମ୍ପାପାର୍କ, ବିଷ୍ଣୁ ମନ୍ଦିର, ପାଣିଟାଂକି, ସହିଦ ନଗର ହାଟ ହୋଇ ଉତ୍ସବ ସ୍ଥାନରେ ପହଁଚି ଥିଲା । ସେହିପରି ଚନ୍ଦ୍ରଶେଖରପୁର ଭାଗରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଂଧ୍ୟାସମୟରେ ଭୁବନେଶ୍ୱର ମହାନଗରରର ୧୫ଟି ସ୍ଥାନରେ ପ୍ରବଚନ, ଭଜନସଂଧ୍ୟା, ସାମୂହିକ ପ୍ରସାଦ ସେବନ ଆଦି କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା ।

ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ତାଲିମ ଶିବିର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଖାଦ୍ୟ ନିରାପତ୍ତା ଆୟୋଗ, ଭୁବନେଶ୍ୱର ଓ ଭାରତ ସରକାରଙ୍କ ଏଫ୍.ଏସ୍.ଏସ୍.ଏ.ଆଇ ଅଧୀନ ଫୋଷ୍ଟାକ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ 'ଉତ୍ସର୍ଗ'ର ମିଳିତ ଆନୁକୂଲ୍ୟରେ ଟାଙ୍ଗିସ୍ଥିତ ଡ୍ରିମ୍‌ସ ଯାନ୍ତ୍ରୀକ ବିଶ୍ୱବିଦ୍ୟାଳୟ ଅଡିଟୋରିୟମର ଡ୍ରିମ୍‌ସ ପରିସରରେ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ନିଯୁକ୍ତ ୫୦ ଜଣ ଅନ୍ତେବାସୀ ଓ ସାଇ ଇଣ୍ଟରନେସ୍‌ନାଲ ରେସିଡେନ୍ସିଆଲ ସ୍କୁଲର ସମ୍ମିଳନୀକକ୍ଷରେ ନିଯୁକ୍ତ ୫୦ଜଣ ଖାଦ୍ୟ ପ୍ରସ୍ତୁତକାରୀଙ୍କୁ ନେଇ ଖାଦ୍ୟ ନିରାପତ୍ତାମାନଙ୍କ ଓ ସ୍ୱଚ୍ଛତା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ୨ଟି ତାଲିମ ଶିବିରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ତରଫରୁ କାର୍ଯ୍ୟକ୍ରମ ରୂପାୟନ ଅଧିକାରୀ ସୁନୟ ମିଶ୍ର ଓ ସାଇ ଇଣ୍ଟରନେସ୍‌ନାଲ ତରଫରୁ ପ୍ରଧାନ ଶିକ୍ଷକ ଅମିତାଭ ଅଗ୍ନିହୋତ୍ରୀ, କାଫେଟେରିଆ ଇନ୍‌ଚାର୍ଜ ବିନୟ ରାୟ, ଉତ୍ସର୍ଗର ସଭାପତ୍ରି ପ୍ରୀୟରଞ୍ଜନ ପଟ୍ଟନାୟକ ଓ ଖାଦ୍ୟ ନିରାପତ୍ତା ଅଧିକାରୀ ଅଭିନନ୍ଦିତା ପରିଜା ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ । ଫୋଷ୍ଟାକର ସ୍ୱୀକୃତିପ୍ରାପ୍ତ ପ୍ରଶିକ୍ଷକ ରଞ୍ଜନ କୁମାର ମଲ୍ଲିକ ଯୋଗଦେଇ ଉପସ୍ଥିତ ଥିବା ତଥା ତାଲିମ ନେଉଥିବା ଖାଦ୍ୟ ପ୍ରସ୍ତୁତକାରୀ ଓ ନିୟୋଜିତ କର୍ମଚାରୀଙ୍କୁ ଖାଦ୍ୟ ପ୍ରସ୍ତୁତ ଓ ପରଷିବା ସମୟରେ ଗ୍ଲୋଭସ ପିନ୍ଧିବା, ଟୋପି ପିନ୍ଧିବା, ପରିଷ୍କାର କପଡ଼ା ବ୍ୟବହାର କରିବା, ଗରମ ପାଣିରେ ବାସନ କୁସନ ଧୋଇବା, ଉତ୍ତମ ପାଣିର ବ୍ୟବହାର କରିବା, ପରିବେଶ ସଫାସୁତରା ରଖିବା, ଗ୍ରାହକମାନଙ୍କ ସହ ଉତ୍ତମ ବ୍ୟବହାର ଦେଖାଇବା ଓ ଅନ୍ୟାନ୍ୟ ସ୍ୱଚ୍ଛତା ନିୟମ ବିଷୟରେ ସଚେତନ କରାଇଥିଲେ । ଏହି ଶିବିରକୁ ଉତ୍ସର୍ଗର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମୁଦୁଲି ପରିଚାଳନା କରିଥିଲେ ।

ରନିଙ୍ଗ ଷ୍ଟାଫ ପରିବାର ପରାମର୍ଶ କାର୍ଯ୍ୟକ୍ରମ ଆୟୋଜିତ

ଜଟଣୀ(ସ.ବ୍ୟୁ) : ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧାରୋଡ଼ ଦ୍ୱାରା ଅଫିସର କ୍ଲବରେ ଲୋକୋ ପାଇଲଟ ଏବଂ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ପରିବାର ପାଇଁ ପରାମର୍ଶ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶ୍ରୀମତୀ ଗୁରୁ ସିମ୍ରନ୍ କୌର ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ । ଏହି କାଉନସେଲିଂ କାର୍ଯ୍ୟକ୍ରମ, ଲୋକୋ ପାଇଲଟ ଏବଂ ଆସିଷ୍ଟାଣ୍ଟ ଲୋକୋ ପାଇଲଟଙ୍କ ପରିବାର, କିପରି ନିଜ ପତିଙ୍କୁ ଘରେ ଠିକ୍ ବିଶ୍ରାମ ନିଶ୍ଚିତ କରାଇପାରିବେ, ଯାହାଦ୍ୱାରା ସେମାନେ ପରବର୍ତୀ ଟ୍ରେନ୍ ଯାତ୍ରା ପାଇଁ ନିଜକୁ ପ୍ରସ୍ତୁତ ରଖିପାରିବେ ଏବଂ ବିପଦ ସଂକେତରେ ପାସ୍ ହେବା (ସିଗ୍ନାଲ ପାସ୍ ଆଟ୍ ଡେଞ୍ଜର୍) ଭଳି ପରିସ୍ଥିତିକୁ ଏଡାଯାଇପାରିବ । ଏହି ଅବସରରେ ଶ୍ରୀମତୀ ଗୁରୁ ସିମ୍ରନ୍ କହିଛନ୍ତି ଯେ, ଟ୍ରେନ୍‌ଗୁଡିକର ସୁରକ୍ଷିତ କାର୍ଯ୍ୟ ପାଇଁ ରନିଙ୍ଗ ଷ୍ଟାଫଙ୍କ ପରିବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେ ରନିଙ୍ଗ ଷ୍ଟାଫଙ୍କ ପତ୍ନୀମାନଙ୍କୁ ଠାରୁ ଏ ବାବଦରେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ କଥାବାର୍ତା କରିଥିଲେ ଏବଂ ସେମାନଙ୍କୁ ନିୟମ ଅନୁଯାୟୀ ପୂରଣ କରିବାକୁ ସୁନିଶ୍ଚିତ କରିଥିଲେ । ୫୦ରୁ ଅଧିକ ରନିଂ କର୍ମଚାରୀଙ୍କ ପରିବାର ଏହି ପରାମର୍ଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମ ଇଲେକ୍ଟ୍ରିକାଲ୍ (ଅପରେସନ୍) ବିଭାଗ ସାହାଯ୍ୟ ରେ ଆୟୋଜନ କରାଯାଇଥିଲା ।

ଆଂଚଳିକ ସାଧନ କେନ୍ଦ୍ରସ୍ତରୀୟ କାର୍ଯ୍ୟକ୍ରମ

ଆମ ସଂସ୍କୃତି ଆମ ଖେଳଣା କର୍ମଶାଳା

ଖୋର୍ଦ୍ଧା (ସବ୍ୟୁ): ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନରଣଗଡ଼ ପଂଚାୟତରେ ଅବସ୍ଥିତ ନରଣଗଡ଼ କ୍ଲଷ୍ଟରରେ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଦୁଇ ଦିନିଆ ଖେଳଣା ପ୍ରସ୍ତୁତି କର୍ମଶାଳା ଆମ ସଂସ୍କୃତି ଆମ ଖେଳଣା - ୨୦୨୪ କାର୍ଯ୍ୟକ୍ରମ ସରକାରୀ ଉ.ପ୍ରା ବିଦ୍ୟାଳୟ, ଜଗନ୍ନାଥପୁର, ହାଡ଼ପଦାର ପ୍ରଧାନ ଶିକ୍ଷକ ରବୀନ୍ଦ୍ର ନାଥ ଦାସଙ୍କ ସଭାପତିତ୍ୱରେ ଓ ଆଂଚଳିକ ସାଧନ କେନ୍ଦ୍ର ସଂଯୋଜିକା ରେବତୀ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନରଣଗଡ଼ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ସଭା ଉଦ୍ଘାଟନ କରିଥିଲେ । ଅତିଥି ସମୂହ ନିଜ ନିଜ ବକ୍ତବ୍ୟରେ ତାଲିମ ଶିବିରର ତାତ୍ପର୍ଯ୍ୟ ଓ ମହତ୍ୱ ଉପରେ ସୂଚନା ଦେବା ସହିତ ଏହାଦ୍ୱାରା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଦକ୍ଷତା ବିକାଶ କରିବାରେ ସହାୟକ ହେବ ବୋଲି ମତ ପୋଷଣ କରିବାରେ ସହାୟକ ହେବ ବୋଲି ମତ ପୋଷଣ କରିଥିଲେ । ହଜି ଯାଇଥିବା କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରାକୁ ପୁନଃଉତ୍‌ଥାନ କରିବା ସହିତ ଏହାକୁ କୁନି କୁନି ଛାତ୍ରଛାତ୍ରୀମାନଙ୍କ ନକଟରେ ପହଁଚାଇବା ଏକ ପ୍ରୟାସ । ଆହୁରି ମଧ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ କହି ଉଚ୍ଚ ପ୍ରଶଂସା କରିଥିଲେ ।

ପିଛା ଛାଡୁନାହାନ୍ତି ଆପାର୍ଟମେଣ୍ଟ ଲୁଟେରା

ପୁଣି ସାଟେଲାଇଟ୍ ସିଟିର ୩ ଫ୍ଲାଟ୍‌ରୁ ଲୁଟ୍

ଭୁବନେଶ୍ୱର, (ସବ୍ୟୁ): କମିଶନ୍‌ରେଟ୍ ପୋଲିସ୍ ପିଛା ଛାଡୁନାହାନ୍ତି ଆପାର୍ଟମେଣ୍ଟ ଲୁଟେରା। ରାଜଧାନୀ ଉପକଣ୍ଠ ପାହାଳ ନିକଟ ସାଟେଲାଇଟ୍ ସିଟି ଆପାର୍ଟମେଣ୍ଟର ୩ଟି ଫ୍ଲାଟ୍‌ରୁ ସୋମବାର ବିଳମ୍ବିତ ରାତିରେ ଲୁଟେରାମାନେ ସବୁ ଲୁଟି ନେଇଛନ୍ତି।

ଆପାର୍ଟମେଣ୍ଟର ୩ଟି ଫ୍ଲାଟ୍‌ରେ ତାଲା ପଡ଼ିଥିବାରୁ ଲୁଟେରାମାନେ ବିଳମ୍ବିତ ରାତ୍ରି ପ୍ରାୟ ୩ଟା ସମୟରେ ତାଲା କାଟି ସୁନା, ରୁପା ଅଳଙ୍କାର ଓ ଟଙ୍କା ପ୍ରଭୃତି ଲୁଟି ନେଇଛନ୍ତି। ଲୁଟେରାଙ୍କ ଲୁଟ୍ ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ସେମାନେ ଖାଲିଦେହରେ ଆସିବା ସହ ପାଦରେ ଚପଲ ନଥିବା ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି। ସାଟେଲାଇଟ୍ ସିଟି ଆପାର୍ଟମେଣ୍ଟରେ ଜଣେ ମାତ୍ର ସୁରକ୍ଷାକର୍ମୀ ଥିବାବେଳେ ସେ ରାତି ୩ଟାବେଳେ ନିଘୋଡ଼ ନିଦରେ ଶୋଇଥିଲା। ଲୁଟେରା ଗ୍ୟାଙ୍ଗ୍ ତାଲା କାଟିବା ସହ ଘର ଭିତରେ ଥିବା ଆଲମାରୀ ଓ ସୁଟ୍‌କେସ୍ ଭାଙ୍ଗି ସବୁ ଲୁଟି ନେଇଛନ୍ତି। ଖବର ପାଇ ପୋଲିସ୍ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରକୁ ନେଇ ତଦନ୍ତ ଆରମ୍ଭ କରିଛି। ଗତ ୫/୬ ମାସ ମଧ୍ୟରେ ରାଜଧାନୀର ପ୍ରାୟ ୧୦ଟି ଆପାର୍ଟମେଣ୍ଟରୁ ଲୁଟେରାମାନେ ଲୁଟ୍‌ପାଟ୍ କରି କୋଟି କୋଟି ଟଙ୍କାର ସମ୍ପତ୍ତି ଲୁଟିନେଲେଣି। ଇତିମଧ୍ୟରେ ପୋଲିସ୍ କୋଟିପତି ଲୁଟେରାଙ୍କ ସମେତ ଅନ୍ୟଏକ ଆପାର୍ଟମେଣ୍ଟ ଲୁଟେରା ଗ୍ୟାଙ୍ଗ୍‌କୁ ଧରିଥିଲେ ମଧ୍ୟ ଲୁଟ୍ ଥମିବାର ନାଁ ନେଉନାହିଁ।

ଆପାର୍ଟମେଣ୍ଟରେ ରହୁଥିବା ଲୁଟେରାମାନେ ଧନଜୀବନକୁ ସୁରକ୍ଷିତ ମଣୁନାହାନ୍ତି। ଯେତୋଟି ଆପାର୍ଟମେଣ୍ଟରୁ ଲୁଟ୍ ହୋଇଛି ସେ ସବୁର ଆପାର୍ଟମେଣ୍ଟର ଫ୍ଲାଟ୍ ଗୁଡ଼ିକରେ ତାଲା ପଡ଼ିଥିବା ଲୁଟେରାମାନେ ଯାଞ୍ଚ କରି ଜାଣିବା ପରେ ଅପରେସନ୍ କରିଥାନ୍ତି। କେତେକ ଲୁଟେରା ଭୁବନେଶ୍ୱରର ବିଭିନ୍ନ ଅଞ୍ଚଳରୁ ଲୁଟ୍ କରି କୋଟି କୋଟି ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ନିଜ ନାଁରେ କରିବା ସହ ବାହାର ରାଜ୍ୟରେ ରହି ଲୁଟ୍ ଟଙ୍କାରେ ଅୟସ କରୁଥିବା ପୋଲିସ୍‌କୁ ପ୍ରମାଣ ମିଳିଛି।

ଅପପ୍ରୟୋଗ ରୋକିବା ପାଇଁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କଲା ବିଜେପି

ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନନେଲେ ସିଇଓ ଅଫିସ ଆଗରେ ଧାରଣା

ଭୁବନେଶ୍ୱର (ସବ୍ୟୁ): ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅଙ୍ଗନୱାଡି ମା'ମାନଙ୍କୁ ଢାଲ କରି ୨୦୨୪ ସାଧାରଣ ନିର୍ବାଚନ ବୈତରଣୀ ପାରହେବା ଲାଗି ବିଜୁ ଜନତା ଦଳ ହୀନ ଚକ୍ରାନ୍ତ କରୁଛି । ମା'ମାନଙ୍କୁ ସମ୍ମାନ ଦେବା ପରିବର୍ତେ ତାଙ୍କୁ ନିର୍ବାଚନ ପ୍ରଚାରରେ ବିନିଯୋଗ କରି ଭୋଟରଙ୍କୁ ଟଙ୍କା ବାଂଟିବା କାର୍ଯ୍ୟରେ ବ୍ୟବହାର କରୁଛି ବିଜେଡି। ଆଜି ବି ରାଜ୍ୟରେ ମହିଳାମାନେ ଅସୁରକ୍ଷିତ। ଏପରିକି ରାଜ୍ୟରେ ଅଧିକାଂଶ ମହିଳା ଦୁଷ୍କର୍ମ, ନାରୀ ନିର୍ଯ୍ୟାତନା, ଶିଶୁ ଅପହରଣ ପ୍ରଭୃତି ଘଟଣାରେ ଖୋଦ୍ ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାମାନେ ସଂପୃକ୍ତ ଥିବାର ପ୍ରମାଣ ପରେ ବି ମୁଖ୍ୟମନ୍ତ୍ରୀ କୌଣସି ପଦକ୍ଷେପ ନନେଇ ନୀରବ ରହିଛନ୍ତି ଓ ପରବର୍ତୀ କାଳରେ ଟିକେଟ୍ ମଧ୍ୟ ପ୍ରଦାନ କରୁଛନ୍ତି । ନିର୍ବାଚନ ଜିତିବା ଲାଗି ପ୍ରଶାସନିକ ଅଧିକାରୀ ଓ ମିଶନଶକ୍ତିର ସିଆର୍‌ପି, ଏମ୍‌ବିକେମାନଙ୍କୁ ନିର୍ବାଚନ ପ୍ରଚାରରେ ଲଗାଇ ଆଦର୍ଶ ଆଚରଣ ବିଧିର ଖୋଲା ଖୋଲି ଉଲଘଂନ କରୁଛି ବିଜେଡି। ପୂର୍ବରୁ ଆଚରଣ ବିଧି ଉଲଘଂନ ସମ୍ପର୍କରେ ତଥ୍ୟ ପ୍ରମାଣ ସହ ବାରମ୍ବାର ବିଜେପି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରି ଆସୁଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ସିଇଓ । ଆଶାକର୍ମୀ ଓ ଆଶାକର୍ମୀ ମହାସଂଘର ସମ୍ପାଦକ ବବିତା ରାଉତ, କେତେକ ଅଙ୍ଗନୱାଡି କର୍ମୀମାନେ ଗାମ ଜିଲ୍ଲାରେ ବିଜେଡି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି ଯାହାର ଫଟୋ ଓ ଭିଡିଓ ଆଜି ତଥ୍ୟ ପ୍ରମାଣ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରିଙ୍କୁ ଦେଇଛୁ । ସେହିପରି ଚାନ୍ଦବାଲିର ଜଣେ ବିଏଲଏଫର ସଭାପତି ସିଧାସଳଖ ଭାବେ ଶଙ୍ଖ ଚିହ୍ନ ଧରି ପ୍ରଚାର କରୁଥିବାର ଫଟୋ ନେଇ ସୋମବାର ରାଜ୍ୟ ଉପସଭାପତି ଗୋଲକ ମହାପାତ୍ରଙ୍କ ନେତୃତ୍ୱରେ ବିଜେପିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରିଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି ।

ବିଏଲଏଫର ସଭାପତି ଶାନ୍ତିଲତା ସେଠୀଙ୍କୁ ମଧ୍ୟ ବିଜୁ ମହିଳା ଜନତା ଦଳ ଚାନ୍ଦବାଲି ବ୍ଲକର ସଭାପତି ରୂପେ ମନୋନିତ କରିଛି, ଯାହାକି ବିଏଲଏଫ ଗାଇଡ ଲାଇନର ବିରୁଦ୍ଧାଚରଣ କରୁଛି। ପୂର୍ବରୁ ଏସ୍‌ଏଚଜି ମହିଳା ଓ ସରକାରୀ ଚାକିରୀ କରିଥିବା ବ୍ୟକ୍ତି ଶାସକ ଦଳର ପ୍ରଚାର କରୁଥିବାର ଅଭିଯୋଗ ନେଇ ବିଜେପି ସିଇଓଙ୍କୁ ଅବଗତ କରିଥିଲା । ସବୁଠୁ ବଡ କଥା ହେଉଛି ନିର୍ବାଚନ ଆଚରଣ ବିଧି ଲାଗୁହେବା ପରେ ବିଜେଡି ଆଦିବାସୀ ବିକାଶ ବିଭାଗକୁ ୫୨୮କୋଟି ଟଙ୍କା ଗୋଟିଏ ଏନଜିଓକୁ ମଞ୍ଜୁର କରିଛନ୍ତି, ଯାହା ଆଇନ ବିରୋଧୀ ଏହି ଏନଜିଓକୁ ନିର୍ବାଚନ ଆଚରଣ ବିଧି ଲାଗୁ ସମୟରେ କିଭଳିଭାବେ ଏତେ ଗୁଡିଏ ଟଙ୍କା ମୁର କରାଗଲା ତାହା ଆଶ୍ଚର୍ଯ୍ୟର ବିଷୟ । ଏହି ଟଙ୍କାକୁ ନେଇ ଏନଜିଓ ସଂସ୍ଥା ପରବର୍ତୀ ସମୟରେ ଶାସକ ବିଜୁ ଜନତା ଦଳ ପାଇଁ ନିର୍ବାଚନ ଜିତିବାରେ ସାହାର୍ଯ୍ୟ କରିବ । ତେଣୁ ଏହି ଏନଜିଓ ସଂସ୍ଥାକୁ ମୁର ହୋଇଥିବା ଟଙ୍କା ଉପରେ ରୋକ ଲଗାଇ ମୁର କରିଥିବା ଅଫିସରଙ୍କ ବିରୋଧରେ ୧୨୩ ଜନପ୍ରତିନିଧି ଧାରା ୧୯୫୧ଅନୁଯାୟୀ ନିର୍ବାଚନ ଆଚରଣ ବିଧି ଉଲ୍ଲଘଂନରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ମହାପାତ୍ର ଦାବି କରିଛନ୍ତି । ଏହି ପ୍ରତିନିଧିମଣ୍ଡଳୀରେ ବିଧାୟକ ବୁଦ୍ଧାନ ମୁର୍ମୁ, ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ରାଜ୍ୟ ମୁଖପାତ୍ର ଉର୍ମିଳା ମହାପାତ୍ର, ରାଜ୍ୟ ନିର୍ବାଚନ ସେଲ୍ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଇକ୍ୱିଟି ସେୟାର ଓ ୱାରେଣ୍ଟ ଆବଣ୍ଟନକୁ ମଞ୍ଜୁର କରିଛି ଏନ୍‌ଇସିସି ଲିଃ ବୋର୍ଡ

ଭୁବନେଶ୍ୱର (ସବ୍ୟୁ): ନର୍ଥ ଇଷ୍ଟର୍ଣ୍ଣ କ୍ୟାରିଙ୍ଗ୍ କର୍ପୋରେଶନ ଲିମିଟେଡ (ଏନ୍‌ଇସିସି) ପକ୍ଷରୁ ଘୋଷଣା କରାଯାଇଛି ଯେ, ଏହାର ନିର୍ଦ୍ଦେଶକ ବୋର୍ଡ ୩୨.୦୫ ଟଙ୍କାର ଏକ ମୂଲ୍ୟରେ ୧୦ ଟଙ୍କାର ଫେସ୍ ଭାଲ୍ୟୁ ଆଧାରରେ ଅଗ୍ରାଧିକାରୀ ଭିତ୍

କେଜ୍ରିୱାଲଙ୍କୁ ଅଦାଲତି ଝଟ୍‌କା

ଜାମିନ ଆବେଦନ ଖାରଜ, ଯିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଅବକାରୀ ନୀତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦ୍ୱାରା ତାଙ୍କ ଗିରଫଦାରୀ ବିରୋଧରେ ହୋଇଥିବା ଆବେଦନକୁ ଖାରଜ କରିବା ପାଇଁ ହାଇକୋର୍ଟ ଦେଇଥିବା ରାୟ ବିରୋଧରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ । ଉଲ୍ଲେଖଯୋଗ୍ୟ, ଦିଲ୍ଲୀ ହାଇକୋର୍ଟ ମଙ୍ଗଳବାର କେଜ୍ରିୱାଲଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି ।

ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଆଇନଗତ ବ୍ୟବସ୍ଥାର ଉଲ୍ଲଂଘନ ନୁହେଁ ବୋଲି କୋର୍ଟ ମତ ଦେଇଛନ୍ତି । ରିମାଣ୍ଡକୁ ବେଆଇନ ବୋଲି ବିଚାର କରାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ସ୍ୱର୍ଣ୍ଣ କାନ୍ତ ଶର୍ମା ରାୟ ଶୁଣାଇ କହିଛନ୍ତି । ଗିରଫଦାରୀ ବ୍ୟତୀତ ଏବେ ବିଚାର ବିଭାଗୀୟ ହାଜତରେ ଥିବା କେଜ୍ରିୱାଲ ଏହି ମାମଲାରେ ତାଙ୍କୁ ଇଡି ହେପାଜତରେ ରଖିବାକୁ ମଧ୍ୟ ଚ୍ୟାଲେଞ୍ଜ କରିଥିଲେ । ୨୦୨୧-୨୨ ପାଇଁ ଦିଲ୍ଲୀ ସରକାରଙ୍କ ଅବକାରୀ ନୀତି ପ୍ରଣୟନ ଓ କାର୍ଯ୍ୟକାରୀ କରିବାରେ ଦୁର୍ନୀତି ଓ ମନି ଲଣ୍ଡରିଂ ଅଭିଯୋଗ ହୋଇଛି, ଯାହା ପରେ ନୂତନ ଅବକାରୀ ନୀତିକୁ ଉଚ୍ଛେଦ କରାଯାଇଥିଲା । ଜାତୀୟ ଆଣ୍ଟି ମନି ଲଣ୍ଡରିଂ ଏଜେନ୍ସିର ଜବରଦସ୍ତ କାର୍ଯ୍ୟାନୁଷ୍ଠାନରୁ ହାଇକୋର୍ଟ ତାଙ୍କୁ ସୁରକ୍ଷା ଦେବାକୁ ମନା କରିବାର କିଛି ଘଣ୍ଟା ପରେ ମାର୍ଚ୍ଚ ୨୧ରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିଥିଲା । ଇଡି ହାଜତ ଅବଧି ସରିବା ପରେ ତାଙ୍କୁ ନିମ୍ନ ଅଦାଲତରେ ହାଜର କରାଯିବା ପରେ ଏପ୍ରିଲ ୧ ତାରିଖରେ ତାଙ୍କୁ ଏହି ମାମଲାରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା ।

ଶୁଣାଣି ବେଳେ କୋର୍ଟ କହିଛନ୍ତି ଯେ ଅଦଲାତ ଆଇନ ଅନୁସାରେ କାର୍ଯ୍ୟ କରନ୍ତି । ବିଚାରପତିମାନେ କୌଣସି ରାଜନୀତିକ ଚାପରେ ପରିଚାଳିତ ନୁହନ୍ତି ଛ ଗିରଫଦାରୀ ସମୟ ଉପରେ କେଜ୍ରିୱାଲ ପ୍ରଶ୍ନ ଉଠାଇଥିଲେ ମଧ୍ୟ ଏଥିରେ କୋର୍ଟ ହସ୍ତକ୍ଷେପ କରି ନାହାନ୍ତି । ଏଠାରେ କୋର୍ଟ ଗିରଫଦାରୀ ଓ ରିମାଣ୍ଡର ଆଇନଗତ ଦିଗକୁ ବିଚାର କରାରଯାଉଛି । ଗିରଫଦାରୀ କିମ୍ବା ରିମାଣ୍ଡକୁ ବେଆଇନ କୁହାଯାଇ ପାରିବ ନାହିଁ । କୋର୍ଟ ନିର୍ବାଚନ ସମୟରେ ଗିରଫଦାରୀକୁ ଏଠାରେ ବିଚାର କରୁ ନାହାନ୍ତି ।

ଅରବିନ୍ଦ କେଜ୍ରିୱାଲଙ୍କୁ ଗିରଫ କରିବା ପାଇଁ ଇଡି ପାଖରେ ପର୍ଯ୍ୟାପ୍ତ ପରିମାଣର ପ୍ରମାଣ ରହିଥିଲା । ତଦନ୍ତରେ କେଜ୍ରିୱାଲ ସାମିଲ ନ ହେବା ଓ ଏହାକୁ ବିଳମ୍ବିତ କରିବା ବିଚାର ବିଭାଗୀୟ ହାଜତରେ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ପ୍ରଭାବିତ କରିଛି । ଏଥିପାଇଁ ତାଙ୍କ ଗିରଫଦାରୀ ଜରୁରୀ ଥିଲା । ବିଚାରପତିମାନେ ଆଇନ ଦ୍ୱାରା ପରିଚାଳିତ । ସେମାନେ ରାଜନୀତି ଦ୍ୱାରା ପରିଚାଳିତ ନୁହନ୍ତି । ଜଜମାନେ ଆଇନରେ ବନ୍ଧା, ରାଜନୀତିରେ ନୁହେଁ । ରାୟ ଆଇନଗତ ନୀତି ଦ୍ୱାରା ଲେଖାଯାଏ । ରାଜନୀତି ସଂଗଠନ ଦ୍ୱାରା ନୁହେଁ । କୋର୍ଟ ଅଧୀନକୁ ରାଜନୀତିକ ବିଚାର ବ୍ୟବସ୍ଥା ଆସିବା କଥା ନୁହେଁ ।

ବର୍ତ୍ତମାନ କୋର୍ଟଙ୍କ ପାଖରେ ଥିବା ମାମଲା କେନ୍ଦ୍ର ସରକାର ଓ ଅରବିନ୍ଦ କେଜ୍ରିୱାଲଙ୍କ ମଧ୍ୟରେ ଥିବା ବିବାଦ ସମ୍ପର୍କରେ ନୁହେଁ । କେଜ୍ରିୱାଲ ଓ ଇଡି ମଧ୍ୟରେ ଥିବା ମାମଲାର ବିଚାର କୋର୍ଟ କରୁଛନ୍ତି । କୋର୍ଟ ସାମ୍ବିଧାନିକ ମୂଲ୍ୟବୋଧ ପାଇଁ ଚିନ୍ତିତ । ରାଜନୀତିକ ମୂଲ୍ୟବୋଧ ପାଇଁ ନୁହେଁ । ଇଡି ଆବଶ୍ୟକ ଦସ୍ତାବିଜ, ରାଜସାକ୍ଷୀଙ୍କ ବୟାନ ଓ ଗୋଆ ନିର୍ବାଚନରେ ଟଙ୍କା ପାଇଥିବା କଥାକୁ ନିଜର ପ୍ରାର୍ଥୀ (ଆପ ପ୍ରାର୍ଥୀ) ସ୍ୱୀକାର କରିଥିବାର ପ୍ରମାଣ କୋର୍ଟଙ୍କୁ ଦେଇଛି । ଇଡି ଦେଇଥିବା ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଗୋଆ ନିର୍ବାଚନକୁ ଟଙ୍କା ଯାଇଛି ।ତଦନ୍ତ କେମିତି ହେବ, ସେକଥା ଜଣେ ଅଭିଯୁକ୍ତ ନିଷ୍ପତ୍ତି ନେଇ ପାରିବେ ନାହିଁ । ଅଭିଯୁକ୍ତଙ୍କ କଥାରେ ସବୁ କିଛି ପରିଚାଳିତ ହେବ ନାହିଁ । ଆଇନ ସମସ୍ତଙ୍କ ପାଇଁ ସମାନ । ଜଣେ ମୁଖ୍ୟମନ୍ତ୍ରୀ ଆଇନରୁ ଉପରେ ନୁହନ୍ତି । କୋର୍ଟ କେବେ ହେଲେ ସାଧାରଣ ଲୋକ ଓ ଜନ ସେବକଙ୍କ ପାଇଁ ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିପାରିବେ ନାହିଁ ।

ଦିଲ୍ଲୀ ଉପରାଜ୍ୟପାଳଙ୍କ ଚିଠି ନେଇ ଚିନ୍ତାରେ ଆପ୍

ନୂଆଦିଲ୍ଲୀ: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଜେଲ୍ ଯିବା ପରେ ଆମ୍ ଆଦମୀ ପାର୍ଟି (ଏଏପି) ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛି । ଏବେ ଏଏପିକୁ ଦିଲ୍ଲୀରେ ରାଷ୍ଟ୍ରପତି ଶାସନ ଜାରି ହେବାର ଭୟ ଡରାଇବାରେ ଲାଗିଛି । ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସାକ୍ସେନା କେନ୍ଦ୍ରୀୟ ଗୃହମନ୍ତ୍ରଣାଳୟକୁ ଏକ ଚିଠି ଲେଖିଛନ୍ତି । ଏହା ପରେ ରାଷ୍ଟ୍ରପତି ଶାସନ ଜାରି ହେବା ନେଇ ଏଏପି ମନରେ ଛନକା ପଶିଛି । ଉପରାଜ୍ୟପାଳ ଚିଠି ଲେଖି ଦିଲ୍ଲୀର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି । ସେ ଚିଠିରେ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗ ଆଣିଛନ୍ତି ଯେ, ସେମାନେ କୌଣସି ବୈଠକରେ ଯୋଗଦେବାକୁ ମନା କରୁଛନ୍ତି ।

ଉପରାଜ୍ୟପାଳ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ. ପରିବହନ ଏବଂ ବନ ବିଭାଗର ମନ୍ତ୍ରୀମାନଙ୍କର ଏକ ବୈଠକ ଡକାଇବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ମନ୍ତ୍ରୀମାନେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଥିବା ନେଇ ବୈଠକରେ ସାମିଲ୍ ହେବାକୁ ମନା କରିଦେଇଥିଲେ । କ୍ରେଜିୱାଲଙ୍କ ଗିରଫ ପରେ ସରକାରୀ ଶାସନରେ କୌଣସି ବାଧା ଯେପରି ନ ଉପୁଜିବ ସେଥିପାଇଁ ବୌଠକ ଡକା ଯାଇଥିବା ଉପରାଜ୍ୟପାଳ ଚିଠିରେ ଉଲ୍ଲେଖ କରିଛନ୍ତି । ତେବେ ଉପରାଜ୍ୟପାଳଙ୍କ ଚିଠି ଲେଖିବା ନେଇ ମନ୍ତ୍ରୀ ସୌରଭ ଭରଦ୍ୱାଜ ଆପତ୍ତି ଉଠାଇଛନ୍ତି । ସେ କହିଛନ୍ତି ଲୋକେ ଉପରାଜ୍ୟପାଳଙ୍କୁ ସମ୍ବିଧାନ ଭାବେ ବିବେଚନା କରିବା ଉଚିତ ।

ସେ ଜଳ, ସ୍ୱାସ୍ଥ୍ୟ, ପରିବେଶ ନେଇ ଆଲୋଚନା କରୁଛନ୍ତି । ଏହା ତାଙ୍କର କ୍ଷମତା ଭିତରେ ଆସୁନାହିଁ । ଏହା ସରକାରଙ୍କ କ୍ଷମତା ମଧ୍ୟରେ ଆସୁଛି । ଏନେଇ ସରକାର ନିଷ୍ପତ୍ତି ନେବେ । ଏଥିରେ ଉପରାଜ୍ୟପାଳ ହସ୍ତକ୍ଷେପ କରିବା ଠିକ୍ ନୁହେଁ । ଉପରାଜ୍ୟପାଳଙ୍କୁ ମନ୍ତ୍ରୀଙ୍କର ବୈଠକ ଡକାଇବାର କୌଣସି ଅଧିକାର ନାହିଁ । ଏପରିସ୍ଥଳରେ ଆପ ବିଧାୟକ ମଦନଲାଲ ଦାବି କରିଛନ୍ତି ଯେ, ବିଜେପି କେଜ୍ରିୱାଲଙ୍କ ଉପରେ ଇସ୍ତଫା ଦେବାକୁ ଚାପ ପକାଉଛି ।

ସିଇସି ରାଜୀବ କୁମାରଙ୍କୁ ଦିଆଗଲା ଜେଡ୍ ସୁରକ୍ଷା

ନୂଆଦିଲ୍ଲୀ: ଇଣ୍ଟେଲିଜେନ୍ସ ବ୍ୟୁରୋର ଗୁପ୍ତଚର ରିପୋର୍ଟକୁ ଆଧାର କରି ମୁଖ୍ୟ ନିର୍ବାଚନ କମିଶନରଙ୍କ ପାଇଁ ଜେଡ୍ ବର୍ଗର ସୁରକ୍ଷା ଦିଆଯାଇଛି । ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାରଙ୍କ ସୁରକ୍ଷା ବଳୟକୁ ବୃଦ୍ଧି କରାଯାଇଛି । ତାଙ୍କୁ ଙ୍କସୁରକ୍ଷା ପ୍ରଦାନ କରାଯାଇଥିବା କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ ପାଇଛି ।

ସୂଚନାନୁସାରେ, ଇଣ୍ଟେଲିଜେନ୍ସ ବ୍ୟୁରୋ (IB)ର ଗୁପ୍ତଚର ରିପୋର୍ଟକୁ ଆଧାର କରି ମୁଖ୍ୟ ନିର୍ବାଚନ କମିଶନରଙ୍କ ପାଇଁ ବର୍ଗର ସୁରକ୍ଷା ଦିଆଯଇଛି । ବର୍ଗର ସୁରକ୍ଷା ପ୍ରୋଟୋକଲଗୁଡିକ ଅଧୀନରେ ଏକ ବିସ୍ତୃତ ସୁରକ୍ଷା ବିବରଣୀ ସାମିଲ କରାଯାଇଛି । ରାଜୀବ କୁମାରଙ୍କୁ ସୁରକ୍ଷା ଦେବା ପାଇଁ CRPF କମାଣ୍ଡୋ ସମେତ ମୋଟ ୩୩ ଜଣ ସୁରକ୍ଷାକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥିରେ କୁମାରଙ୍କ ବାସଭବନରେ ଅବସ୍ଥାପିତ ୧୦ ଜଣ ସଶସ୍ତ୍ର ଷ୍ଟାଟିକ୍ ଗାର୍ଡ, ୬ ଜଣ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (PSO) ଦିନରାତି ସୁରକ୍ଷା ଯୋଗାଉଛନ୍ତି ଏବଂ ତିନିଟି ସିଫ୍ଟରେ କାର୍ଯ୍ୟ କରୁଥିବା ୧୨ ଜଣ ସଶସ୍ତ୍ର ଏସକର୍ଟ କମାଣ୍ଡୋ ମଧ୍ୟ ଅଛନ୍ତି ।

ଏଥିସହ କୁମାରଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ପ୍ରତି ଶିଫ୍ଟରେ ଦୁଇଜଣ ୱାଚର (ଜଗୁଆଳି) ଏବଂ ତିନିଜଣ ତାଲିମପ୍ରାପ୍ତ ଡ୍ରାଇଭରଙ୍କୁ ଷ୍ଟାଣ୍ଡବାଇରେ ମଧ୍ୟ ରଖାଯାଇଛି ।

ଆମେରିକାରେ ନିଖୋଜ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

ନୂଆଦିଲ୍ଲୀ : ଦିନକୁ ଦିନ ଆମେରିକାରେ ଭାରତୀୟ ଛାତ୍ରଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢୁଛି । ତିନି ଦିନ ତଳେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ଆଉ ଜଣେ ଛାତ୍ରଙ୍କ ମୃତଦେହ ମିଳିଛି । ତିନି ସପ୍ତାହ ହେବ ତାଙ୍କର କୌଣସି ଖବର ମିଳୁନଥିଲା, ଶେଷରେ ଆଜି ସକାଳେ ମୃତଦେହ ଉଦ୍ଧାର ହୋଇଛି । ନ୍ୟୁୟର୍କରେ ଥିବା ଭାରତୀୟ ଦୂତାବାସ ଏନେଇ ସୂଚନା ଦେଇଛି ।

ସୂଚନା ମୁତାବକ, ଛାତ୍ର ଜଣକ ହେଉଛନ୍ତି ହାଇଦ୍ରାବାଦର ୨୫ ବର୍ଷୀୟ ମହମ୍ମଦ ଅବଦୁଲ ଅର୍ଫାଦ୍ । ସେ ୨୦୨୩ରେ ଆମେରିକା ଯାଇଥିଲେ । ଓହିଓର କ୍ଲିଭଲାଣ୍ଡ ଷ୍ଟେଟ୍ ୟୁନିଭର୍ସିଟିରେ ମାଷ୍ଟର ଡିଗ୍ରୀ କରୁଥିଲେ ମହମ୍ମଦ । ଗତମାସ ହଠାତ୍ ସେ କେଉଁଆଡେ ନିଖୋଜ ହୋଇଯାଇଥିଲେ । ତାଙ୍କର କୌଣସି ଖୋଜ ଖବର ମିଳିନଥିଲା । ନିଖୋଜ ନେଇ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଥିଲା । ସେମାନେ ଅବଦୁଲଙ୍କ ପରିବାର ସହ ଯୋଗାଯୋଗରେ ଥିବା କହିଥିଲେ । ଏଥିସହ ସ୍ଥାନୀୟ ପୁଲିସ ପ୍ରଶାସନ ସହ ମହମ୍ମଦଙ୍କ ସନ୍ଧାନ ପାଇଁ କାର୍ଯ୍ୟ କରୁଥିବା କହିଥିଲେ ।

ହେଲେ ତିନି ସପ୍ତାହ ପରେ ଆଜି ତାଙ୍କ ମୃତ୍ୟୁ ଘଟିଥିବା ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ ।ତେବେ ଆମେରିକାରେ ଏପରି ଘଟଣା ବାରମ୍ବାର ଘଟିଚାଲିଛି । ତିନି ଦିନ ତଳେ ଅର୍ଥାତ ଏପ୍ରିଲ ୬ ତାରିଖରେ ମଧ୍ୟ କ୍ଲିଭଲାଣ୍ଡରେ ପଢୁଥିବା ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା । ତାଙ୍କ ମୃତ୍ୟୁର କାରଣ ବି ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ । ଏହାକୁ ମିଶାଇ ଚଳିତ ବର୍ଷ ମାତ୍ର ୩ ମାସ ମଧ୍ୟରେ ୧୧ ଜଣ ଛାତ୍ରଙ୍କ ଜୀବନ ଗଲାଣି ।

ଚୀନ୍ ଗୋଟିଏ ଇଞ୍ଚ ଜମି ମଧ୍ୟ ଜବରଦଖଲ କରିପାରିବ ନାହିଁ: ଶାହା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ଅମଳରେ ଚୀନ୍ ଭାରତର ଗୋଟିଏ ଇଞ୍ଚ ଜମି ମଧ୍ୟ ଜବରଦଖଲ କରିପାରିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହା । ମଙ୍ଗଳବାର ଗୃହମନ୍ତ୍ରୀ ଅମିତ ଶାହା ଦାବି କରିଛନ୍ତି ଯେ ୧୯୬୨ ଚୀନ୍ ଆକ୍ରମଣ ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ

ନେହେରୁ ଆସାମ ଓ ଅରୁଣାଚଳ ପ୍ରଦେଶକୁ କିପରି 'ବାୟ ବାୟ' କହିଥିଲେ । ତାହା ଲୋକମାନେ କେବେ ବି ଭୁଲି ପାରିବେ ନାହିଁ । ଲକ୍ଷ୍ମୀପୁରରେ ଏକ ନିର୍ବାଚନୀ ରାଲିକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ଏବେ କିନ୍ତୁ ସମୟ ବଦଳି ଯାଇଛି । କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାର ବାଂଲାଦେଶ ସହ ଦେଶର ସୀମାକୁ ସୁରକ୍ଷିତ ରଖିଛନ୍ତି ଏବଂ ଅନୁପ୍ରବେଶ ରୋକିଛନ୍ତି ।

ପରିସ୍ଥିତିରେ ଚୀନ ଯଦି ଭାରତ ସହିତ କୌଣସି ପ୍ରକାରର ଚଞ୍ଚକତା କରି ଭାରତର ଜମିକୁ ଜବରଦଖଲ କରିବାର ଅପଚେଷ୍ଟା କରେ ତେବେ ଏଥିପାଇଁ ଚୀନକୁ ବହୁମୂଲ୍ୟ ଦେବାକୁ ପଡ଼ିବ ଏବଂ କରିଥିବା ଭୁଲର ପ୍ରାୟଶ୍ଚିତ କରିବା ପାଇଁ ମଧ୍ୟ ଚୀନକୁ କୌଣସି ପ୍ରକାରର ସୁଯୋଗ ଓ ସମୟ ମିଳିବ ନାହିଁ ବୋଲି ମଧ୍ୟ ଗୃହମନ୍ତ୍ରୀ ଅମିତ ଶାହା ସ୍ପଷ୍ଟ କରି ଦେବା ସହ ଚୀନ୍ ନିଜର ସୀମା ଲଂଘନ ନ କରିବାକୁ ପରାମର୍ଶ ଦେଇଛନ୍ତି ।

ଏନ୍‌ଆଇଏ ଅଧିକାରୀଙ୍କୁ ସମନ

ନୂଆଦିଲ୍ଲୀ : ଜାତୀୟ ତଦନ୍ତକାରୀ ସଂସ୍ଥା ତଥା ଏନ୍‌ଆଇଏ ଅଧିକାରୀଙ୍କୁ ସମନ ଜାରି କଲା ପୁଲିସ । ଗତ ସପ୍ତାହରେ ଚାଉ ବେଳେ ଏନ୍‌ଆଇଏ ଟିମ୍ ଉପରେ ଆକ୍ରମଣ ହୋଇଥିଲା । ଏଥିରେ ଜଣେ ଏନ୍‌ଆଇଏ ଅଧିକାରୀ ଆହତ ହୋଇଥିଲେ । ଏବେ ସେହି ଆହତ ଅଧିକାରୀଙ୍କୁ ପଶ୍ଚିମବଙ୍ଗ ପୁଲିସ ସମନ ଜାରି କରିଛି । ଏଥିସହ କ୍ଷତିଗ୍ରସ୍ତ ଗାଡିକୁ ମଧ୍ୟ ସାଙ୍ଗରେ ଆଣିବାକୁ କହିଛି ପୁଲିସ ।

ପଶ୍ଚିମବଙ୍ଗର ପୂର୍ବ ମେଦିନିପୁର ଜିଲ୍ଲାରେ ଗତ ସପ୍ତାହରେ ବିଳମ୍ବିତ ରାତିରେ ଚାଉ କରିବା ପାଇଁ ଏନ୍‌ଆଇଏର ଏକ ଟିମ୍ ଯାଇଥିଲା । ତେବେ ଏହି ସମୟରେ ତଦନ୍ତ ଅଧିକାରୀଙ୍କ ଗାଡି ଉପରକୁ ସ୍ଥାନୀୟ ଲୋକେ ଆକ୍ରମଣ କରିଥିଲେ । ଏଥିରେ ଜଣେ ଏନ୍‌ଆଇଏ ଅଧିକାରୀ ଆହତ ହୋଇଥିଲେ । ଏବେ ଏହି ମାମଲାର ତଦନ୍ତ କରିବାକୁ ଯାଇ ପୁଲିସ ଉକ୍ତ ଅଧିକାରୀଙ୍କୁ ଏପ୍ରିଲ ୧୧ ତାରିଖ ଦିନ ଯାଞ୍ଚ ଅଧିକାରୀଙ୍କ ସାମ୍ନାରେ ହାଜର ହେବାକୁ ସମନ ଜାରି କରିଛି ।

ଏଥିସହ ଆକ୍ରମଣ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଗାଡିକୁ ମଧ୍ୟ ନିଜ ସାଙ୍ଗରେ ଆଣିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉକ୍ତ ଗାଡିର ଫରେନ୍ସିକ ଯାଞ୍ଚ ହେବ ବୋଲି ପୁଲିସ କହିଛି । ଏନ୍‌ଆଇଏ ଅଧିକାରୀଙ୍କ ସମେତ ଆକ୍ରମଣ ସମ୍ବନ୍ଧରେ ଭୂପତିନଗରର ତିନି ଜଣ ବାସିନ୍ଦାଙ୍କୁ ମଧ୍ୟ ପଚରାଉଚରା କରିବାକୁ ପୁଲିସ ଡାକିଛି ।

କହିରଖୁ ଯେ, ଶନିବାର ଦିନ ୨୦୨୨ରେ ହୋଇଥିବା ଏକ ବିସ୍ଫୋରଣ ମାମଲାରେ ସମ୍ପୃକ୍ତ ଥିବା ଦୁଇ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିବା ପାଇଁ ଏନ୍‌ଆଇଏର ଏକ ଟିମ୍ ବିଳମ୍ବିତ ରାତିରେ ମେଦିନିପୁର ଜିଲ୍ଲାର ଭୂପତିନଗରକୁ ଯାଇଥିଲେ । କିନ୍ତୁ ଏତିକି ବେଳେ ସେଠାକାର ଲୋକେ ଯାଞ୍ଚ ଅଧିକାରୀଙ୍କ ଟିମ୍ ଉପରକୁ ଆକ୍ରମଣ କରିଥିଲେ । ସେପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗାଁ ଲୋକଙ୍କ ଉପରେ ଯାଞ୍ଚ ଅଧିକାରୀମାନେ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ରାଜନୈତିକ ବିବାଦ ଲାଗି ରହିଛି ।

ବୈଶାଖୀ ପାଇଁ ଶିଖ୍ ତୀର୍ଥଯାତ୍ରୀଙ୍କୁ ଭିସା ଜାରି କଲା ପାକ୍

ନୂଆଦିଲ୍ଲୀ: ପାକିସ୍ତାନ ହାଇକମିଶନ ମଙ୍ଗଳବାର କହିଛି ଯେ ବୈଶାଖୀ ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ଭାରତରୁ ଆସିଥିବା ଶିଖ୍ ତୀର୍ଥଯାତ୍ରୀଙ୍କୁ ୨,୮୪୩ ଭିସା ପ୍ରଦାନ କରାଯାଇଛି ।

ଧାର୍ମିକ ପୀଠ ପରିଦର୍ଶନ ପାଇଁ ଦ୍ୱିପାକ୍ଷିକ ପ୍ରୋଟୋକଲର ବ୍ୟବସ୍ଥା ଅନୁଯାୟୀ ଭାରତରୁ ଶିଖ୍ ଏବଂ ହିନ୍ଦୁ ତୀର୍ଥଯାତ୍ରୀ ମାନେ ପ୍ରତିବର୍ଷ ପାକିସ୍ତାନ ଗସ୍ତ କରନ୍ତି । ପ୍ରୋଟୋକଲ ଅନୁଯାୟୀ ପ୍ରତିବର୍ଷ ପାକିସ୍ତାନୀ ତୀର୍ଥଯାତ୍ରୀମାନେ ମଧ୍ୟ ଭାରତ ଆସିଥାନ୍ତି ।

ବୈଶାଖୀ ପାଳନ ଅବସରରେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇ କମିଶନ ଏପ୍ରିଲ

୧୩ରୁ ୨୨ ତାରିଖ ପର୍ଯ୍ୟନ୍ତ ପାକିସ୍ତାନରେ ହେବାକୁ ଥିବା ବାର୍ଷିକ ଉତ୍ସବରେ ଯୋଗଦେବା ପାଇଁ ଭାରତରୁ ଆସିଥିବା ଶିଖ୍ ତୀର୍ଥଯାତ୍ରୀଙ୍କୁ ୨୮୪୩ଟି ଭିସା ପ୍ରଦାନ କରିଛନ୍ତି । ତୀର୍ଥଯାତ୍ରୀମାନେ ଗୁରୁଦ୍ୱାର ପଞ୍ଜା ସାହିବ, ଗୁରୁଦ୍ୱାର ନାନକାନା ସାହିବ ଏବଂ ଗୁରୁଦ୍ୱାର କର୍ତାରପୁର ସାହିବ ପରିଦର୍ଶନ କରିବେ । ପାକିସ୍ତାନ ହାଇକମିସନର ଚାର୍ଜ ଡି ଆଫେୟାର୍ସ ସାଦ୍ ଅହମ୍ମଦ ୱାରାଇଚ୍ ଏହି ପବିତ୍ର ପର୍ବ ପାଳନ କରୁଥିବା ସମସ୍ତଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆସୁଥିବା ତୀର୍ଥଯାତ୍ରୀମାନଙ୍କୁ 'ପରିପୂର୍ଣ୍ଣ' ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ।

ଦୁଇ ଦେଶ ମଧ୍ୟରେ ଧାର୍ମିକ ପୀଠ ପରିଦର୍ଶନ ନେଇ ଦ୍ୱିପାକ୍ଷିକ ପ୍ରୋଟୋକଲକୁ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ କରିବାକୁ ପାକିସ୍ତାନ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ହାଇ କମିଶନ ଧାର୍ମିକ ତୀର୍ଥଯାତ୍ରୀଙ୍କୁ ଭିସା ପ୍ରଦାନ କରିଛନ୍ତି ।

ଆମେରିକାରେ ପୂର୍ଣ୍ଣ ସୂର୍ଯ୍ୟପରାଗ ଦିନରେ ରାତିର ଭ୍ରମ

ୱାଶିଂଟନ : ଉତ୍ତର ଆମେରିକା ସମେତ ଏକାଧିକ ରାଷ୍ଟ୍ରରେ ହେଲା ପୂର୍ଣ୍ଣ ସୂର୍ଯ୍ୟପରାଗ । କିଛି ସମୟ ପାଇଁ ଦିନରେ ରାତିର ଭ୍ରମ ସୃଷ୍ଟି ହୋଇଛି । ସୂର୍ଯ୍ୟଙ୍କୁ ପରାଗ ସମ୍ପୂର୍ଣ୍ଣ ଗ୍ରାସ କରିବା ପରେ ଏକ ବିରଳ ମହାଜାଗତିକ ଦୃଶ୍ୟର ମୂକଶାକ୍ଷି ହୋଇଛନ୍ତି ଆମେରିକା, କାନାଡ଼ା ଓ ମେକ୍ସିକୋବାସୀ । ଏହି ସବୁ ରାଷ୍ଟ୍ରର କିଛି ଅଞ୍ଚଳରେ ପୂର୍ଣ୍ଣ ସୂର୍ଯ୍ୟପରାଗ ଦୃଶ୍ୟମାନ ହୋଇଛି । ଭାରତୀୟ ସମୟ ଅନୁସାରେ ଗତକାଲି ରାତି ୯ଟା ୧୨ ମିନିଟରେ ସୂର୍ଯ୍ୟପରାଗ ଆରମ୍ଭ ହୋଇ ଭୋର୍ ୨ଟା ୨୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା । ଏହି ସମୟରେ ଆମେରିକା ସମେତ କେତେକ ରାଷ୍ଟ୍ରର

ବିଶ୍ୱକପ ଦଳରେ କାହାକୁ ମିଳିବ ସୁଯୋଗ ?

ନୂଆଦିଲ୍ଲୀ, ୯।୪ (ଏଜେନ୍ସି) : ସାରା ଦେଶରେ ଆଇପିଏଲ୍ ସମର ଜାରି ରହିଛି । ଆଇପିଏଲ୍ ଶେଷ ହେବା ପରେପରେ ଟି-୨୦ ବିଶ୍ୱକପ ଇଣ୍ଡିଜ-ଆମେରିକାରେ ଆରମ୍ଭ ହେବ । ତେଣୁ ଭାରତୀୟ ଦଳ ଚୟନ ପାଇଁ ଆଇପିଏଲ୍ ପ୍ରଦର୍ଶନକୁ ଗୁରୁତ୍ୱ ଦିଆଯାଉଛି । ଜୁନ-୨ରୁ ଟି-୨୦ ବିଶ୍ୱକପ ବିଗୁଲ ବାଜିବ । ୨୦୧୩ରୁ ଅଦ୍ୟାବଧି ଭାରତ ଆଇସିସି ଟ୍ରଫି ଜିତିପାରି ନାହିଁ । ତେଣୁ ସମସ୍ତଙ୍କ ଆଶା ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଟି-୨୦ ବିଶ୍ୱକପ ଟ୍ରଫି ହାତେଇବ ।

ଆଇସିସିର ନିୟମ ଅନୁଯାୟୀ ବିଶ୍ୱକପ ଆରମ୍ଭ ହେବାର ମାସକ ପୂର୍ବରୁ ଅଂଶଗ୍ରହଣକାରୀ ଦଳଗୁଡ଼ିକ ଖେଳାଳି ତାଲିକା ଘୋଷଣା କରିବେ । ଏହି ଆଧାରରେ ଏପ୍ରିଲ ଶେଷ ସପ୍ତାହରେ ବିସିସିଆଇ ବିଶ୍ୱକପ ଦଳ ଘୋଷଣା କରିପାରେ । ତେବେ ବିଶ୍ୱକପ ପାଇଁ ଦଳ ଘୋଷଣା କରିବାର ଶେଷ ତାରିଖ ମେ' ୧ ଧାର୍ଯ୍ୟ ହୋଇଛି । ଅତି ଜରୁରୀ ପରିସ୍ଥିତିରେ ମେ' ୨୫ ତାରିଖ ମଧ୍ୟରେ ଦଳଗୁଡ଼ିକ ଖେଳାଳି ପରିବର୍ତ୍ତନ କରିପାରିବେ ।

ଭାରତ ୧୫ ଜଣିଆ ବିଶ୍ୱକପ ଦଳରେ କେଉଁମାନେ ରହିବେ ତା'ର ସମ୍ଭାବ୍ୟ ତାଲିକା ସାମ୍ନାକୁ ଆସିଛି । ଇଶାନ କିଶାନ ଦଳ ବାହାରେ ରହିବେ । ଲୋକେଶ ରାହୁଲଙ୍କୁ ସାମିଲ କରାଯିବାର ସମ୍ଭାବନା କମ ରହିଛି । ଅର୍ଶଦୀପ ସିଂହଙ୍କୁ ଦଳରେ ସାମିଲ କରାଯାଇ ନପାରେ । ରିଷଭ ପନ୍ତ, ବିରାଟ କୋହଲି ଦଳକୁ ପ୍ରତ୍ୟାବର୍ତ୍ତନ କରିବାର ଯଥେଷ୍ଟ ସମ୍ଭାବନା ଅଛି । କାରଣ ଚଳିତ ଆଇପିଏଲ୍‌ରେ ବିରାଟ କୋହଲି ଶତକୀୟ ଇନିଂସ ଖେଳି ଦକ୍ଷତାର ପରିଚୟ ଦେଇସାରିଛନ୍ତି । ଦିଲ୍ଲୀର ଅଧିନାୟକ ତଥା ୱିକେଟ ରକ୍ଷକ ରିଷଭ ପନ୍ତ ଅର୍ଦ୍ଧଶତକୀୟ ଇନିଂସ ଖେଳି ଲୟକୁ ଫେରିଛନ୍ତି । ତେଣୁ ଦେଢ଼ବର୍ଷ ପରେ ପନ୍ତ ଜାତୀୟ ଦଳକୁ ଫେରିବାକୁ ଯାଉଛନ୍ତି । ଚଳିତ ଆଇପିଏଲ୍‌ରେ ସର୍ବାଧିକ ବେଗରେ ବଲ ଫିଙ୍ଗିଥିବା ଦ୍ରୁତ ବୋଲର ମୟଙ୍କ ଯାଦବଙ୍କ ଉପରେ ସମସ୍ତଙ୍କ ନଜର ରହିଛି । ସେ ବିଶ୍ୱକପ ଦଳରେ ସ୍ଥାନ ପାଇପାରନ୍ତି । ଉଜଭେନ୍ଦ୍ର ଚହଲ, ରବି ବିଷ୍ଣୋଇଙ୍କ ମଧ୍ୟରୁ ଜଣେ ୧୫ ଜଣିଆ ଦଳରେ ସ୍ଥାନ ପାଇବେ ବୋଲି ଆଶା କରାଯାଉଛି ।

ରୋହିତ ଶର୍ମା, ଅଧିନାୟକ : ଟି-୨୦ ବିଶ୍ୱକପରେ ରୋହିତ ଶର୍ମା ଭାରତର ନେତୃତ୍ୱ ନେବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ସ୍ପଷ୍ଟ କରିଛନ୍ତି । ୨୦୦୭ ଟି-୨୦ ବିଶ୍ୱକପ ଦଳରେ ରୋହିତ ଶର୍ମା ଥିଲେ । ୪୦୦ରୁ ଅଧିକ ଟି-୨୦ ଖେଳିଥିବା ରୋହିତ ୧୧ହଜାରରୁ ଅଧିକ ରନ କରିଛନ୍ତି ।

ଯଶସ୍ୱୀ ଜୟସ୍ୱାଲ : ଜୁଲାଇ ୨୦୨୩ରେ ଯଶସ୍ୱୀ ଡେବ୍ୟୁ କରିବା ଦିନଠାରୁ ଭଲ ପ୍ରଦର୍ଶନ ଦେଖାଇ ଆସିଛନ୍ତି । ସେ ୨ହଜାରରୁ ଅଧିକ ରନ କରିବା ସହ ୨ଟି ଶତକ ଓ ୧୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ସେ ରୋହିତ ଶର୍ମାଙ୍କ ସହ ବିଶ୍ୱକପ ଓପନ କରିବେ ।

ଶୁଭମନ ଗିଲ୍ : ଭାରତୀୟ ଦଳ ପାଇଁ ଆଉ ଜଣେ ଯୋଗ୍ୟ ଓପନର ହେଉଛନ୍ତି ଶୁଭମନ ଗିଲ । ଅଧୁନା ସେ ଆଇପିଏଲ୍‌ରେ ନିଜର ଖେଳ ଦେଖାଇ ଚାଲିଛନ୍ତି । ପଞ୍ଜାମ କିଙ୍ଗ୍ସ ବିପକ୍ଷ ମ୍ୟାଚରେ ସେ ୮୯ ରନର ଇନିଂସ ଖେଳିଥିଲେ । ଟି-୨୦ରେ ସେ ୪ହଜାରରୁ ଅଧିକ ରନ କରିଛନ୍ତି । ଏଥିରେ ୫ଟି ଶତକ ଓ ୨୩ଟି ଅର୍ଦ୍ଧଶତକ ରହିଛି ।

ବିରାଟ କୋହଲି : ଭାରତୀୟ ଦଳର ପୂର୍ବତନ ଅଧିନାୟକ ବିରାଟ କୋହଲି ଚଳିତ ଆଇପିଏଲ୍‌ରେ ଚମତ୍କାର ଫର୍ମରେ ଅଛନ୍ତି । ଏପର୍ଯ୍ୟନ୍ତ ଖେଳିଥିବା ୫ଟି ମ୍ୟାଚରେ ୩୧୬ ରନ କରିଛନ୍ତି । ସେ ମଧ୍ୟ ବିଶ୍ୱକପରେ ରୋହିତଙ୍କ ସହ ଓପନ କରିପାରିବେ ।

ସୂର୍ଯ୍ୟକୁମାର ଯାଦବ: ଆହତ ସମସ୍ୟାରୁ ମୁକୁଳିବା ପରେ ସୂର୍ଯ୍ୟକୁମାର ମୁମ୍ବାଇ ଇଣ୍ଡିଆନ୍ସରେ ସାମିଲ ହୋଇଛନ୍ତି । ସେ ବିଶ୍ୱର ୧ନମ୍ବର ଟି-୨୦ ବ୍ୟାଟର । ବିଶ୍ୱକପରେ ୩ କିମ୍ବା ୪ ନମ୍ବର ସ୍ଥାନ ପାଇଁ ଉପଯୁକ୍ତ ।

ରିଙ୍କୁ ସିଂ : ଧୋନୀଙ୍କ ପରେ ନିଜକୁ ଜଣେ ଶ୍ରେଷ୍ଠ ଫିନିସର ଭାବେ ଗଢ଼ିତୋଳିଥିବା ନବାଗତ ରିଙ୍କୁ ସିଂ ଭାରତୀୟ ଦଳର ମଧ୍ୟମକ୍ରମ ପାଇଁ ସମ୍ପୂର୍ଣ୍ଣ ଯୋଗ୍ୟ । ଭାରତ ପାଇଁ ସେ ୭ଟି ମ୍ୟାଚ୍ ବିଜୟୀ ଇନିଂସ ଖେଳିସାରିଛନ୍ତି । ସେ ବିଶ୍ୱକପରେ ଫିନିସର ଭୂମିକା ତୁଲାଇବେ ।

ହାର୍ଦ୍ଦିକ ପାଣ୍ଡ୍ୟା : ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ବିଶ୍ୱକପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ସେ ଟି-୨୦ରେ ୪୫୦୦ ରନ ସାଙ୍ଗକୁ ୧୫୦ରୁ ଅଧିକ ୱିକେଟ ନେଇଛନ୍ତି ।

ରିଷଭ ପନ୍ତ : ୱିକେଟକିପର ବ୍ୟାଟର ରିଷଭ ପନ୍ତ ଆଇପିଏଲ୍ ଜରିଆରେ ପ୍ରତ୍ୟାବର୍ତ୍ତନ କରିଛନ୍ତି । ୧୪ ମାସ ପରେ କ୍ରିକେଟକୁ ଫେରିଥିବା ପନ୍ତ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ନେତୃତ୍ୱ ନେଉଛନ୍ତି । ୫ ମ୍ୟାଚରେ ସେ ୧୫୩ ରନ କରିଛନ୍ତି ।

ରବିନ୍ଦ୍ର ଜାଡେଜା : ସ୍ପିନ୍ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜା ଟି-୨୦ରେ ୨୦୦ରୁ ଅଧିକ ୱିକେଟ ଓ ୩୫୦୦ରୁ ଅଧିକ ରନ କରିଛନ୍ତି ।

କୁଲଦୀପ ଯାଦବ : ବାମହାତୀ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବ ଏବେ ଭାରତ ପାଇଁ ୩ଟି ଯାକ ଫର୍ମାଟରେ ଭଲ ଫର୍ମରେ ଅଛନ୍ତି । ଟି-୨୦ରେ ସେ ୧୭୭ଟି ୱିକେଟ ନେଇଛନ୍ତି । ତେଣୁ ବିଶ୍ୱକପ ଦଳରେ ତାଙ୍କୁ ସୁଯୋଗ ମିଳିବ ।

ଯଶପ୍ରୀତ ବୁମରା : ଭାରତୀୟ ଦଳର ଦ୍ରୁତ ବୋଲିଂ ବର୍ଗ ସମ୍ଭାଳିବେ ବୁମରା । ଟି-୨୦ରେ ସେ ୨୫୦ରୁ ଅଧିକ ୱିକେଟ ନେଇଛନ୍ତି ।

ମହମ୍ମଦ ସିରାଜ : ଆହତ ସମସ୍ୟା ଦେଇ ଗତ କରୁଥିବା ମହମ୍ମଦ ସାମିଙ୍କ ସ୍ଥାନରେ ସିରାଜଙ୍କୁ ସୁଯୋଗ ମଳିପାରେ । ସେ ଅଧିକ ରନ ଦେଉଥିଲା ବେଳେ ୱିକେଟ ଦଖଲ କରିବାର କଳା ତାଙ୍କ ପାଖରେ ରହିଛି ।

ସଞ୍ଜୁ ସାମ୍‌ସନ : ଫର୍ମରେ ଥିବା ସଞ୍ଜୁ ସାମ୍‌ସନ ଅନ୍ୟତମ ଖେଳାଳି ଲୋକେଶ ରାହୁଲଙ୍କ ସ୍ଥାନ ନେବା ପାଇଁ ଉପଯୁକ୍ତ ବୋଲି ବିବେଚନା କରାଯାଉଛି । ଆଇପିଏଲ୍‌ରେ ସାମସନ କ୍ରମାଗତ ଭାବେ ଭଲ କରିଚାଲିଛନ୍ତି ।

ମୟଙ୍କ ଯାଦବ : ଯୁବ ଦ୍ରୁତ ବୋଲର ମୟଙ୍କ ଯାଦବ ନୂଆ ମୁହଁ ଭାବେ ଭାରତୀୟ ଟି-୨୦ ଦଳରେ ସୁଯୋଗ ପାଇପାରନ୍ତି । ଚଳିତ ଆଇପିଏଲ୍‌ରେ ଦ୍ରୁତ ବୋଲିଂ କରି ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଛନ୍ତି । ୩ଟି ମ୍ୟାଚ୍‌ରେ ସେ ୬ ୱିକେଟ ନେଇଛନ୍ତି । ୧୫୦ରୁ ଅଧିକ ବେଗରେ ବଲ ଫିଙ୍ଗୁଥିବାରୁ ମୟଙ୍କ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି ।

ବାବା ବୈଦ୍ୟନାଥ କ୍ଲବ୍ କ୍ରିକେଟ୍ ବଜରଙ୍ଗୀ ୱାରିଅର ଚମ୍ପିଆନ୍

କଟକ, ୯।୪ (ସବ୍ୟୁ): ସ୍ଥାନୀୟ ବଣିଆ ସାହି ସ୍ଥିତ ବାବା ବୈଦ୍ୟନାଥ କ୍ଲବ୍ ପକ୍ଷରୁ ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୬ଟି ଦଳ ଅଂଶଗ୍ରହଣ କରିଥିଲେ । କ୍ଲବର ସଭାପତି ସୌମ୍ୟରଞ୍ଜନ ସାହୁ ଓ ସଂପାଦକ ରାକେଶ ରଞ୍ଜନ ସାହୁ ଏହି ଟୁର୍ଣ୍ଣାମେଣ୍ଟର ମ୍ୟାଚ୍ ଗୁଡିକୁ ପରିଚାଳନା କରିଥିଲେ। ଟୁର୍ଣ୍ଣାମେଣ୍ଟରେ ବଜରଙ୍ଗୀ ୱାରିଅର ଚମ୍ପିଆନ୍ ଓ ସିଟୁ କ୍ଲବ୍ ରନସଅପ୍ ହୋଇଥିଲେ।

ଏହି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ କ୍ଲବ୍‌ର ବୈଦ୍ୟନାଥ ସାହୁ, ପ୍ରହ୍ଲାଦ କୁମାର ସାହୁ, ସାହିଲ୍ ସୋହେଲ୍, ଜ୍ଞାନରଞ୍ଜନ ସ୍ୱାଇଁ, ଚିକୁ, ସିଟୁ, ରାଜା, ରାହୁଲ୍, ବବ୍ଲୁଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହାୟତା କରିଥିଲେ। ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ୩୪ନଂ ୱାର୍ଡ ବିଜୁ ଜନତା ଦଳର ସଭାପତି ମନୋରଞ୍ଜନ ସାହୁ ଯୋଗଦେଇ କ୍ରିଡା ଏକ ସୁସ୍ଥ ଶରୀର ଓ ସୁସ୍ଥ ମନ ଗଠନରେ ସହାୟତା କରିଥାଏ । ସେ ଏଅବସରରେ ବିଜେତା ଓ ଉପ- ବିଜେତାଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଯେତେବେଳେ ଯାହା ସହାୟତା ଆବଶ୍ୟକ ପଡିବ ସେ ସାଧ୍ୟମତେ ଯୋଗାଇଦେବେ ବୋଲି କ୍ରିଡା ଆୟୋଜକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

ଆଇପିଏଲ୍ ମହାସମର

ଲଢ଼ିଲା ପଞ୍ଜାବ, ଜିତିଲା ସନ୍‌ରାଇଜର୍ସ

ମୁଲାନପୁର, ୯।୪ (ଏଜେନ୍ସି) : ଆଇପିଏଲ୍‌ର ୨୩ତମ ମ୍ୟାଚ୍‌ରେ ରୋଚକ ଲଢ଼େଇ ଦେଖିବାକୁ ମିଳିଥିଲା । ଶେଷ ବଲ୍‌ଯାଏ ପଞ୍ଜାବ କିଙ୍ଗ୍ସ ଲଢ଼ିଥିବାବେଳେ ମାତ୍ର ୨ ରନ ବ୍ୟବଧାନରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବାଜି ମାରିଛି । ଚଳିତ ଆଇପିଏଲ୍‌ରେ ଏହା ସନ୍‌ରାଇଜର୍ସ ହାଇଦ୍ରାବାଦର ତୃତୀୟ ବିଜୟ ହୋଇଥିବାବେଳେ ପଞ୍ଜାବର ତୃତୀୟ ପରାଜୟ । ପ୍ରଥମେ ବ୍ୟାଟିଂ କରି ସନ୍‌ରାଇଜର୍ସ ୨୦ ଓଭରରେ ୯ ୱିକେଟ ହରାଇ ୧୮୨ ରନ କରିଥିଲା । ଜବାବରେ ପଞ୍ଜାବ କିଙ୍ଗସ୍ ନିର୍ଦ୍ଧାରିତ ଓଭରରେ ୬ ୱିକେଟ ହରାଇ ୧୮୦ ରନ କରିବାକୁ ସକ୍ଷମ ହୋଇଥିଲା । ମ୍ୟାଚର ଶେଷ ଭାଗରେ ଆଶୁତୋଷ ଶର୍ମା ଓ ଶଶାଙ୍କ ସିଂହ ଦ୍ରୁତ ରନ ସଂଗ୍ରହ କରି ଦଳକୁ ବିଜୟର ନିକଟତର କରାଇଥିଲେ ।

ପ୍ରଥମେ ବ୍ୟାଟିଂ କରିଥିବା ସନ୍‌ରାଇଜର୍ସ ପକ୍ଷରୁ ଟ୍ରେଭିସ୍ ହେଡ୍ ୨୧, ଅଭିଶେଷ ଶର୍ମା ୧୬, ନିଶିତ କୁମାର ରେଡ୍ଡୀ ୬୪, ଅବଦୁଲ ସମ୍ପଦ ୨୫, ଶାହାବାଜ ଅହମ୍ମଦ ୧୪ ରନ କରିଥିଲେ । ତେଣୁ ଦଳ ୨୦ଓଭରରେ ୯ ୱିକେଟ ହରାଇ ୧୮୨ ରନ କରିଥିଲା । । ବୋଲିଂରେ ପଞ୍ଜାବର ଅର୍ଶଦୀପ ସିଂହ ସର୍ବାଧିକ ୪ଟି, ସାମକୁରମ ଓ ହର୍ଷାଲ ପଟେଲ ଦୁଇଟି କରି ଓ କାଗିସୋ ରବାଡ଼ାଙ୍କୁ ଗୋଟିଏ ୱିକେଟ ସଫଳତା ମିଳିଥିଲା ।

ପଞ୍ଜାବ କିଙ୍ଗ୍ସ ୧୮୩ ରନର ବିଜୟଲକ୍ଷ୍ୟକୁ ପିଛା କରି ମାତ୍ର ୨ ରନ ପାଇଁ ପଛରେ ରହିଯାଇଥିଲା । ଅଧିନାୟକ ଶିଖର ଧାୱନ ୧୪ ରନ, ସାମ କୁରନ ୨୨ ବଲରୁ ୨୯, ସିକନ୍ଦର ରାଜା ୨୨ ବଲରୁ ୨୮, ଶଶାଙ୍କ ସିଂହ ୨୫ ବଲରୁ ୪୬, ଜିତେସ ଶର୍ମା ୧୧ ବଲରୁ ୧୯ ଓ ଆଶୁତୋଷ ଶର୍ମା ୧୫ ବଲରୁ ୩୩ ରନ କରିଥିଲେ ।

ତେଣୁ ପଞ୍ଜାବ ୨୦ ଓଭରରେ ୱିକେଟ ସଫଳତା ହାସଲ କରିଥିଲେ । ବିଜୟ ସହ ସନ୍‌ରାଇଜର୍ସ ୫ ମ୍ୟାଚରୁ ୬ ପଏଣ୍ଟ ସହ ଟେବୁଲର ୫ମ ସ୍ଥାନକୁ ଉଠିଛି ।

ଆଜିର ମ୍ୟାଚ
ରାଜସ୍ଥାନ – ଗୁଜରାଟ
ସମୟ: ରାତି ୭.୩୦
ସ୍ଥାନ: ଜୟପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୪	୪	୦	୮
କୋଲକାତା	୪	୩	୧	୬
ଲକ୍ଷ୍ନୌ	୪	୩	୧	୬
ଚେନ୍ନାଇ	୫	୩	୨	୬
ସନ୍‌ରାଇଜର୍ସ	୫	୩	୨	୬
ପଞ୍ଜାବ	୫	୨	୩	୪
ଗୁଜରାଟ	୫	୨	୩	୪
ମୁମ୍ବାଇ	୪	୧	୩	୨
ବେଙ୍ଗାଲୁରୁ	୫	୧	୪	୨
ଦିଲ୍ଲୀ	୫	୧	୪	୨

ରତୁପର୍ଣ୍ଣା, ଶ୍ୱେତପର୍ଣ୍ଣାଙ୍କୁ ଅଣଦେଖା

ଭୁବନେଶ୍ୱର, ୯।୪ (ସବ୍ୟୁ) : ଏପ୍ରିଲ ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଚୀନ୍‌ର ଚେଙ୍ଗଡୁରେ ଉବେର କପ ଖେଳାଯାଉଛି । ଏହି ମର୍ଯ୍ୟାଦାଜନକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ଓଡ଼ିଶାର ଦୁଇ ଭଉଣୀ ରତୁପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ପ୍ରସ୍ତୁତି ଶେଷ କରିଥିଲେ । ଭାରତ ଶ୍ରେଷ୍ଠ ଦୁଇ ଡବଲ୍ସ ଯୋଡ଼ି ତନିସା କ୍ରାଷ୍ଟୋ – ଅଶ୍ୱିନୀ ପୋନ୍ନାପ୍ପା ତଥା ତ୍ରିଷା ଜୋଲି – ଗାୟତ୍ରୀ ଗୋପିଚାନ୍ଦ ପ୍ୟାରିସ ଅଲିମ୍ପିକ ପ୍ରସ୍ତୁତି ଦୃଷ୍ଟିକୋଣରୁ ଏହି ପ୍ରତିଯୋଗିତାରୁ ଓହରି ଯାଇଥିଲେ । ଫଳରେ ପଣ୍ଡା ଭଉଣୀଙ୍କ ପାଇଁ ଉବେର କପ ଖେଳିବାର ସୁଯୋଗ ସୃଷ୍ଟି ହୋଇଥିଲା । ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୪୯ ଓ ଭାରତର ୩ ନମ୍ବର ସ୍ଥାନରେ ଦୁହେଁ ରହିଛନ୍ତି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଭାରତୀୟ ବ୍ୟାଡ୍‌ମିଣ୍ଟନ ସଂଘ ପ୍ରିୟା ଦେବୀ-ସ୍ମୃତି ମିଶ୍ରା ତଥା ସିମ୍‌ରନ ସିଂଘାଇ-ରୀତିକା ଠାକରେଙ୍କୁ ଉବେର କପ ଦଳରେ ସାମିଲ କରିଛନ୍ତି । ଏହି ଯୋଡ଼ି ପଣ୍ଡା ଭଉଣୀଙ୍କ ର୍ୟାଙ୍କିଙ୍ଗ୍‌ଠାରୁ କମ। ତଥାପି ଉଭୟ ଯୋଡ଼ିକୁ ସୁଯୋଗ ମିଳିଛି । ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ ସମ୍ପାଦକ ସଞ୍ଜୟ ମିଶ୍ରାଙ୍କ କହିବା ଅନୁସାରେ କୋର୍ ପୁଲେଲା ଗୋପିଚାନ୍ଦ, ବିମଲ କୁମାର, ଜ୍ୱାଲା ଗୁଟ୍ଟା, ମଞ୍ଜୁସା କନୱର, ପାର୍ଥୋ ଗାଙ୍ଗୁଲୀ ଓ ମଲ୍ଲିକା ବାରୁସ ଶର୍ମା ଯୁବ ଖେଳାଳିଙ୍କୁ ସୁଯୋଗ ଦେବାପାଇଁ ଏହି ପଦକ୍ଷେପ ନେଇଛନ୍ତି । ଏହା ବ୍ୟତୀତ ପ୍ରିୟା-ସ୍ମୃତି ଓ ସିମ୍‌ରନ-ରୀତିକା ଜାତୀୟ ସିନିୟର ଚାମ୍ପିଅନ ଓ ରନର୍ସଅପ୍ । ପଣ୍ଡା ଭଉଣୀଙ୍କ ବାପା ତଥା କୋଚ୍ ରାମଚନ୍ଦ୍ର ପଣ୍ଡା କହିଛନ୍ତି, ବିଶ୍ୱ ଚାମ୍ପିଅନସିପ୍ ପାଇଁ ଖେଳାଳି ଚୟନ ବେଳେ ବିଶ୍ୱ ର୍ୟାଙ୍କିଙ୍ଗ୍‌କୁ ଗୁରୁତ୍ୱ ଦିଆଯାଏ । ଶ୍ୱେତପର୍ଣ୍ଣାଙ୍କ ବୟସ ୧୮ ଏବଂ ସେ ଅନେକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଛନ୍ତି । ଉବେର କପ ଦଳ ପାଇଁ ବାଇ ୧୦ରୁ ଏଥର ୮ ଖେଳାଳି ଚୟନ କରିଛି । ଯଦି ୫ଟି ଯୋଡ଼ି ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ହେବା ନିମନ୍ତେ ଓହରିଛନ୍ତି, ତେବେ ସେମାନଙ୍କ ପଛକୁ ଅନ୍ୟ ୫ଜଣଙ୍କୁ କାର୍ହିକି ସୁଯୋଗ ପ୍ରଦାନ କରାନଯିବ ବୋଲି ପ୍ରଶ୍ନ କରିଛନ୍ତି । ଏବେ ପଣ୍ଡା ଭଉଣୀ ଏସିଆନ ଚାମ୍ପିଅନ୍‌ସିପ୍ ଯୋଗ୍ୟତା ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରିବା ନେଇ ଉଦ୍ୟମ ଆରମ୍ଭ କରିଛନ୍ତି । ତେବେ ଏହି ଦୁଇ ଭଉଣୀଙ୍କ ପାଇଁ ଏବେବି ଉବେର କପ ଖେଳିବାର ସୁଯୋଗ ରହିଛି । ଯଦି ବ୍ୟାଡ୍‌ମିଣ୍ଟନ ଆସୋସିଏସନ ଅଫ୍ ଇଣ୍ଡିଆ ମନ ପରିବର୍ତ୍ତନ କରେ, ତାହେଲେ ୧୩ ତାରିଖ ସୁଦ୍ଧା ସେମାନଙ୍କ ନାମ ପଠାଯାଇ ପାରିବ ।

କଟକ ଜିଲ୍ଲା ଆଥ୍‌ଲେଟିକ୍ ମିଟ୍ ବାତିଲ

ଭୁବନେଶ୍ୱର, ୯।୪ (ସବ୍ୟୁ) : କଟକର ସତ୍ୟବ୍ରତ ଷ୍ଟାଡିୟମରେ ଚଳିତ ମାସ ୨୦ ଓ ୨୧ ତାରିଖ ଦୁଇଦିନ ଧରି କଟକ ଜିଲ୍ଲା ଆନୁଆଲ ଆଥ୍‌ଲେଟିକ୍ସ ମିଟ୍ ଆୟୋଜନ ହେବାର ଥିଲା । କିନ୍ତୁ ଏକାଧିକ ସମସ୍ୟା କାରଣରୁ ଏହି ବାର୍ଷିକ ପ୍ରତିଯୋଗିତା ବାତିଲ କରାଯାଇଥିବା କଟକ ଜିଲ୍ଲା ଆଥ୍‌ଲେଟିକ୍ ସଂଘ ସାଧାରଣ ସମ୍ପାଦକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି ।

କଳାହାଣ୍ଡି କପ

ଗଞ୍ଜାମ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ବିଜୟୀ

ଭୁବନେଶ୍ୱର, ୯।୪ (ସବ୍ୟୁ) : ଓଡ଼ିଶା କ୍ରିକେଟ ଆସୋସିଏସନର ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରିଲିମିନାରୀ ଲିଗ୍ ତୃତୀୟ ପର୍ଯ୍ୟାୟ ମୁକାବିଲାରେ ମଙ୍ଗଳବାର ଗଞ୍ଜାମ, କେନ୍ଦ୍ରାପଡ଼ା, ନବରଙ୍ଗପୁର, କଳାହାଣ୍ଡି, ବଲାଙ୍ଗୀର ଓ ସମ୍ବଲପୁର-ବି' ବିଜୟୀ ହୋଇଛନ୍ତି ।

ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୫ ୱିକେଟରେ ଗଜପତିକୁ ହରାଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୪୭ ଓଭରରେ ୬ ୱିକେଟ ହରାଇ ୨୬୬ ରନ କରିଥିଲା । ବିନାୟକ ସାହୁ ୧୧୦ର ଶତକୀୟ ଇନିଂସ ଖେଳିଥିଲେ । ଜବାବରେ ଗଞ୍ଜାମ ୪୬.୧ ଓଭରରେ ୫ ୱିକେଟ ହରାଇ ୨୬୯ ରନ କରିବା ସହ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା । ସୌମ୍ୟ ବିଶ୍ୱାଳ ୧୦୩ ଏବଂ ଓମ୍ ଟି.ମୁଣ୍ଡେ ୧୦୧ ରନ କରିଥିଲେ ।

ରେଭେନ୍ସା ୧ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କେନ୍ଦ୍ରାପଡ଼ା ୮ ୱିକେଟରେ କନ୍ଧମାଳକୁ ହରାଇଛି । ଏହି ମ୍ୟାଚ୍‌ରେ କନ୍ଧମାଳ ୪୦.୧ ଓଭରରେ ୧୩୩ ରନ କରି ଅଲଆଉଟ ହୋଇଥିଲା । ଜବାବରେ କେନ୍ଦ୍ରାପଡ଼ା ୨୪ ଓଭରରେ ୨ ୱିକେଟ ହରାଇ ୧୩୬ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିଲା ।

ରେଭେନ୍ସା ୨ ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ନବରଙ୍ଗପୁର ୧୧୯